

ଆସିଲା 'ଥାମା' ଟିଜର

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-58 ◆FRIDAY ◆22 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୮ ◆ଶୁକ୍ରବାର ◆୨୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସମୂହ ଜୀବନ ହାରିଲେ ପରିବାରର ୫ ସଦସ୍ୟ

■ହାଇଦରାବାଦ୍,୨୧।୮ (ଏଜେନ୍ସି):ହାଇଦରାବାଦ୍‌ରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାର ୫ ଜଣ ସଦସ୍ୟଙ୍କ ମୃତଦେହ ସନ୍ଦେହଜନକ ଭାବେ ଗୋଟିଏ ଘରୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଦୁଇ ବର୍ଷର ଶିଶୁ ମଧ୍ୟ ରହିଛି। ମୃତକଙ୍କ ମଧ୍ୟରେ ଜଣେ ପୁରୁଷ (୬୦), ତାଙ୍କ ପତ୍ନୀ (୫୫), ଝିଅ (୨୪), ଜ୍ୱାଇଁ (୩୨)ଓ ଦୁଇବର୍ଷର ଶିଶୁ ରହିଛନ୍ତି। ମିୟାପୁର ପୁଲିସ ଥାନ୍ ଅନ୍ତର୍ଗତ ମକଥା ମେହବୁବପେଟ୍‌ରେ ଏହି ଘଟଣା ଘଟିଛି। ପଡୋଶୀଙ୍କଠାରୁ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଏହି ପରିବାର କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାର ଆସି ଏଠାରେ ଗତ ୬ ବର୍ଷ



ଋଣ ଚାପ

ହେବ ରହୁଥିଲେ। ଏମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ମୃତଦେହଗୁଡିକୁ ଶବ ବ୍ୟବଛେଦ ପାଇଁ ପଠାଯାଇଛି। ଘରର ମୁଖ୍ୟ ଲକ୍ଷ୍ମୀମାଇଆ ଜଣେ ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ପୂର୍ବରୁ ଋଣ କରିଥିବାରୁ ଓ ଏହାକୁ ପରିଶୋଧ କରିବା ଉଦ୍ଦେଶ୍ୟରେ ରୋଜଗାର ପାଇଁ ଏହି ପରିବାର ହାଇଦରାବାଦ ସ୍ଥାନାନ୍ତର ହୋଇଥିଲେ। ଋଣ ବୋଝ ଓ ଆର୍ଥିକ ଅନାଟନ ପାଇଁ ସମସ୍ତେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ତେବେ ଶବ ବ୍ୟବଛେଦ ରିପୋର୍ଟ ସହିତ ତଦନ୍ତ ସରିବା ପରେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଆଶା ପୁଲିସ ପକ୍ଷରୁ କୁହାଯାଇଛି।

## ଭାରତ-ପାକ୍ ଏସିଆ କପ୍ ମ୍ୟାଚ୍‌କୁ ସବୁଜ ସଙ୍କେତ

■ ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ଏସିଆ କପ୍ କ୍ରିକେଟ୍ ମ୍ୟାଚକୁ କେନ୍ଦ୍ର କ୍ରୀଡ଼ା ବିଭାଗର ସବୁଜ ସଙ୍କେତ ମିଳିଛି। ନୂଆ ନୀତି ଅନୁଯାୟୀ ଭାରତ କୌଣସି ଦ୍ୱିପାକ୍ଷିକ ସିରିଜ କିମ୍ବା ଇଭେଣ୍ଟରେ ପାକିସ୍ତାନ ସହ ଖେଳିବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ଅଂଶଗ୍ରହଣ କରୁଥିବେ ସେଥିରେ ଭାରତୀୟ ଖେଳାଳି ଏବଂ ଦଳକୁ ଖେଳିବା ଲାଗି ବାରଣ କରାଯିବ ନାହିଁ। କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର



ଏହି ସୂଚନା ଦିଆଯିବା ପରେ ଏସିଆ କପ୍ କ୍ରିକେଟ୍‌ରେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦୀର୍ଘଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରର ୧୭ତମ ସଂସ୍କରଣ ସେପ୍ଟେମ୍ବର ୯ରୁ ୟୁଏଇରେ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ଓ ପରେ ଭାରତର 'ଅପରେସନ ସିନ୍ଦୂର'କୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିଲା। ଏପରିକି ପାକିସ୍ତାନ ସହ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳିବା ଲାଗି ଦେଶରୁ ସ୍ୱର ଉତ୍ତୋଳନ ହୋଇଥିଲା।

# ହଟିବ ୧୨%, ୨୮% ଜିଏସ୍‌ଟି ସ୍ଲାବ୍

**ବିଳାସ ସାମଗ୍ରୀ ଉପରେ ଲାଗିବ ୪୦% ଟିକସ**

- ମନ୍ତ୍ରୀ ସ୍ତରୀୟ ବୈଠକରେ ପ୍ରସ୍ତାବକୁ ମଞ୍ଜୁରୀ
- ଜିଏସ୍‌ଟି ସରଳୀକରଣକୁ ମିଳିଲା ସହମତି
- ଶସ୍ତା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

■ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଚାରିଟି ଜିଏସ୍‌ଟି ସ୍ଲାବ ବଦଳରେ ଏଣିକି ଦୁଇଟି ଜିଏସ୍‌ଟି ସ୍ଲାବ୍ ରହିବ । ପ୍ରଚଳିତ ବ୍ୟବସ୍ଥାରେ ଥିବା ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ଟିକସ ସ୍ଲାବରୁ ୧୨ ପ୍ରତିଶତ ଓ ୧୮ ପ୍ରତିଶତକୁ ଟିକସକୁ ପ୍ରତ୍ୟାହାର କରାଯିବ। ଯେଉଁ ସାମଗ୍ରୀଗୁଡ଼ିକରୁ ୨୮% ଟିକସ ନିଆଯାଉଥିଲା, ତାହାକୁ ୧୮% ବର୍ଗରେ ରଖାଯିବ ଏବଂ ୧୨% ଟିକସ ବର୍ଗକୁ ୫ ପ୍ରତିଶତକୁ ହ୍ରାସ କରାଯିବ। ଯାହା ଫଳରେ ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦର ମନ୍ତ୍ରୀଗୋଷ୍ଠୀ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଏହା ଲାଗୁ ହେଲେ ସିମେଣ୍ଟ, ପ୍ରସାଧନ ସାମଗ୍ରୀ, ସାଧାରଣ ପରିବହନରେ ବ୍ୟବହୃତ ବାହନ, କୃଷି ଯନ୍ତ୍ରାଂଶ, ସୌର ପ୍ୟାନେଲ, ଟାୟାର ଆଦିର ମୂଲ୍ୟ ହ୍ରାସ ପାଇବ।

ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ସାରା ଦେଶରେ ଲୋକଙ୍କ ମଧ୍ୟରେ ଅସନ୍ତୋଷତେଜିବାରେଲାଗିଛି।କେନ୍ଦ୍ରସରକାରଙ୍କ ଉପରେ ଏଥିପାଇଁ ଚାପ ବଢୁଛି। ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବଜାର କାରବାର ଦ୍ରୁତ କରାଯିବାର ଆବଶ୍ୟକତା ରହିଛି।

ଏହି ପରିପ୍ରେକ୍ଷୀରେ ଦରଦାମ ତାତିରୁ ଖାଉଟିଙ୍କୁ ରିହାତି ନ ମିଳିଲେ ଦେଶର ଅର୍ଥନୀତି ଆଗକୁ ବଢ଼ିବ ନାହିଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ତେଣୁ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଜିଏସ୍‌ଟି ସରଳୀକରଣକୁ ସହମତି ମିଳିଛି। ଯାହାଫଳରେ ଜିଏସ୍‌ଟି ବ୍ୟବସ୍ଥାରେ ରହିଥିବା ୧୨% ଏବଂ



୨୮% ସ୍ଲାବ୍ ହଟିବ ବୋଲି ଆଶା କରାଯାଉଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଗୋଷ୍ଠୀର ସୁପାରିସକୁ ଅନୁମୋଦନ ମିଳିଲେ ନୂତନ ଟିକସ ହାର ୨୦୨୬ ପ୍ରାରମ୍ଭ ସୁଦ୍ଧା କାର୍ଯ୍ୟକାରୀ ହୋଇପାରେ ବୋଲି କୁହାଯାଉଛି।

ବୈଠକ ନିଷ୍ପତ୍ତି ଅନୁସାରେ ଜିଏସ୍‌ଟି ହାରକୁ କେବଳ ଦୁଇଟି ସ୍ଲାବରେ ବିଭକ୍ତ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ହାର ଲାଗୁ ହେବ ଏବଂ ଅନ୍ୟ ସେବାମୂଳକ ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ସ୍ଲାବ୍ ରହିବ। ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ପ୍ରାୟ ୯୯% ସାମଗ୍ରୀ ଏବେ ୫% ସ୍ଲାବ ଅଧୀନକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ୨୮% ଟିକସ ଲାଗୁ ହେଉଥିବା ପ୍ରାୟ ୯୦% ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବୈଠକରେ ମନ୍ତ୍ରୀ ଗୋଷ୍ଠୀ ଏହା ମଧ୍ୟ ପ୍ରସ୍ତାବ ଦେଇଛି ଯେ ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ହାରରେ ଟିକସ ଲାଗୁ କରାଯିବା ଉଚିତ। ଏହାସହିତ, କିଛି ହାନୀକାରକ ଦ୍ରବ୍ୟକୁ ମଧ୍ୟ ଏହି ସ୍ଲାବରେ ରଖାଯିବ। ମନ୍ତ୍ରୀ ଗୋଷ୍ଠୀରେ ଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ▶ପୃଷ୍ଠା-୭

## ଅଚଳାବସ୍ଥା ମଧ୍ୟରେ ସରିଲା ଅଧିବେଶନ

### ଲୋକସଭା ଚାଲିଲା ୩୭ ଘଣ୍ଟା, ରାଜ୍ୟସଭା ୪୧ ଘଣ୍ଟା

■ ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଅରକୁ ନେଇ ଅଚଳ ରହିଥିବା ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। ଅପରେସନ ସିନ୍ଦୂର ଆଲୋଚନାକୁ ଛାଡ଼ିଦେଲେ ଆଉ କୌଣସି ଦିନ ସଂସଦ ଚାଲିପାରି ନାହିଁ। ଏକ ମାସ ଧରି ଚାଲିଥିବା ସଂସଦର ଏହି ଅଧିବେଶନରେ ଆଲୋଚନା ପାଇଁ ୧୨୦ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ଲୋକସଭାରେ ମାତ୍ର ୩୭ ଘଣ୍ଟା ଆଲୋଚନା ହୋଇଥିବା ବେଳେ ରାଜ୍ୟସଭାରେ ୪୧ ଘଣ୍ଟା ପାଇଁ ଆଲୋଚନା ହୋଇଛି। ଅନ୍ୟ ସମୟ ସବୁ ପ୍ରବଳ ହଟ୍ଟଗୋଳ ଓ ୱାକଆଉଟ୍ ଯୋଗୁଁ ଧୋଇ ହୋଇଯାଇଛି।



**ଲୋକସଭାରେ ୧୨, ରାଜ୍ୟସଭାରେ ୧୫ ବିଲ୍ ପାସ**

ତେବେ ଯେତେ ସମୟ ଧରି ସଂସଦ ଚାଲିଲା, ତାହା ମଧ୍ୟରେ ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ୧୫ଟି ବିଲ୍ ଗୃହୀତ ହୋଇପାରିଛି। ତେବେ ଏହି ଅଧିବେଶନରେ ସବୁଠାରୁ ଚର୍ଚ୍ଚିତ ଘଟଣା ଥିଲା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା। ଗତମାସ ୨୧ ତାରିଖରେ ସଂସଦ ଅଧିବେଶନ ଆରମ୍ଭ ହେବାପରେ ସନ୍ଧ୍ୟା ବେଳେ ସେ ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ପ୍ରକୃତ କାରଣ ଏବେ ବି ରହସ୍ୟରେ ରହିଛି।

ସଂସଦ ଅଧିବେଶନର ପ୍ରଥମ ସପ୍ତାହ ବିହାର ଭୋଟର ତାଲିକା ସଂଶୋଧନ ▶ପୃଷ୍ଠା-୭

## ସେପ୍ଟେମ୍ବର ୧୮ରୁ ମୌସୁମୀ ଅଧିବେଶନ



### ୨୫ରେ ସରିବ ଅଧିବେଶନ, ରହିଛି ୭ଟି କାର୍ଯ୍ୟ ଦିବସ

■ ଭୁବନେଶ୍ୱର, ୨୧।୮ (ସମିସ): ସେପ୍ଟେମ୍ବର ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆରମ୍ଭ ହେବ। ବିଧାନସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି ।।ଯେ ଅଧିବେଶନ ୧୮ ତାରିଖରୁ ଆରମ୍ଭ ହୋଇ ତୋରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିଥିବା ବେଳେ ଏକାଧିକ ପ୍ରସଙ୍ଗକୁ ନେଇ ଗୃହ ସରଗରମ ରହିବା ନେଇ ଅନୁମାନ କରାଯାଉଛି। ଆସନ୍ତା ଅଧିବେଶନ ରାଜ୍ୟ ସରକାରଙ୍କ ପାଇଁ ସହଜ ହୋଇନପାରେ। ନିକଟରେ ଏକାଧିକ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ

**ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ ପାଇଁ ବିରୋଧୀଙ୍କ ସଜବାଜ**

**ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ପାଲଟିବ ମୁଖ୍ୟ ପ୍ରସଙ୍ଗ**

**ସରକାରଙ୍କ ଦମ୍ଭୋକ୍ତି, ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତୁତ**

ଷଣ୍ଢଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରୁଛନ୍ତି ରାଜନୈତିକ ସମୀକ୍ଷକ। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ସମସ୍ୟା, ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ▶ପୃଷ୍ଠା-୭

### ୧୭ ଆଇପିଏସ୍, ୧୩ ଓପିଏସ୍‌ଙ୍କ ବଦଳି

## ପ୍ରତୀକ ସିଂ ପୁରୀ ଏସ୍‌ପି

■ ଭୁବନେଶ୍ୱର, ୨୧।୮ (ସମିସ): ରାଜ୍ୟ ସରକାର ଆଇପିଏସ୍ ଓ ଓପିଏସ୍ ସ୍ତରରେ ଏକ ବଡ଼ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତିରେ ୧୭ଜଣ ଆଇପିଏସ୍ ଏବଂ ୧୩ ଓପିଏସ୍‌ଙ୍କୁ ବଦଳି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏସ୍‌ସିଆରବି ନିର୍ଦ୍ଦେଶକ ସନ୍ତୋଷ ବାଲାଙ୍କୁ ଏସ୍‌ଏଫଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଏସ୍. ପ୍ରବୀନ କୁମାରଙ୍କୁ ଆଇଜି ପ୍ରୋଭିଜନିଂକୁ ବଦଳି କରାଯାଇଛି। ସେହିପରି ହେଡ୍‌କ୍ୱାର୍ଟର୍ସରେ ଥିବା ଗଜଭିଏ ଶତୀଶ୍ କୁମାରଙ୍କୁ ଆଇଜି ସ୍ପେଶାଲ ଆର୍ମଡ ପୁଲିସକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଆଇଜି ଭାବେ ବଦଳି କରାଯାଇଛି। ସ୍ପେଶାଲ ଆର୍ମ୍ ପୁଲିସ ଆଇଜି ଅଭିନାଶ କୁମାରଙ୍କୁ ରାଜ୍ୟ ଅପରାଧ ନଥି ଶାଖାର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ସେହିପରି ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳର ଡିଆଇଜି ଭାବେ ବଦଳି କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ୍ ପରଶୋତ୍ତମ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ▶ପୃଷ୍ଠା-୭

## ନିୟମିତ ହେବେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକ

### ଆସନ୍ତା ୩ ବର୍ଷରେ ପ୍ରାଥମିକ ଶିକ୍ଷା ପାଇଁ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ

■ ଭୁବନେଶ୍ୱର,୨୧।୮ (ସମିସ): ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହିକ୍ରମରେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ଟି ପଦବୀ ସୃଷ୍ଟି କରାଯିବ। ଏହାସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି



**ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ: ମୁଖ୍ୟମନ୍ତ୍ରୀ**

**ରାଜ୍ୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମିଶି ହେବ ଗୋଟିଏ ବୋର୍ଡ**

ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗୁରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ▶ପୃଷ୍ଠା-୭

## କେନ୍ଦ୍ର ନିୟନ୍ତ୍ରଣରେ ନାହିଁ ଏଫ୍‌ସିଆଇ

### ମିଲ୍‌ରେ ଚାଉଳ ଭର୍ତ୍ତି; ଖରିଫ ଧାନ ଉଠିବ କେମିତି

■ ଭୁବନେଶ୍ୱର, ୨୧।୮ (ସମିସ): ଓଡ଼ିଶା ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରୁଛି ଏଫ୍‌ସିଆଇ। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଏଫ୍‌ସିଆଇ ଯେଉଁପରି ମନୋଭାବ ଦେଖାଉଥିଲା, ଏବେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ମଧ୍ୟ ଅନୁରୂପ ମନୋଭାବ ଦେଖାଉଛି। ସେତେବେଳେ ତତ୍‌କାଳୀନ ରାଜ୍ୟ ସରକାର, ବିଜେଡ଼ିର ସାଂସଦମାନେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ରାଜ୍ୟରୁ ନିର୍ବାଚିତ ଶାସକ ଦଳର ୨୦ ସାଂସଦ ଏ ପ୍ରସଙ୍ଗରେ ନିରବ ଥିବାବେଳେ କେବଳ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏହାକୁ ନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

**ଏଫ୍‌ସିଆଇ ମନମାନିକୁ ସ୍ୱୀକାର କଲେ ରାଜସ୍ୱ ମନ୍ତ୍ରୀ**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଖରିଫ୍ ଋତୁରେ ରାଇସ ମିଲ୍ ଗୋଦାମ ଖାଲି ନ ହେଲେ ଅସୁବିଧା ହେବ। ଏଫସିଆଇ ଧାନ ଉଠାଣ ନେଇ ସମସ୍ୟା ଅଛି। କିଛି ନିୟମର ପରିବର୍ତ୍ତନ ଆବଶ୍ୟକ ରହିଛି। ଓଡ଼ିଶାରୁ କିପରି ଏଫସିଆଇ ଧାନ ଉଠାଇବ, ତାହା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଡ଼ୋଶୀ ରାଜ୍ୟମାନେ ଆସି ଓଡ଼ିଶାରେ ଧାନ ବିକ୍ରି କରୁଛନ୍ତି। କିଛି ତ୍ରୁଟିବିଚ୍ୟୁତି ରହିଛି। ତେଣୁ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବିଜେଡ଼ି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ। ସେ କହିଛନ୍ତି ଯେ ଯେଉଁମାନେ ବିରୋଧୀରେ ଥିଲେ, ସେମାନେ ସରକାରରେ ଅଛନ୍ତି। କ୍ଷମତାକୁ ଆସିଲା ପରେ ▶ପୃଷ୍ଠା-୭

## ସାରା ରାଜ୍ୟରେ ସାର କଳାବଜାର

### ଚାରିଗୁଣା ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ

■ ଭୁବନେଶ୍ୱର, ୨୧।୮ (ସମିସ): ଚାଷୀ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପଞ୍ଜୀକରଣ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ଏବେ ଧାନ ରୋଇବା ପରେ ସାର ଅଭାବ ଚାଷୀଙ୍କୁ ନାକରେ କନ୍ଦାଇ ସାରିଲାଣି। ରାଜ୍ୟବ୍ୟାପୀ ଲାମ୍ପସ୍ ଓ ସମବାୟ ଆଗରେ ଚାଷୀମାନେ ଯାଇ ଧାରଣା ଆନ୍ଦୋଳନ କରୁଛନ୍ତି କେବେ ସାର ମିଳିବ, ତା'ର ଉତ୍ତର ମିଳୁନାହିଁ। ଯେଉଁ ୟୁରିଆ ସାର ସରକାରୀ ଭାବେ ୨୬୬ଟଙ୍କା ବାହାରେ ୭ଶହରୁ ୮ଶହ ଟଙ୍କାରେ ବିକ୍ରି ହେଉଛି। ଏତେ ଟଙ୍କା ଦେଇ ଚାଷୀମାନେ କିଣିବାକୁ ସକ୍ଷମ ହେଉନାହାନ୍ତି।

ସାରା ରାଜ୍ୟରେ ୟୁରିଆ ସାର ଅଭାବ। ସାଲେପୁରରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କୋରାପୁଟ ସବୁଠି ସାର ଅଭାବକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ସରକାର କହୁଛନ୍ତି, କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରନ୍ତୁ। ଚାଷୀଙ୍କ ପାଖକୁ ଯାଇ ସମସ୍ୟା ବୁଝି ସମାଧାନ କରନ୍ତୁ। ଅନ୍ୟପଟେ ଚାଷୀ ବାଧହୋଇ ଚାଷ ସମୟରେ ବିଲବାଡ଼ି ଛାଡ଼ି ପ୍ରତିବାଦ, ଆନ୍ଦୋଳନରେ ସାମିଲ ହେଉଛନ୍ତି। କ୍ଷେତରେ ଫସଲ ଉଜୁଡ଼ିଯିବାକୁ ବସିଲାଣି। ଅଧିକାଂଶ ପ୍ୟାକ୍ସରେ ସାର ଆଦୌ ନାହିଁ। ଯେଉଁଠି ଅଛି, ଆଧାର କାର୍ଡ ଦେଖାଇଲେ, ଗୋଟିଏ ବସ୍ତା



**୧୦ ବସ୍ତା ସ୍ଥାନରେ ମିଳୁଛି ଗୋଟିଏ ବସ୍ତା**

**ରାଜ୍ୟସାରା ଅସୁବିଧା; ସରକାର ବେଫିକର୍**

ସାର ଦେଉଛନ୍ତି। ପ୍ରତ୍ୟେକ ଚାଷୀ ଏକର, ଦୁଇ ଏକର ଲେଖାଁଏ ଚାଷ କରିଛନ୍ତି, ସେଠି ଗୋଟିଏ ବସ୍ତା ସାର ନେଇ କିଭଳି ନିଜର ଆବଶ୍ୟକତା ପୂରଣ କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଜଣେ ପ୍ୟାକ୍ସ ସଭାପତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ପର୍ଯ୍ୟାପ୍ତ ସାର ଯୋଗାଡ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ସରକାର ଆମକୁ ନ ଦେଲେ, ଆମେ କୋଉଠୁ ଦେବୁ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ୟାକ୍ସରେ ସାର ମିଳୁନଥିବା ବେଳେ ବାହାର ଖୋଲାବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ସାର ଅଭାବ କୃତ୍ରିମ ବୋଲି ଚାଷୀମାନେ ▶ପୃଷ୍ଠା-୭

## ୟୁକ୍ରେନ ଉପରେ ୫୭୪ ଡ୍ରୋନ୍, ୪୦ କ୍ଷେପଣାସ୍ତ୍ର ଆକ୍ରମଣ

କିଭ୍, ୨୧।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ କୂଟନୈତିକ ପ୍ରୟାସ ଜାରି ରଖିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହିତ ଆଲୋଚନା ପରେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ସହିତ ହ୍ୱାଇଟ୍ ହାଉସରେ ଆଲୋଚନା କରିଛନ୍ତି। ଏହାପରେ ଶାନ୍ତିର ରାସ୍ତା ଫିଟିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଇ ଦେଶ ପଛକୁ ହଟିବାକୁ ପ୍ରସ୍ତୁତ ନାହାନ୍ତି। ରୁଷିଆ ଇତିମଧ୍ୟରେ ବର୍ଷର ତୃତୀୟ ବୃହତ୍ ଆକ୍ରମଣ କରିଛି ବୋଲି ୟୁକ୍ରେନ ଗୁରୁବାର ଦାବି କରିଛି। ଗତ ରାତିରେ ରୁଷିଆ ୫୭୪ଟି ଡ୍ରୋନ ଓ ୪୦ଟି ମିସାଇଲ ମାଡ଼ କରିଛି ବୋଲି ୟୁକ୍ରେନ୍ ବାୟୁସେନା ଦାବି କରିଛି। ଏହି ଆକ୍ରମଣରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ପଶ୍ଚିମାଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ୟୁକ୍ରେନ ତରଫରୁ କୁହାଯାଇଛି। ଏହି ଆକ୍ରମଣ ଶାନ୍ତି ପ୍ରୟାସକୁ ବାଟବଣା କରିବ ବୋଲି ଆଶଙ୍କା କରାଯାଉଛି।

## ଇମ୍ରାନ ଖାନ୍‌ଙ୍କୁ ୮ଟି ମାମଲାରେ ଜାମିନ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ପାକିସ୍ତାନ ସୁପ୍ରିମକୋର୍ଟ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ୨୦୨୩ ମେ ୯ ତାରିଖରେ ହୋଇଥିବା ଦଙ୍ଗା ସହିତ ଜଡିତ ୮ଟି ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଏହି ଦିନ ଇମ୍ରାନଙ୍କ ସମର୍ଥକମାନେ ରାୱଲପିଣ୍ଡିର ସେନା ଜେନରାଲ ମୁଖ୍ୟାଳୟରେ ଓ ଲାହୋରସ୍ଥିତ ସେନା ଅଧିକାରୀଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଇମ୍ରାନ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ୩ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଇମ୍ରାନ ଏବେ ରାୱଲପିଣ୍ଡିର ଆଡିଆଲା ଜେଲ୍‌ରେ ରହିଛନ୍ତି। କୋର୍ଟଙ୍କ ଏହି ରାୟ ସତ୍ତ୍ୱେ ଇମ୍ରାନ ଜେଲ୍‌ରୁ ମୁକ୍ତ ହେବେ ନାହିଁ। କାରଣ ତାଙ୍କ ନାମରେ ଆହୁରି ଏକାଧିକ ମାମଲା ରୁଜୁ କରାଯାଇଛି। ସେ ମଧ୍ୟ ୫୦ ଶହ କୋଟି ଟଙ୍କାର ଦୁର୍ନୀତି ମାମଲାରେ ୧୪ ବର୍ଷର ଜେଲ ଦଣ୍ଡ କାଟୁଛନ୍ତି। ଦଙ୍ଗାବେଳେ ଇମ୍ରାନ ଜେଲରେ ଥିବାରୁ ତାଙ୍କୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ ଦଲିଲ ଦେ ଇଥିଲେ। ଇମ୍ରାନ ଏହି ଦଙ୍ଗା ପାଇଁ ସମର୍ଥକଙ୍କୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

## ମାଲାୟଲମ୍ ଅଭିନେତ୍ରୀଙ୍କ ଅଭିଯୋଗ ପରେ ଇସ୍ତଫା ଦେଲେ କଂଗ୍ରେସ ବିଧାୟକ

ତିରୁଅନନ୍ତପୁରମ, ୨୧।୮ (ଏଜେନ୍ସି): ମାଲାୟଲମ ଅଭିନେତ୍ରୀ ରିନି ଅନ୍ ଜର୍ଜ କେରଳ ଯୁବ କଂଗ୍ରେସ ସଭାପତି ତଥା ପଲକ୍କାଡ ବିଧାୟକ ରାହୁଲ ମାମାକୁଟ୍ଟାଥଲିଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାହୁଲ ତାଙ୍କୁ ଆପତ୍ତିଜନକ ମେସେଜ ଦେବା ସହ ହୋଟେଲକୁ ଡାକିଥିଲେ ବୋଲି ରିନି ଅଭିଯୋଗ କରିଛନ୍ତି। ଏ ନେଇ ରାହୁଲ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ବରୋଧୀ ଦଳ ତରଫରୁ ଚାପ ପ୍ରୟୋଗ ହେବା ପରେ ସେ ଗୁରୁବାର ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ରାହୁଲଙ୍କ ବିରୋଧରେ କଂଗ୍ରେସ ପାର୍ଟି ଆଭ୍ୟନ୍ତରିଣ ଯାଞ୍ଚ ଆରମ୍ଭ କରିଛି। ବିଜେପି, ସିପିଆଇ(ଏମ୍), ଡିୱାଇଏଫ୍ଆଇର ଯୁବ ମୋର୍ଚ୍ଚା ଏହି ମାମଲାରେ ରାହୁଲଙ୍କ ଇସ୍ତଫା ଦାବି କରିଥିଲେ। ରାହୁଲ ଗତ ୩ ବର୍ଷ ହେବ ମୋ ସହିତ ଅଶାଳୀନ ବ୍ୟବହାର କରୁଥିଲେ ବୋଲି ରିନି କହିଛନ୍ତି। ରାହୁଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେରଳ କଂଗ୍ରେସ ବିଧାୟକ ଦଳର ନେତା ଭିଡି ସତୀଶାନ କହିଛନ୍ତି।

### ଆସାମରେ ଅନୁପ୍ରବେଶ ରୋକିବାକୁ ନୂଆ ପ୍ରୟାସ

## ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ଆଧାରକାର୍ଡ ମନା

ଦିସପୁର, ୨୧।୮ (ଏଜେନ୍ସି): ଆସାମରେ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ଏବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଧାରକାର୍ଡ ଦିଆଯିବ ନାହିଁ। ଏ ନେଇ ଆସାମ କ୍ୟାବିନେଟ ଗୁରୁବାର ନିଷ୍ପତ୍ତି ନେଇଛି। ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବାରୁ ରୋକିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ୧୮ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଆଧାର କାର୍ଡ ପାଇଁ ଆବେଦନ କରିବାକୁ ଗୋଟିଏ ମାସର ସମୟ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ଚା ଜନଜାତିର ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଅଧାରକାର୍ଡ ଆବେଦନ କରିବାକୁ ଗୋଟିଏ ବର୍ଷର ସମୟ ଦିଆଯାଇଛି। ଏହାଦ୍ୱାରା ନାଗରିକମାନଙ୍କର ପ୍ରକୃତ ପରିଚୟ ମିଳିପାରିବ ଓ ଅନୁପ୍ରବେଶକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇପାରିବ। ସେହିପରି ବିଶେଷ ପ୍ରକାର ସ୍ଥିତିରେ ଡେପୁଟି କମିସନର ହିଁ ନୂଆ ଆଧାରକାର୍ଡ ଜାରି କରିପାରିବେ। ଏହାଦ୍ୱାରା ଅବୈଧ ଅନୁପ୍ରବେଶକାରୀ ଆସାମରେ ଆଧାରକାର୍ଡ ପାଇବେ ନାହିଁ ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ମେଘାଳୟର ଭାରତ-ବାଂଲା ସୀମାରେ କର୍ଫ୍ୟୁ

ଶିଲଂ, ୨୧।୮ (ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ଇଷ୍ଟ ଖାସୀ ହିଲ୍ସ ଜିଲ୍ଲାରେ ଭାରତ- ବାଂଲାଦେଶ ସୀମା ନିକଟରେ ଏକ କିମି ଅଞ୍ଚଳ ମଧ୍ୟରେ କର୍ଫ୍ୟୁ ଜାରି କରାଯାଇଛି। ଅଗଷ୍ଟ ୮ରେ କେତେକ ସଶସ୍ତ୍ର ବ୍ୟକ୍ତି ଅନୁପ୍ରବେଶ କରିବା ପରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ଆରଏମ୍ କୁର୍ବାହ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଆଦେଶ ଅନୁସାରେ ପ୍ରତିବନ୍ଧିତ ଅଞ୍ଚଳ ଅର୍ଥାତ ନୋଟିଫାଏ ଜୋନ୍‌ରେ ରାତି ୮ରୁ ସକାଳ ୬ଟା ପର୍ଯ୍ୟନ୍ତ ଲୋକଙ୍କ ଯିବା ଆସିବା ନିଷେଧ କରାଯାଇଛି। ଅନ୍ତରାଷ୍ଟ୍ରୀୟ ସୀମା ପାର କରିବା କିମ୍ବା ୫ରୁ ଅଧିକ ଲୋକ ଏକାଠି ହେବା ଓ ଅସ୍ତ୍ର କିମ୍ବା ଅସ୍ତ୍ର ଭଳି କୋଣସି ଜିନିଷ ନେବାକୁ ବାରଣ କରାଯାଇଛି।



## ମହାକାଶରେ ଡର ଲାଗୁଥିଲା

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆକ୍ସିଅମ-୪ ମିସନରେ ସାମିଲ ହୋଇ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ୍)ରେ ଦୁଇ ସପ୍ତାହ ବିତାଇଥିଲେ। ସେ ମିସନ ପାଇଲଟ ଭାବେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିଲେ। ଆଇଏସ୍ଏସ୍‌ରେ ଦୁଇ ସପ୍ତାହ ରହିବା ମଧ୍ୟରେ ସେ ଏକାଧିକ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିପାଇଁ ସେ ଉଚ୍ଚକୋଟୀର ପ୍ରଶିକ୍ଷଣ ନେଇଥିଲେ। ମହାକାଶରେ ସମୟ ବିତାଇବା ନିଶ୍ଚିତ ଭାବେ ଏକ ଭିନ୍ନ ପ୍ରକାର ଅନୁଭବ ଥିଲା ବୋଲି ସେ ଦିଲ୍ଲୀର ମିଡିଆ ସେଣ୍ଟରରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ଧିରେନ୍ଦ୍ର ଓଝା, ଇସ୍ରୋ ମୁଖ୍ୟ ଡ. ଭି ନାରାୟନନ, ଭାରତୀୟ ବାୟୁସେନା ଉଡାନ ପ୍ରଶିକ୍ଷକ ତଥା ଟେଷ୍ଟ ପାଇଲଟ ପ୍ରଶାନ୍ତ ଭି ନାଏର ଉପସ୍ଥିତ ଥିଲେ। ଆଇଏସ୍ଏସ୍‌ରେ ରହିବା ବେଳେ ଭୟ ଲାଗୁଥିଲା। ଯଦି ଆମେ କହିବା ଡର ଲାଗୁ ନଥିଲା, ତାହେଲେ ଏହା ଭୁଲ ହେବ। ସମସ୍ତଙ୍କୁ ଭୟ ଲାଗିଥାଏ। କିନ୍ତୁ ଆମ ପଛରେ ଏକ ଭରସାଯୋଗ୍ୟ ଟିମ୍ ରହିଥାଏ ଓ ଏହି ଟିମ୍‌କୁ ଆମେ ଆମର ଜୀବନ ବିଶ୍ୱାସର ସହିତ ଅର୍ପଣ କରିଥାଉ। ତେଣୁ ଭୟ ଓ ଚାପକୁ ନିୟନ୍ତ୍ରଣ କରିବାରେ ଆମେ ବହୁ ପରିମାଣରେ ସମର୍ଥ ହୋଇଥାଉ। ଆଇଏସଏସ୍‌ରେ ରହିବା ବେଳେ ଆମକୁ ଅତିରିକ୍ତ ଜ୍ଞାନ ମିଳିଥାଏ ଓ ଏହା ବହୁତ ମୂଲ୍ୟବାନ। ଆଗକୁ ଏହି ଜ୍ଞାନ ଭାରତର ଗଗନୟାନ ମିସନ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପାଇଁ ବେଶ୍ ଉପାଦେୟ ହେବ ବୋଲି ସେ କହିଛନ୍ତି। ଖୁବ୍ ଶୀଘ୍ର ଆମେ ଆମ ରକେଟ ଓ ନିଜ ମାଟିରୁ ଯେକୌଣସି ବ୍ୟକ୍ତିଙ୍କୁ ଅନ୍ତରୀକ୍ଷ ପଠାଇବୁ ବୋଲି ସେ କହିଛନ୍ତି। ଶୁଭାଂଶୁଙ୍କ ଆଗାମୀ ମିସନ ଗଗନୟାନ ହେବ ଓ ସେ ଏଥିପାଇଁ ପ୍ରସ୍ତୁତି କରିବେ ବୋଲି କହିଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

### ରାଜ୍ୟପାଳ ଦାୟିତ୍ୱରେ ଅବହେଳା କଲେ କୋର୍ଟ କ'ଣ ଚୁପ ବସିବେ?

ନୂଆଦିଲ୍ଲୀ, ୨୧।୮: ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ କୌଣସି ନିଷ୍ପତ୍ତି ନନେଇ ରାଜ୍ୟପାଳ ବସି ରହିଲେ, ଏହାର ସମାଧାନ ବାଟ କଣ? ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ ସାମ୍ବିଧାନିକ କୋର୍ଟ କ'ଣ ହାତ ବାନ୍ଧି ବସିବେ? ସୁପ୍ରିମକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଏଭଳି ପ୍ରଶ୍ନବାଣରେ ଘେରିଛନ୍ତି।

### ସବୁ ସମସ୍ୟାର ସମାଧାନ କୋର୍ଟ ନୁହେଁ: କେନ୍ଦ୍ର



ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ କି? ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଥିଲେ। ପ୍ରଧାନ ବିଚାରପିତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ଆଜି ଶୁଣାଣି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି କରିଥିଲେ ଯେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ। ସମ୍ବିଧାନରେ କୋର୍ଟ, ସଂସଦ ଓ କାର୍ଯ୍ୟପାଳିକା ପାଇଁ ସୀମା ଧାର୍ଯ୍ୟ କରାଯାଇଛି ଏବଂ କେହି ଏହାର ଉଲ୍ଲଂଘନ କରିପାରିବେ ନାହିଁ। ଏହା ହେଲେ ବଡ଼ଧରଣର ବିଭ୍ରାଟ ସୃଷ୍ଟି ହେବ। ଏହାର ଜବାବ ଦେବାକୁ ଯାଇ ବେଞ୍ଚ ପ୍ରଶ୍ନ କରିଥିଲେ ଯେ ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ କୋର୍ଟ କଣ ଚୁପ୍ ହୋଇବସିବେ। ଏଭଳି ପରିସ୍ଥିତିରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରିବା କଣ ଭୁଲ? ଯଦି ଏହା ଭୁଲ, ତାହାହେଲେ ଏହାର ସମାଧାନ ବାଟ କଣ? ଏହି ସମୟରେ ତୁଷାର ମେହେଟ୍ଟା କହିଥିଲେ ଯେ ସମସ୍ତ ସମସ୍ୟାର ସମାଧାନ କୋର୍ଟରେ ହୋଇପାରିବ ନାହିଁ। ଗଣତନ୍ତ୍ରରେ ସମାଧାନ ପାଇଁ କଥାବାର୍ତ୍ତାକୁ ଗୁରୁତ୍ୱ ଦିଆଯିବା ଉଚିତ।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ରାଜ୍ୟପାଳ ସେମାନଙ୍କ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ଟାଳଟୁଳ କରୁଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ଏହାକୁ ନେଇ ଭିନ୍ନ ପରିସ୍ଥିତି ଦେଖାଯାଉଛି। ଯଦି ଏକ କ୍ଷତିଗ୍ରସ୍ତ ରାଜ୍ୟ ନିରୁପାୟ ହୋଇ କୋର୍ଟର ଆଶ୍ରୟ ନିଏ., ତାହାହେଲେ କୋର୍ଟ କଣ ଏହାର ଶୁଣାଣି କରିବେ ନାହିଁ। ତାହାହେଲେ ଆଉ କଣ ରାସ୍ତା ରହିଛି, କୁହ। ସଲିସିଟର ଜେନେରାଲ କହିଲେ ଯେ, ରାଜ୍ୟପାଳ କୌଣସି ବିଲ ଉପରେ ନିଷ୍ପତ୍ତି ନନେଇ ବସି ରହିଲେ ଏହାର ରାଜନୈତିକ ସମାଧାନ ହୋଇପାରିବ। ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯେଉଁଠାରେ କି ବିଲ୍ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ଏପରିକି ରାଷ୍ଟ୍ରପତିଙ୍କୁ ।।ଭେଟିଛନ୍ତି ଏବଂ ଏହାର ସମାଧାନ ବାଟ ବାହାରିଛି। ସବୁ କଥାରେ ରାଜ୍ୟ ସରକାର କୋର୍ଟଙ୍କ ଆସରା ନେବା ଠିକ୍ ନୁହେଁ ବୋଲି ମେହଟ୍ଟା କହିଥିଲେ।

ତେବେ ସବୁକଥା ସ୍ପଷ୍ଟ କରିବାକୁ ଯାଇ ପ୍ରଧାନ ବିଚାରପତି କହିଲେ ଯେ କୌଣସି ତ୍ରୁଟି ଥିଲେ, ତାହାର ସମାଧାନ ବାଟ ରହିଛି। ଅଦାଲତ ହେଉଛି ସମ୍ବିଧାନର ରକ୍ଷକ ଏବଂ ବିଭିନ୍ନ ପ୍ରସଙ୍ଗରେ ଏହା ସମ୍ବିଧାନର ବ୍ୟାଖ୍ୟା କରିପାରିବ। ତାଙ୍କ ସହ ଏକମତ ହୋଇ ଜଷ୍ଟିସ କାନ୍ତ କହିଲେ ଯେ ସମ୍ବିଧାନର ବ୍ୟାଖ୍ୟା କରିବା ଲାଗି ସୁପ୍ରିମକୋର୍ଟଙ୍କୁ କ୍ଷମତା ମିଳିଛି ଏବଂ କୋର୍ଟରେ ଆଇନର ବ୍ୟାଖ୍ୟା ହେଲେ କୌଣସି ଅସୁବିଧା ନାହିଁ। ଜଷ୍ଟିସ ନରସିଂହା କହିଲେ ଯେ ଯଦି କୋର୍ଟ କିଛି କରିପାରିବେ ନାହିଁ ବୋଲି ସରକାର ଯୁକ୍ତି କରିବେ, ତାହାହେଲେ ସମ୍ବିଧାନ ଚାଲିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ ଘଟଣା: ହଟିଲେ ଦିଲ୍ଲୀ ପୁଲିସ କମିସନର

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବାର ଗୋଟିଏ ଦିନ ପରେ ଦିଲ୍ଲୀ ପୁଲିସ କମିସନର ଶଶି ଭୁଷଣ କୁମାର (ଏସ୍‌ବିକେ) ସିଂଙ୍କୁ ହଟାଯାଇଛି। ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସତୀଶ ଗୋଲଚାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସ୍‌ବିକେ ସିଂ ହୋମ ଗାର୍ଡର ଡିଜି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଅଗଷ୍ଟ ୧ରେ ହିଁ କମିସନର ଭାବେ ଦାୟିତ୍ୱ ନେଇଥିଲେ। ଏସ୍‌ବିକେ ହେଉଛନ୍ତି ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ। ଅନ୍ୟପଟେ ଗୋଲ୍‌ଚା ଦିଲ୍ଲୀ ପୁଲିସ ପାଇଁ ବିଭିନ୍ନ ପଦରେ ରହି ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେ ଦିଲ୍ଲୀରେ ଡେପୁଟି କମିସନର, ଜଏଣ୍ଟ କମିସନର, ସ୍ପେଶାଲ କମିସନର ଭାବେ କାର୍ଯ୍ୟ କରିଛନ୍ତି। ୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ବେଳେ ସେ ସ୍ପେସିଆଲ କମିସନର ଥିଲେ। ଗତବର୍ଷ ଏପ୍ରିଲରେ ସେ କାରାଗାର ମହାନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ୨୦୨୨ ଫେବୃଆରୀରୁ ୨୦୨୩ ପର୍ଯ୍ୟନ୍ତ ସେ ଅରୁଣାଚଳ ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଥିଲେ। ଏହାପରେ ତାଙ୍କୁ ଦିଲ୍ଲୀ ଡକାଯାଇଥିଲା।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ କେନ୍ଦ୍ର ସରକାର ଜେଡ୍ ବର୍ଗର ଭିଆଇପି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ସୁରକ୍ଷାରେ ୨୨ରୁ ୨୫ ଜଣ ବନ୍ଧୁକଧାରୀ ଯବାନ ନିୟୋଜିତ ରହିବେ। ଅର୍ଦ୍ଧସୈନିକ ବଳ ତାଙ୍କ ବାସଭବନର ସୁରକ୍ଷା ଦାୟିତ୍ୱ ହାତକୁ ନେବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ସୋନିଆ ଗାନ୍ଧୀ, ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଏହି ବର୍ଗର ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ରାଜେଶ ସାକାରିଆ ନାମକ ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲା। ଘଟଣା ପରେ ରାଜେଶଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।

## ଲେପୁଲେଖ ଗିରିପଥ ଦେଇ ଭାରତ-ଚୀନ୍ ବାଣିଜ୍ୟକୁ ନେପାଳର ବିରୋଧ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଉତ୍ତରାଖଣ୍ଡର ଲେପୁଲେଖ ଗିରିପଥ ଦେଇ ଭାରତ ଓ ଚୀନ୍ ପୁଣିଥରେ ବାଣିଜ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୧୮ ଓ ୧୯ରେ ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତ ଅବସରରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିଲା। ଲେପୁଲେଖ ସମେତ ଶିପକି ଲା ଓ ନାଥୁ ଲା ଗିରିପଥ ଦେଇ ମଧ୍ୟ ଦୁଇ ଦେଶ ବାଣିଜ୍ୟ ବେପାର କରିବାକୁ ସହମତି ପ୍ରକାଶ କରିଛନ୍ତି।



କିନ୍ତୁ ନେପାଳ ଏହାକୁ କଡ଼ା ବିରୋଧ କରିଛି। ଫଳରେ ଭାରତ ଓ ନେପାଳ ମଧ୍ୟରେ ପୁଣି ଲେପୁଲେଖକୁ ନେଇ ବିବାଦ ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଲେପୁଲେଖ, ଲିମ୍ପିଅଧୁରା ଓ କଳାପାଣି କ୍ଷେତ୍ର ଆମର ବୋଲି ନେପାଳ ଦାବି କରିଛି। ତେଣୁ ଏହି ଅଞ୍ଚଳରେ ଭାରତ ଓ ଚୀନ୍ କୌଣସି ଗତିବିଧି ନକରିବାକୁ ନେପାଳ ପରାମର୍ଶ ଦେଇଛି।

ଭାରତ ମଧ୍ୟ ଏହାର କଡ଼ା ଜବାବ ରଖିଛି। ଲେପୁଲେଖ ଗିରିପଥ ଦେଇ ୧୯୫୪ରୁ ବେପାର ହେଉଛି। କିନ୍ତୁ ଗତକିଛି ବର୍ଷ ହେବ କରୋନା ଓ ଅନ୍ୟାନ୍ୟ କାରଣ ପାଇଁ ଏହା ବନ୍ଦ ଥିଲା। ଏବେ ପୁଣି ଥରେ ଏହି ପଥ ଦେଇ ବାଣିଜ୍ୟ କରାଯିବ। ନେପାଳର ଏହି ଦାବି ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବସିତ ନୁହଁ। ଏକତରଫା ଭାବେ ଏହି ଦାବିକୁ ଗ୍ରହଣ କରିହେବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ନେପାଳ ସହ ସୀମା ବିବାଦକୁ କୂଟନୀତି ଜରିଆରେ ସମାଧାନ କରିବାକୁ ଭାରତ ଆଗ୍ରହ ପ୍ରକାଶ କରିଛି। ୧୦ ବର୍ଷ ତଳେ ମଧ୍ୟ ନେପାଳ ଲେପୁଲେଖ ପଥ ଦେଇ କାରବାରକୁ ବିରୋଧ କରିଥିଲା। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆସନ୍ତାମାସ ଭାରତ ଆସିବେ। ସେ ଚୀନ୍‌ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପରେ ହିଁ ଭାରତ ଆସିବେ ଓ ଏସଂକ୍ରାନ୍ତରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବ ବୋଲି ଆଶା କାରାଯାଉଛି। ଲେପୁଲେଖ ଗିରିପଥ ହିମାଳୟରେ ସମୁଦ୍ରପତନଠାରୁ ୧୭ ହଜାର ଫୁଟ ଉଚ୍ଚରେ ଉତ୍ତରାଖଣ୍ଡ ଓ ତିବ୍ବତ ସୀମାରେ ଅବସ୍ଥିତ। ପାରମ୍ପରିକ ଭାବେ ଏହି ପଥ ଦେଇ ବାଣିଜ୍ୟ ହୋଇଥାଏ ଓ ତୀର୍ଥଯାତ୍ରୀମାନେ ଯିବା ଆସିବା କରିଛନ୍ତି। ଭାରତର କୁମାଉଁ କ୍ଷେତ୍ର ସହ ତିବ୍ବତର ତକଲାକୋଟକୁ ଏହି ପଥ ସଂଯୋଗ କରିଥାଏ।



## ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଉପରାଷ୍ଟ୍ରପତି ପଦ ପାଇଁ ଗୁରୁବାର ବିରୋଧୀ ମେଣ୍ଟ ଇଣ୍ଡିଆ ପ୍ରାର୍ଥୀ ତଥା ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରେଡ୍ଡୀ ୪ଟି ସେଟ୍‌ରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ୨୦ ଜଣ ବିରୋଧୀ ଦଳ ନେତା ପ୍ରସ୍ତାବକ ରହିଛନ୍ତି। ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ କରିବାବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାରଙ୍କ ସମେତ ଏକାଧିକ ଆଗଧାଡିର ନେତା ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ରେଡ୍ଡୀ ସଂସଦ ପରିସରରେ ଥିବା ପ୍ରେରଣା ସ୍ଥଳରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବ। ପ୍ରାର୍ଥିପତ୍ର ଦାଖଲ କରିବା ପରେ ରେଡ୍ଡୀ କହିଛନ୍ତି ଯେ, ଏହା କେବଳ ଏକ ପଦ ବା ବ୍ୟକ୍ତିଙ୍କ ନିର୍ବାଚନ ନୁହଁ। ଏହା ଭାରତର ବିଚାର ସହିତ ଜଡିତ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ସ୍ୱତନ୍ତ୍ରତାର ସମ୍ମାନ ପାଇଁ ଏକ ପ୍ରକ୍ରିୟା। ଯଦି ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୁଏ, ତେବେ ଏହି ଗାରିମାମୟ ପଦର ନିରପେକ୍ଷତା, ମର୍ଯ୍ୟାଦା ଓ ଶିଷ୍ଟାଚାରକୁ ପୂରା ସଚ୍ଚୋଟତାର ସହ ସମ୍ପାଦନ କରିବି ବୋଲି ରେଡ୍ଡୀ କହିଛନ୍ତି। ଉପରାଷ୍ଟ୍ରପତି ପଦ ପାଇଁ ଏନ୍‌ଡିଏର ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଓ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

## ଭାରତ ସହ ସମ୍ପର୍କ ଖରାପ କରାନଯାଉ: ଟ୍ରମ୍ପଙ୍କୁ ହିଲିଙ୍କ ସତର୍କବାଣୀ

ୱାସିଂଟନ, ୨୧।୮ (ଏଜେନ୍ସି): ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ନିକ୍କି ହିଲି ଭାରତ ସହ ଆମେରିକାର ସମ୍ପର୍କ ଖରାପ ହେବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାଇଛନ୍ତି। ଭାରତ ସହ ସମ୍ପର୍କ ଖରାପ ହେଲେ ଗତ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ। ଏପରି ହେଲେ ଏହା ଏକ ରଣନୈତିକ ତ୍ରୁଟି ହେବ। ବୁଧବାର ନ୍ୟୁଜ୍ ୱିକ୍‌ରେ ପ୍ରକାଶିତ ନିଜ ସ୍ତମ୍ଭରେ ନିକ୍କି ଏ ନେଇ ଉଲ୍ଲେଖ କରିଛନ୍ତି। ଭାରତ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ରାଜନୈତିକ ଓ କୂଟନୈତିକ ସମ୍ପର୍କର ଅବନତୀକୁ ଦୃଷ୍ଟିରେ ରଖି ସେ ଏହି ସ୍ତମ୍ଭ ଲେଖିଛନ୍ତି। ଭାରତକୁ ଏକ ଗଣତାନ୍ତ୍ରିକ ଭାଗିଦାରୀ ଭାବେ ଆମେରିକା ଗ୍ରହଣ କରୁ ବୋଲି ସେ ଟ୍ରମ୍ପ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଭାରତ ସହିତ ସମ୍ପର୍କ ଦୃଢ଼ କରିବା ଆମେରିକା ପାଇଁ ନିହାତି ଜରୁରି। ଏହାଦ୍ୱାରା ଚୀନ୍‌ର ମୁକାବିଲା କରାଯାଇପାରିବ। ଭାରତ ଏକ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ଏହାର ଉନ୍ନତି ବିଶ୍ୱ ପାଇଁ ଆଦୌ ବିପଦ ସୃଷ୍ଟି କରିବ ନାହିଁ। ଭାରତ ଓ ଆମେରିକାର ରାସ୍ତା ଅଲଗା ହୋଇଥିଲେ ମଧ୍ୟ ଲକ୍ଷ୍ୟ ଗୋଟିଏ ବୋଲି ସେ କହିଛନ୍ତି। ଏହିକ୍ରମରେ ନିକ୍କି ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉଦାହରଣ ଦେଇଛନ୍ତି। ୧୯୮୨ରେ ରେଗାନ ହ୍ୱାଇଟ ହାଉସ୍‌ରେ ଇନ୍ଦିରାଙ୍କୁ ନୈଶ୍ୟ ଭୋଜି ପାଇଁ ନିମନ୍ତ୍ରଣ କରିଥିଲେ। ସେତେବେଳେ ଭାରତ ଓ ଆମେରିକା ଦୁଇଟି ସ୍ୱାଧୀନ ଗଣତାନ୍ତ୍ରିକ ଦେଶ ବୋଲି ରେଗାନ କହିଥିଲେ। ବେଳେ ବେଳେ ଦୁଇ ଦେଶର ରାସ୍ତା ଭିନ୍ନ ହୋଇପାରେ କିନ୍ତୁ ଲକ୍ଷ୍ୟ ଗୋଟିଏ ବୋଲି ରେଗାନ କହିଥିଲେ। କିନ୍ତୁ ଏବେ ଦୀର୍ଘ ୪ ଦଶନ୍ଧି ପରେ ଭାରତ ଓ ଆମେରିକାର ମଧ୍ୟରେ ପ୍ରଥମଥର ପାଇଁ ସମ୍ପର୍କ ଖରାପ ହୋଇଛି। ରୁଷିଆଠାରୁ ଭାରତ ଓ ଚୀନ ଦୁଇ ଦେଶ ତୈଳ କ୍ରୟ କରୁଛନ୍ତି। କିନ୍ତୁ ଭାରତ ଉପରେ ଟାରିଫ୍ ଲାଗୁ କରାଯାଇଥିବା ବେଳେ ଚୀନ୍ ଉପରେ ଲାଗୁ କରାଯାଇ ନାହିଁ। ତେଣୁ ଭାରତ ସହ ସମ୍ପର୍କ ଉପରେ ଆମେରିକାର ଗମ୍ଭୀର ଭାବେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଚୀନ୍‌କୁ ସାମ୍ନା କରିବାକୁ ହେଲେ ଆମେରିକା ଭାରତକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଚୀନ୍ ଓ ଇସ୍ରାଏଲକୁ ଆମେରିକା ଯେପରି ଗୁରୁତ୍ୱ ଦେଉଛି, ସେହିପରି ଭାରତକୁ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



### ବିଶ୍ୱାସ ଭାଙ୍ଗିଲେ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ

## କେନ୍ଦ୍ରମନ୍ତ୍ରୀଙ୍କ ଘର ନିକଟରୁ ୪୩ ଭୋଟ ପରିଚୟ ପତ୍ର ମିଳିଛି

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଟିକମଗଡ଼ର ସିଭିଲ ଲାଇନ୍ ରୋଡସ୍ଥିତ କେନ୍ଦ୍ରମନ୍ତ୍ରୀ ବିରେନ୍ଦ୍ର କୁମାରଙ୍କ ବାସଭବନ ନିକଟରୁ ମଙ୍ଗଳବାର ରାତିରେ ୪୩ଟି ଭୋଟ ପରିଚୟ ପତ୍ର ମିଳିଛି। ଏହି ପରିଚୟ ପତ୍ରଗୁଡିକ ମଧ୍ୟ କେତେକ ଜଳି ଯାଇଛି। ଏଗୁଡିକୁ ନିଆଁ ଲଗାଇ ପୋଡ଼ିବାକୁ ଉଦ୍ୟମ କରାଯାଇଛି ବୋଲି ଆଶଙ୍କା କରାଯାଉଛି। ସୂଚନା ମିଳିବା ପରେ ସ୍ଥାନୀୟ ତହସିଲଦାର, ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ପରିଚୟ ପତ୍ରଗୁଡିକୁ ଉଦ୍ଧାର କରାଯାଇଛି। ପୂରା ଘଟଣାର ତଦନ୍ତ କରାଯାଉଛି। ତହସିଲଦାର ସତ୍ୟେନ୍ଦ୍ର ସିଂ ଗୁର୍ଜର ଏହି ଭୋଟ ପରିଚୟ ପତ୍ରଗୁଡିକର ବେଆଇନ ବ୍ୟବହାର କରାଯାଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ରୁଦ୍ରପ୍ରୟାଗରେ ଭୂସ୍ଖଳନ, ବଦ୍ରିନାଥ-ଗଙ୍ଗୋତ୍ରୀ ରାଜପଥ ବନ୍ଦ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଦେଶ ସାରା ମୌସୁମୀ ବର୍ଷା ଜାରି ରହିଛି। ଦେଶର ପଶ୍ଚିମ ଭାଗରେ ଯଥା ମହାରାଷ୍ଟ୍ର ଓ ଗୁଜରାଟ୍‌ରେ ବର୍ଷା କାରଣରୁ ଜନଜୀବନ ପ୍ରଭାବିତ ହୋଇଛି। ଏହି ଦୁଇଟି ରାଜ୍ୟରେ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ଯମୁନା ନଦୀ କାରଣରୁ କେତୋଟି ଜିଲ୍ଲାରେ ବନ୍ୟା ଆସିଛି। ଯମୁନାର ପାଣି ତାଜମହଲ ପର୍ଯ୍ୟନ୍ତ ପହଞ୍ଚିଛି। ୪୦ଟି ଗାଁ ପାଇଁ ସତର୍କତା ଜାରି କରାଯାଇଛି। ମଥୁରାରେ କେତୋଟି ସ୍ଥାନରେ ଯମୁନା ନଦୀ ନିଜର ଗତିପଥରୁ ହଟିଯିବା ସହ ୨ କିମି ଦୂରରେ ବହିବାର ଦେଖାଯାଇଛି। ସେହିପରି ଉତ୍ତରାଖଣ୍ଡରେ ରୁଦ୍ରପ୍ରୟାଗରେ ଭୂସ୍ଖଳନ କାରଣରୁ ରାଜପଥ ବନ୍ଦ ହୋଇଛି। ବଦ୍ରିନାଥ- ଗଙ୍ଗୋତ୍ରୀ ରାଜପଥ ବନ୍ଦ ହୋଇଛି। ଏବେ ମଧ୍ୟ ଏହି ରାଜ୍ୟର ବିଭିନ୍ନ ସ୍ଥାନରୁ ଆବର୍ଜନା ହଟାଯାଉଛି। ସେପଟେ ଗୁଜରାଟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ କ୍ରମାଗତ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଜୁନାଗଡ଼ ଜିଲ୍ଲାରେ ଗତ ୧୨ ଘଣ୍ଟା ମଧ୍ୟରେ ୩୩୧ ମିମି ବର୍ଷା ହୋଇଛି।

## କେନ୍ଦ୍ର ଜଙ୍ଗଲ ଓ ଆଦିବାସୀ ବିଭାଗର ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

# ମାଲକାନଗିରି ଆଦିବାସୀଙ୍କ ଅଧିକାର ରକ୍ଷାକରୁ କେନ୍ଦ୍ର

ଭୁବନେଶ୍ୱର,୨୧।୮ (ସମିସ): ପୋଲାଭରମ ପ୍ରକଳ୍ପକୁ ନେଇ ମାଲକାନଗିରି ଜିଲ୍ଲାର ବ୍ୟାପକ କ୍ଷତି ହେବାକୁ ଥିବା ବେଳେ ଏହାକୁ ନେଇ ନିଜର ଅଭିଯାନକୁ ଆହୁରି ଶାଣିତ କରିଛି ବିଜେଡି। ବୁଧବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରୀୟ ଜଳ କମିଶନ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିବାବେଳେ ଗୁରୁବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ଦୃଢ଼ ଦାବି କରିଛି ବିଜେଡି। ପୋଲାଭରମ୍ ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯିବା ସହ ପ୍ରକଳ୍ପର ପଛୁଆ ଜଳ ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରାଯାଇ ନାହିଁ। ଯାହାଫଳରେ ମାଲକାନଗିରି ଜିଲ୍ଲାର ଏକ ବୃହତ୍ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅତଏବ ଉଭୟ ମନ୍ତ୍ରୀଙ୍କ ନିକଟରେ ବିଜେଡି ୪ ସୂତ୍ରୀ ଦାବି ଉପସ୍ଥାପନ କରିଥିବା ବେଳେ ଏହାକୁ ତାତ୍କାଳିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଛି। ଯେପର୍ଯ୍ୟନ୍ତ ଏହି ଘଟଣାରେ ନ୍ୟାୟ ନମିଳିଛି, ସେଯାଏଁ ବିଜେଡି ବିଭିନ୍ନ ଫୋରମରେ ନିଜ ଲଢ଼େଇ ଜାରି ରଖିବ ବୋଲି ସ୍ପଷ୍ଟ ଭାବେ କହିଛି।

ଏହି ଅବସରରେ ମନ୍ତ୍ରୀଦ୍ୱୟଙ୍କ ନିକଟରେ ଏକାଧିକ ଦାବି ରଖିଛି ଓଡ଼ିଶା। ମାଲକାନଗିରି ଏବଂ ପଡ଼ୋଶୀ ଆଦିବାସୀ ଅଞ୍ଚଳ ଉପରେ ପ୍ରକଳ୍ପର ପ୍ରକୃତ ପ୍ରଭାବ ମୂଲ୍ୟାଙ୍କନ ପାଇଁ ଜଙ୍ଗଲ ଓ ପରିବଶ ମନ୍ତ୍ରାଳୟ ଦ୍ୱାରା ଏକ ନୂତନ ତଥା ସ୍ୱାଧୀନ ଭାବେ ପଛୁଆ ଜଳ ପ୍ରଭାର ସମ୍ପୂର୍ଣ୍ଣ ଅଧ୍ୟୟନ ତୁରନ୍ତ ଆରମ୍ଭ କରାଯାଉ। ସେହିପରି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାର ଆଦିବାସୀ ଜନସଂଖ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ ପରିବେଶଗତ ଏବଂ ସାମାଜିକ ପ୍ରଭାବ ସମ୍ପର୍କରେ ଏକ ସ୍ୱଚ୍ଛ ତଥା ନିରପେକ୍ଷ ସମୀକ୍ଷା କରାଯାଉ। କୋୟା, ସାନ୍ତାଳ, ବଞ୍ଜାରା, ଦୁରୁଆ, ଭୂମିଆ, ବୋଣ୍ଡା, ଗଡାବା, କୋଟିଆ, ଦିଦାୟୀ, କୋଣ୍ଡା ଡୋରା, ପରଜା, ହାଲୱା, କନ୍ଧ, ମାଟିଆ ଏବଂ କୋଣ୍ଡା ରେଡ୍ଡୀ ଭଳି ଆଦିବାସୀ ସମ୍ପ୍ରଦାୟର



ଜୀବନ,ଜୀବିକା ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ପ୍ରକଳ୍ପର ପ୍ରଭାବ ମୂଲ୍ୟାଙ୍କନ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କରାଯାଉ ବୋଲି ଦାବି କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ପ୍ରତିନିଧି ମଣ୍ଡଳୀ ଆହୁରି ମଧ୍ୟ କହିଛି ଯେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି। ନିକଟରେ କେନ୍ଦ୍ର ସରକାର

- ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯାଉଥିବା ନେଇ କ୍ଷୋଭ
- ତ୍ୱରିତ୍ ସମାଧାନ ପାଇଁ ପ୍ରତିନିଧି ଦଳ ରଖିଲା ୪ଟି ପ୍ରମୁଖ ଦାବି
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼ିବାକୁ ବିଜେଡି ପ୍ରତିଶ୍ରୁତିବଦ୍ଧ

ପୋଲାଭରମ ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ଚିନ୍ତାକୁ ବୃଦ୍ଧି କରିବା ସହ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ପ୍ରତିନିଧି ଦଳ ଆହୁରି ମଧ୍ୟ କହିଛି ଯେ ଗତ ଫେବୃଆରୀ ୨୮ ତାରିଖରେ ମାଲକାନଗିରି ଜିଲ୍ଲାର ମୋଟୁ ଅଞ୍ଚଳରେ ପୋଲାଭରମ କାର୍ଯ୍ୟକାରୀ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଅଂଶୀଦାର ସହ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଆଦିବାସୀ ଲୋକେ ଉପସ୍ଥିତ ଥିଲେ। ସମ୍ମିଳନୀରେ ମାଲକାନଗିରି ଏବଂ ପ୍ରଭାବିତ ହେବାକୁ ଥିବା ଏହାର ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ ଅଞ୍ଚଳରେ ଲୋକଙ୍କ ଜୀବନ, ଜୀବିକା, ପରିବେଶ ଓ ବିସ୍ଥାପନ ସମସ୍ୟାର କ୍ଷତି ସମ୍ପର୍କରେ ଗମ୍ଭୀର ଚିନ୍ତା ପ୍ରକାଶ ପାଇଥିଲା। ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ ସମେତ ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଲୋକଙ୍କ ପ୍ରତି କରାଯାଉଥିବା ନିଷ୍ଠୁର ଆଚରଣ ଓ ଉଦାସୀନତାକୁ ନେଇ ମଧ୍ୟ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା ବୋଲି ପ୍ରତିନିଧି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

---

**■ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା**

## ଟ୍ରକ୍ ଚକା ତଳେ ଗଲା ୨ ଜୀବନ

କଟକ/ଫୁଲନଖରା, ୨୧।୮ (ସମିସ): କଟକ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥର କାଠଯୋଡ଼ି ବ୍ରିଜ୍ ଶେଷ ମୁଣ୍ଡରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ଟ୍ରକ୍ ମାଡ଼ିଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବା ବେଳେ ସେମାନେ ଭୁବନେଶ୍ୱରର ଉତ୍ତରା ଅଞ୍ଚଳର ବାସିନ୍ଦା ବୋଲି ସୂଚନା ମିଳିଛି। ପ୍ରାଣ ହରାଇଥିବା ଦୁଇଜଣ ପତି-ପତ୍ନୀ ବୋଲି ସନ୍ଦେହ କରାଯାଉଛି। ଦୁର୍ଘଟଣା ଘଟିବା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ୧ ଘଣ୍ଟାରୁ ଅଧିକ ସମୟ ରାସ୍ତା ଜାମ ହେବା ସହ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ଖବର ପାଇ କଟକ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି।

ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଯେ ରାତି ପ୍ରାୟ ୯ଟା ୨୦ରେ ଏକ ବାଇକ୍‌ରେ ଉଭୟ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ବ୍ରିଜ ଶେଷ ମୁଣ୍ଡ ନିକଟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଉଭୟଙ୍କୁ ଧକ୍କା ଦେଇଥିଲା। ଗାଡିରେ ଥିବା ଉଭୟ ଟ୍ରକ୍ ଚକା ତଳେ ପଡ଼ିଯିବାରୁ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁଇଟି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି।

**■ ଦ୍ରୁତ ଗତି ହେଲା କାଳ**

## ଦୁର୍ଘଟଣାରେ ଦୁଇ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧।୮ (ସମିସ): ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଫାୟାର୍‌ଷ୍ଟେସନ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ତାଳବଣିଆର ଦେବୀ ପ୍ରସାଦ ପରିଡ଼ା



ଏବଂ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର ଅନ୍ୱେଷ ସତ୍ୟଦର୍ଶନ ଦାସ। ଉଭୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର। ନୂଆପଲ୍ଲୀ ଥାନା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଗାଡ଼ି ଜବତ କରି ତଦନ୍ତ କରୁଛି।

ପୁଲିସ୍ ସୂଚନାନୁଯାୟୀ, ଗତ ରାତିରେ ଦୁହେଁ ଭୋଜି କରିବାକୁ ଷ୍ଟୁଡିଓ ଛକ ନିକଟରେ ରହୁଥିବା ଏକ ସାଙ୍ଗ ରୁମ୍‌କୁ ଯାଇଥିଲେ। ସେଠାରେ ଭୋଜି ସାରି ଏକ ବୁଲେଟ୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଷ୍ଟୁଡିଓ ଛକରୁ ଫାୟାର୍ ଷ୍ଟେସନ୍ ଆଡ଼କୁ ଯିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ-୨ ଗେଟ୍ ନିକଟରେ ଥିବା ଏକ ହମ୍ପସ୍ ନିକଟରେ ବୁଲେଟ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଭାଗ୍ୟକୁ, ଦୁହେଁ ହେଲମେଟ୍ ପିନ୍ଧିନଥିବାରୁ ସେମାନଙ୍କ ମୁଣ୍ଡ ମାଡ଼ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଶବଦ୍ୱୟକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ସେମାନଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଖବର ଦେଇଥିଲା। ସକାଳୁ ବ୍ୟବଚ୍ଛେଦ ପରେ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

---

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା**

## ସନାତନ ଓ ରାମ୍‌ଜୀଙ୍କୁ କ୍ରାଇମବ୍ରାଞ୍ଚର ଜେରା

କଟକ,୨୧।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପୁଣି ଗିରଫ ଦୁଇ ଅଭିଯୁକ୍ତ ସନାତନ ବିଷୋୟୀ ଓ ରାମଜୀ ପ୍ରସାଦ ଗୁପ୍ତାଙ୍କୁ ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏମଏଫସି-୩ ଅଦାଲତରେ ୨ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଅଦାଲତ ଗୋଟିଏ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ପ୍ରଦାନ କରିଥିଲେ।

ଆଜି ଉଭୟଙ୍କୁ ଚୌଦ୍ୱାର ଜେଲ୍‌ରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଅଣାଯାଇ ସଂଧ୍ୟାରୁ ମାରାଥନ ଜେରା ଆରମ୍ଭ କରାଯାଇଛି। କ୍ରାଇମବ୍ରାଞ୍ଚ ୪ଜଣ ଅଧିକାରୀ ଉଭୟଙ୍କୁ ଦୀର୍ଘ ସମୟଧରି ମୁହାଁମୁହିଁ ଜେରା କରିଥିବା ଜଣାପଡ଼ିଛି। ରାଜ୍ୟ କ୍ୟାଡର୍ ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଓ କୋରାପୁଟ ଜିଲ୍ଲା ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ନିବିଡ଼ ସମ୍ପର୍କ ଥିଲା। ପୂର୍ବରୁ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟଙ୍କୁ ଜେରା ହୋଇଥିବା ବେଳେ ତାଙ୍କଠାରୁ ମିଳିଥିବା ତଥ୍ୟ

**ଆଶାୟୀଙ୍କ ସହ ମୂଲଚାଲ କରି ଟଙ୍କା ଆଦାୟ କରିଛନ୍ତି !**

ଆଧାରରେ ସନାତନଙ୍କୁ ଅଧିକ ପଚରାଉଚରା କରାଯାଇଛି। ବିଶେଷକରି, କଟକ ବାଦାମବାଡ଼ି ଅଞ୍ଚଳର ଦଲାଲ ରାମଜୀଙ୍କ ସହ ଜିତନଙ୍କ ସମ୍ପର୍କ ରହିଥିଲା। ଜିତନଙ୍କ ଜରିଆରେ ସନାତନ ଓ ବିଜୟ ମଧ୍ୟ ଏହି ଦଲାଲଙ୍କୁ ଜାଣିଥିଲେ ବୋଲି ସୂଚନା ମିଳିଛି। ରାମଜୀଙ୍କ ଜରିଆରେ ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ଆଦାୟ କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ସନାତନଙ୍କ ପାଖକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର କପି ଯାଇଥିଲା। ଏହାପରେ ଆଶାୟୀଙ୍କ ସହ ମୂଲଚାଲ କରି ପ୍ରଶ୍ନପତ୍ର ଦେବା ବାବଦରେ ଟଙ୍କା ଆଦାୟ ପାଇଁ ଅନ୍ୟତମ ଅଭିଯୁକ୍ତ ଦଲାଲ ରାମଜୀ ପ୍ରସାଦ ଗୁପ୍ତାଙ୍କୁ ସନାତନଙ୍କ ତରଫରୁ କୁହଯାଇଥିଲା। ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ହୋଇଥିବା ଅର୍ଥ ଦେଣନେଣ ଓ ମୋବାଇଲ କଲ ଡିଟେଲକୁ କ୍ରାଇମବ୍ରାଞ୍ଚ ଟିମ ଯାଞ୍ଚ କରିଛି। ଏହି ଘଟଣାରେ ଯେହେତୁ ରାମଜୀ ଦଲାଲ ଭୂମିକା ଗ୍ରହଣ କରିଥିଲେ, ତେଣୁ ସେ କେତେ ଟଙ୍କା କାହାଠାରୁ ଆଦାୟ କରିଥିଲେ, ଜେରା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଯୋଜନା କରିଛି କ୍ରାଇମବ୍ରାଞ୍ଚ।

ଏହି ଦୁଇଜଣଙ୍କୁ ଜେରା କରିସାରିବା ପରେ ଆଉ ଦୁଇଜଣ ଗିରଫ ଶିକ୍ଷକ ପ୍ରଶାନ୍ତ ଖମାରୀ ଓ ଅଜୟ ସାହୁଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପାଇଁ ଆବେଦନ କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।

## ପୁଣି ଓଟିଇଟି ପରୀକ୍ଷା ସ୍ଥଗିତ

କଟକ,୨୧।୮ (ସମିସ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ପୁଣି ସ୍ଥଗିତ ରଖାଯାଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଖୁବ୍‌ଶୀଘ୍ର ଏହି ପରୀକ୍ଷା କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ। ପ୍ରକାଶଥାଉକି, ପ୍ରଥମେ ଗତ ଜୁଲାଇ ୨୦ରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏଭଳି ସ୍ଥିତିରେ ପରୀକ୍ଷାକୁ ଆସନ୍ତା ୩୧ତାରିଖରେ କରିବା ପାଇଁ ବୋର୍ଡ ପକ୍ଷରୁ ଅକ୍ଷମତା ପ୍ରକାଶ ପାଇବା ସହ ସରକାରଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥା'ନ୍ତେ।

---

## ପୋଖରୀରେ ବୁଡ଼ି ମା'-ଝିଅ ମୃତ

**କୁଣିଆ ହୋଇ ଆସିଥିଲେ, ଶବ ହୋଇ ଫେରିଲେ**

ନନ୍ଦପୁର, ୨୧।୮ (ସମିସ): କୁଣିଆ ହୋଇ ଆସିଥିଲେ, କିନ୍ତୁ ଶବ ହୋଇ ଫେରିଲେ। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧନା ପଞ୍ଚାୟତ ଅଧୀନ ବାଲିଆଗୁଡ଼ା ଗାଁରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମା'-ଝିଅ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଡିଲାପୁଟ ଗ୍ରାମର ନମିତା ମାଝୀ ତାଙ୍କ ଝିଅ ସୁମିତ୍ରା ମାଝୀ।



ସୂଚନାନୁସାରେ, ଝିଅ ସୁମିତ୍ରାକୁ ସାଥୀରେ ଧରି ନମିତା ତାଙ୍କ ବାପଘର କୁମ୍ଭାରଗନ୍ଧନା ପଞ୍ଚାୟତର ବାଲିଆଗୁଡ଼ାକୁ ଆସିଥିଲେ। ଆଜି ସକାଳେ ମା'-ଝିଅ ଗାଁ ପୋଖରୀରେ ଗାଧୋଉଥିବା ବେଳେ ସୁମିତ୍ରା ଅସାବଧାନତାବଶତଃ ଗଭୀର ପାଣି ଭିତରକୁ ଚାଲି ଯାଇଥିଲା। ସୁମିତ୍ରା ବୁଡ଼ି ଯାଉଥିବା ଦେଖି ନମିତା ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ ବି ବୁଡ଼ି ଯାଇଥିଲେ। ଅପରପକ୍ଷେ, ଦୀର୍ଘ ସମୟ ଧରି ନ ଫେରିବାରୁ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଖୋଜାଖୋଜି କରିବାରୁ ଉଭୟଙ୍କର ଲୁଗାପଟା ବନ୍ଧ ହିଡ଼ରେ ପଡ଼ି ରହିଥିବା ବେଳେ ପୋଖରୀରେ ଦୁହିଁଙ୍କ ଶବ ଭାସୁଥିଲା। ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ଶବକୁ ଉଦ୍ଧାର କରିଥିଲା। ନନ୍ଦପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ୧ କୋଟିର ଗଞ୍ଜେଇ ଜବତ; ଜଣେ ଗିରଫ

**ମୋହନାରୁ ପୁରୀ ଚାଲାଣ ହେଉଥିଲା ୩୫ ବସ୍ତା ଗଞ୍ଜେଇ**

ଖୋର୍ଦ୍ଧା, ୨୧।୮ (ସମିସ): ୧୬ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରୁ ବାଲୁଗାଁ ଅବକାରୀ ପୁଲିସ ଆଜି ୧୦ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ବୋଝେଇ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ଅବକାରୀ ଟିମ୍ ପୁରୀ ଜିଲ୍ଲା ପିପିଲି ନୂଆଶାସନ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗୋକୁଳପୁରର ପ୍ରିୟରଞ୍ଜନ ପଣ୍ଡା (୪୮)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟି ୫ ଲକ୍ଷ ଟଙ୍କା ହେବ। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗଜପତି ମୋହନାରୁ ପୁରୀ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଜଗି ରହିଥିଲା। ଭୋର୍ ପ୍ରାୟ ୫ଟାରେ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଉପରେ ସନ୍ଦେହ



ହେବାରୁ କର୍ମଚାରୀମାନେ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ବସ୍ତା ଭର୍ତ୍ତି ହୋଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିରେ ଥିବା ପ୍ରିୟରଞ୍ଜନଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ଗଞ୍ଜେଇକୁ ପୁରୀକୁ ଚାଲାଣ କରୁଥିବା କହିଥିଲା। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ୧୧୯/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

---

**ଆସିବ ସ୍ୱତନ୍ତ୍ର ନୀତି**

# ହାତୀ ସଂରକ୍ଷଣରେ ମଡେଲ ହେବ ଓଡ଼ିଶା

ଭୁବନେଶ୍ୱର, ୨୧।୮ (ସମିସ): ରାଜ୍ୟରେ ହାତୀମାନଙ୍କୁ କେବଳ ପଶୁ ଭାବେ ବିବେଚନା କରାଯାଏ ନାହିଁ। ସେମାନେ ଆମର ପରିଚୟ, ଇତିହାସ ଏବଂ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବରେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେଉଛି। ଏଥିପାଇଁ ମଣିଷ-ହାତୀ ସଂଘର୍ଷ ବଢ଼ୁଛି। ଏହି ସଂଘର୍ଷ ରୋକିବା ସହ ହାତୀଙ୍କ ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ନୀତି ଆସିବ। ଏହାସହିତ ଆଗାମୀ ଦିନରେ ଓଡ଼ିଶା ହାତୀ ସଂରକ୍ଷଣ କ୍ଷେତ୍ରରେ ଏକ ମଡେଲ୍ ରାଜ୍ୟ ହେବ ଓ ବିଶ୍ୱକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରରେ ହାତୀ-ମଣିଷ ସହାବସ୍ଥାନରେ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଆନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମଣିଷ ଏବଂ ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ଜୀବନଯାପନ ସୁନିଶ୍ଚିତ କରିବାକୁ ବିଶ୍ୱସ୍ତରୀୟ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି।

ଚନ୍ଦକାରେ ପ୍ରତିଷ୍ଠା ହେବାକୁ 'ଏସୀୟ ହାତୀ ପ୍ରଜାତି ବଞ୍ଚାଅ କେନ୍ଦ୍ର' ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏହା କେବଳ ଓଡ଼ିଶା ନୁହେଁ; ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ଗବେଷଣା ଓ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବା ସହ ଏସୀୟ ହାତୀ ସଂରକ୍ଷଣକୁ




ଏକ ନୂତନ ଦିଗ୍‌ଦର୍ଶନ ଦେବ।

**କରିଡର୍ ମ୍ୟାପିଙ୍ଗ୍, ଜଙ୍ଗଲ ପୁନରୁଦ୍ଧାର ଉପରେ ଗୁରୁତ୍ୱ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହାତୀ କରିଡର୍‌ରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଓଡ଼ିଶାରେ ଏବେ ୨୧ଶହ ହାତୀ ଥିବାରୁ ଏ କ୍ଷେତ୍ରକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେବେ ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢ଼େଇ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ସର୍ଭିଲାନ୍ସ ପାଇଁ ଜିପିଏସ, ରେଡିଓ କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଆମ ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ଯେଭଳି ନିରାପଦରେ ରହିବେ, ସେଭଳି ବାତାବରଣ ତିଆରି କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତ। ଏଥିପାଇଁ ହାତୀ କରିଡର ମ୍ୟାପିଂ, ଅବକ୍ଷୟ ଜଙ୍ଗଲ ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ଗୋଷ୍ଠୀ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଦୃଷ୍ଟିକୋଣ ହେଉଛି, ଓଡ଼ିଶା ପାଇଁ ଏକ ବିକାଶ ମଡେଲ ସୃଷ୍ଟି କରିବା। ଏଠାରେ ଯେମିତି ହାତୀମାନେ ମୁକ୍ତ ଭାବରେ ବିଚରଣ କରିପାରିବେ। ଏହାସହିତ ଲୋକମାନେ ମଧ୍ୟ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବେ। ଏହି ମଡେଲ ବିଶ୍ୱର ଅନ୍ୟ ଦେଶକୁ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି କର୍ମଶାଳାରେ ମାନବ-ହାତୀ ସଂଘର୍ଷ ହ୍ରାସ ଏବଂ ସ୍ଥାୟୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ସଂରକ୍ଷକ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ହାତୀଙ୍କ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକରାତ୍ମକ ପ୍ରଭାବ ଉପରେ କହିଥିଲେ। ଏଥିପାଇଁ ଓଡ଼ିଶା ରଣନୀତି ପ୍ରସ୍ତୁତ କରୁଛି। ପ୍ରମୁଖ ରଣନୀତି ମଧ୍ୟରେ ବାସସ୍ଥାନ ପୁନରୁଦ୍ଧାର, ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ବିଶ୍ୱସ୍ତରୀୟ ପ୍ରୟାସ ପାଇଁ ସହଯୋଗପୂର୍ଣ୍ଣ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ ସୁରେଶ ପନ୍ତ ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆସୁଛି ଲଘୁଚାପ; ୨୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୧।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ଏଥିଯୋଗୁଁ ଆଗକୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଶୁକ୍ରବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ। ଏଥିପାଇଁ ଏହି ଜିଲ୍ଲାକୁ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ଯାଜପୁର, ଖୋର୍ଦ୍ଧା, ପୁରୀ, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ସମ୍ଭାବ୍ୟ ଲଘୁଚାପ ଓ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଜୁନ୍ ପହିଲାରୁ ଏବେ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଜିଲ୍ଲାୱାରୀ ଦେଖିଲେ, ଏହି ସମୟ ମଧ୍ୟରେ ୭ଟି ଜିଲ୍ଲାରେ ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ କଳାହାଣ୍ଡି ଓ ରାୟଗଡ଼ାରେ ସର୍ବାଧିକ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗିରରେ ୨୮ ପ୍ରତିଶତ, ଗଜପତିରେ ୨୭ ପ୍ରତିଶତ, ପୁରୀରେ ୨୮ ପ୍ରତିଶତ, ଖୋର୍ଦ୍ଧା ଓ ଯାଜପୁରରେ ୨୧ ପ୍ରତିଶତ ଲେଖାଏଁ କମ୍ ବର୍ଷା ରେକର୍ଡ ହୋଇଛି। ଏଥିସହ ୨ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ଜିଲ୍ଲାରେ ବର୍ଷା ସ୍ୱାଭାବିକ ରେକର୍ଡ ହୋଇଛି।

ସକାଳ THE SAKALA



www.sakalaepaper.com

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଜୁନାଗଡ଼, ୨୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ତାଲବନ୍ଦପଡ଼ା ଗାଁ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗାଁର କୋଟିଚନ୍ଦ୍ର ମହାଲିକ(୪୨)। ସେ ଜୁନାଗଡ଼ର ପୂର୍ବତନ ନଗରପାଳ ପାର୍ଥ ମହାଲିକଙ୍କ ପୁଅ। ଆଜି କୋଟିଚନ୍ଦ୍ର ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଆସାଧନତାବଶତଃ ଗଭୀର ପାଣିକୁ ଚାଲି ଯାଇଥିଲେ। ପାଖରେ କେହି ନଥିବାରୁ ଏ ବାବଦରେ ଟେର୍ ପାଇପାରିନଥିଲେ। ତେବେ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ତନାଘନା ପରେ ସେ ପୋଖରୀରେ ବୁଡ଼ି ଯାଇଥିବା ଜଣାପଡ଼ିଥିଲା। ଜୁନାଗଡ଼ ଅଗ୍ନିଶମବାହିନୀ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କେନାଲରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଅନୁଗୋଳ,୨୧।୮ (ସମିସ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଶିକ୍ଷକପଡ଼ା ଛାଲ ଗୋଦାମ ପାଖ କେନାଲରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ସକାଳେ କେନାଲରେ ଶିଶୁଟିର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ଜନ୍ମ ଦେବା ପରେ ଶିଶୁଟିକୁ କେହି କେନାଲରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ଅନୁଗୋଳ ସହରରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଅନେକବାର ଦେଖିବାକୁ ମିଳିଛି। ଏହି ଘଟଣାର ପୁନରାବୃତ୍ତି ଘଟିଥିବା ବେଳେ ସ୍ଥାନୀୟ କୌଣସି ନର୍ସିଂହୋମରୁ ହିଁ ଏପରି କରାଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

## ମହଙ୍ଗା ପଡ଼ିଲା ବିଦେଶ ବୁଲା: ୩ ପାକ୍ସ ସମ୍ପାଦକ ନିଲମ୍ବିତ

ବୌଦ୍ଧ,୨୧।୮ (ସମିସ): କାର୍ଯ୍ୟରେ ଅବହେଳା ଯୋଗୁଁ ବୌଦ୍ଧ ଜିଲ୍ଲାର ୩ ପାକ୍ସ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ, ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ଦେବାଶିଷ ମିଶ୍ର, ବୌଦ୍ଧ ପାକ୍ସ ସମ୍ପାଦକ ସତ୍ୟଜିତ କର ଓ ଲୁଣିବାହଲ ପାକ୍ସ ସମ୍ପାଦକ ସଞ୍ଜୀବ କୁମାର ପ୍ରଧାନ। ଜିଲ୍ଲାରେ ଚାଷୀ ପଞ୍ଜୀକରଣ ଓ ସାର ବିକ୍ରୟ ଚାଲିଥିବା ବେଳେ ସେମାନେ ବିଦେଶ ବୁଲିଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ସେମାନଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ଆଦେଶ ଦିଆଯାଇଛି।

## ଅନ୍‌ଲାଇନ୍ ଗେମ୍ ନେଲା ଜୀବନ

ବରୀ,୨୧।୮ (ସମିସ): ଅନଲାଇନ୍ ଗେମ୍ ଆଜି ପୁଣି ଜଣେ ଯୁବକଙ୍କ ଜୀବନ ନେଇଛି। ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ବାଇଁଶିରିଆ ପଞ୍ଚାୟତରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ୧୦ ନମ୍ବର ୱାର୍ଡର କାଳନ୍ଦୀ ସାହୁଙ୍କ ଏକମାତ୍ର ପୁଅ ସୋମନାଥ ସାହୁ (୩୫)। ସେ ଅନଲାଇନ୍ ଗେମ୍ ଖେଳି

### ହାରିବାରୁ ଯୁବକଙ୍କ ଆତ୍ମହତ୍ୟା

ଲକ୍ଷାଧିକ ଟଙ୍କା ହାରିଯିବା ପରେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଗତ ରାତିରେ ଘର ପାଖ ଏକ ଗଛରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିଲେ। ପରିବାରଲୋକ ଆଜି ସକାଳେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୋମନାଥ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ପୂରା ପରିବାର ଭାଙ୍ଗିପଡ଼ିଛି। ସୋମନାଥଙ୍କର ୬ ବର୍ଷର ଗୋଟିଏ ପୁଅ ଥିବା ଜଣାପଡ଼ିଛି।

### ଏମ୍‌କେସିଜି 'ନ୍ୟୁରୋ ସର୍ଜରୀ' ବିଭାଗର ସଫଳତା

## କୋମାରୁ ଫେରାଇଆଣିଲେ ଡାକ୍ତର

ବ୍ରହ୍ମପୁର,୨୧।୮ (ସମିସ): ଏମ୍‌କେସିଜି ମେଡିକାଲର ନ୍ୟୁରୋସର୍ଜରୀ (ସ୍ନାୟୁ ଶଲ୍ୟ) ବିଭାଗର ଡାକ୍ତରମାନେ ଜଣେ ଛାତ୍ରଙ୍କୁ ନୂଆ ଜୀବନ ଦେଇଛନ୍ତି। ରାୟଗଡ଼ା ଜିଲ୍ଲା ପୋଡ଼ସିଂ ଗ୍ରାମର ଜଣେ ୧୬ବର୍ଷୀୟ ଯୁବକ ଦୁର୍ଘଟଣା ପରେ କୋମାକୁ ଚାଲିଯାଇଥିଲେ। ତାଙ୍କ ମୁଣ୍ଡ (ପାରିଏଟାଲ୍ ବୋନ୍) ରେ ଗଭୀର ଆଘାତ ଲାଗିବା ସହ ତାଙ୍କ ହାତଗୋଡ଼ ଅଚଳ ହୋଇପଡ଼ିଥିଲା। ତେବେ ଏମ୍‌କେସିଜି ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗରେ ଜଟିଳ ଅସ୍ତ୍ରୋପଚାର ପରେ ବର୍ତ୍ତମାନ ଚଳପ୍ରଚଳ କରୁଛନ୍ତି।

ସୂଚନାଯୋଗ୍ୟ, ପୋଡ଼ସିଂ ଗ୍ରାମର ଡିଗ୍‌ଡେଟପିନ ଶବର(୧୬) +୨ ପ୍ରଥମ ବର୍ଷର ଛାତ୍ର। ଗତ ୮ ତାରିଖ ସନ୍ଧ୍ୟାରେ ସେ ଓ ତାଙ୍କ ବନ୍ଧୁ ଏକ ବାଇକ୍‌ରେ ଟ୍ୟୁସନ୍‌ରୁ ଫେରୁଥିବା ବେଳେ ପଦ୍ମପୁର ନିକଟସ୍ଥ ଜୁକବନ୍ଧଠାରେ ଆଉ ଏକ ବାଇକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ପରିବାରଲୋକେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ସେ କୋମାକୁ ଚାଲିଯିବାରୁ ତାଙ୍କୁ ଏମ୍‌କେସିଜି ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏମ୍‌କେସିଜିରେ ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ତାଙ୍କ ମୁଣ୍ଡର ପାରିଏଟାଲ୍ ବୋନ୍ ଦବିଯାଇଥିବା ଡାକ୍ତର ଜାଣିବାକୁ ପାଇଥିଲେ। ମୁଣ୍ଡରେ ଲାଗିଥିବା ଗଭୀର ଆଘାତରୁ ତାଙ୍କ ମୁହଁ ବଙ୍କା ହେବା ସହ ହାତଗୋଡ଼ ଅଚଳ ହୋଇଯାଇଥିଲା। ଫଳରେ ଅସ୍ତ୍ରୋପଚାର ନିମନ୍ତେ ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୭ଦିନ ଧରି ସେ କୋମାରେ ଥିଲେ। ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗତ ୧୪ ତାରିଖରେ ଡିଗଡେଟପିନଙ୍କ ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ୩ ଘଣ୍ଟାର ଅସ୍ତ୍ରୋପଚାର ସଫଳ ହୋଇଥିଲା। ଅସ୍ତ୍ରୋପଚାରର କିଛି ଦିନ ପରେ ସେ କୋମାରୁ ଫେରିବା ସହ ଚଳପ୍ରଚଳ କରିବା ଆରମ୍ଭ କରିଛନ୍ତି। ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ କୋମାରେ ଥିବା ପୁଅ ଚଲାବୁଲା କରୁଥିବା ଦେଖି ବାପା ବଂଶୀ ଶବରଙ୍କ ସମେତ ପରିବାର ଲୋକେ ବେଶ୍ ଖୁସି ହୋଇଛନ୍ତି। ପୁଅର ଚିକିତ୍ସା କରିଥିବା ଡାକ୍ତର ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ପ୍ରଚେଷ୍ଟାରୁ ପୁଅକୁ ନୂଆ ଜୀବନ ମିଳିଥିବା ସେ କହିଛନ୍ତି। ଅସ୍ତ୍ରୋପଚାର କରିଥିବା ଡାକ୍ତରୀଦଳରେ ବିଭାଗୀୟ ଡାକ୍ତର ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାରଣା, ଡା. ତୁଷାରକାନ୍ତ ରଥ, ଡା. ପି. ହରିପ୍ରସାଦ, ଡା. ଉମାଶଙ୍କର ସାସମଲ ଓ ନିଶ୍ଚେତକ ବିଭାର ଡା. ମାନସ କୁମାର ନାହାକ ଏବଂ ତାଙ୍କ ଟିମ୍ ସକ୍ରିୟ ସାମିଲ ଥିଲେ।



■ ସ୍ୱାମୀର ପରକୀୟା ପ୍ରୀତିରେ ପତ୍ନୀ ଅତିଷ୍ଠ

## ପ୍ରେମିକା ଦୁଆରେ ୩ ଝିଅଙ୍କ ସହ ଆତ୍ମାହୁତି ଉଦ୍ୟମ

ନିଶ୍ଚିନ୍ତକୋଇଲି, ୨୧।୮ (ସମିସ): ସ୍ୱାମୀର ପରକୀୟା ପ୍ରୀତିରେ ଅତିଷ୍ଠ ହୋଇ ଜଣେ ମହିଳା ନିଜର ୩ ଛୁଆଙ୍କ ସହ ସ୍ୱାମୀର ପ୍ରେମିକା ଦୁଆରେ ଆତ୍ମାହୁତି ଉଦ୍ୟମ କରିବା ଆଜି ଚର୍ଚ୍ଚାର ବିଷୟ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ଅଧୀନ ବାଲିଆପଦା ଗ୍ରାମରେ ଆଜି ସକାଳେ ଏହି ଅଭାବନୀୟ ଘଟଣା ଘଟିଛି। ତେବେ ସ୍ଥାନୀୟ ଲୋକଙ୍କ ଯୋଗୁଁ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳି ଯାଇଛି।

ସୂଚନାନୁଯାୟୀ, ବାଲିଆପଦା ଗ୍ରାମର ଶାନ୍ତନୁ ମଳିକ ହାଇଦ୍ରାବାଦରେ ରଙ୍ଗମିସ୍ତ୍ରି ଭାବେ କାମ କରନ୍ତି। ଗାଁ ପାଖରେ ରହୁଥିବା ଅନ୍ୟ ଜଣେ ମହିଳାଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିବା ନେଇ ତାଙ୍କ ପତ୍ନୀ ସନ୍ଦେହ କରିଥିଲେ। ଏହାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଗତକାଲି ଏହାକୁ ନେଇ ଫୋନ୍‌ରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ଶାନ୍ତନୁଙ୍କ ସ୍ତ୍ରୀ ଆଜି ସକାଳେ ଏକ କିରାସିନି ବୋତଲ ଓ ତିନି ଝିଅଙ୍କୁ ନେଇ ସ୍ୱାମୀଙ୍କ ତଥାକଥିତ ପ୍ରେମିକା ଘର ଆଗରେ ପହଞ୍ଚିଥିଲେ। ସେଠାରେ ଦୁହିଁଙ୍କ ମଧ୍ୟରେ ଜୋରଦାର କଳିଝଗଡ଼ା, ମାଡ଼ପିଟ୍ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶାନ୍ତନୁଙ୍କ ସ୍ତ୍ରୀ ସାଙ୍ଗରେ ନେଇଥିବା କିରାସିନିକୁ ତିନିଝିଅ ଓ ନିଜ ଦେହରେ ଢାଳି ଦେଇଥିଲେ। ପରେ ଝିଅମାନଙ୍କ ଦେହରେ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାଙ୍କୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସମ୍ପୃକ୍ତ ମହିଳା, ତାଙ୍କର ତିନି କନ୍ୟା ଏବଂ ତାଙ୍କ ସ୍ୱାମୀ ସମ୍ପର୍କ ରଖିଥିବା ମହିଳାକୁ ଥାନାକୁ ଆଣିଥିଲେ। ମହିଳା ଏବଂ ତାଙ୍କ ତିନି ଝିଅକୁ ପାଣିରେ ଗାଧୋଇଲା ପରେ ପୁଲିସ ସେମାନଙ୍କୁ ଡାକ୍ତରୀ ପରୀକ୍ଷା କରାଇଥିଲା। ମାନସିକ ବିକୃତି ଯୋଗୁଁ ମହିଳାଜଣଙ୍କ ଏପରି ପଦକ୍ଷେପ ନେଇଥିଲେ ବୋଲି ପୁଲିସ କହିଛି। ତେଣୁ, କାଉନସେଲିଂ ପାଇଁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଥିବା ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।


## ୫ ଇନାମୀ ମାଓବାଦୀ ଗିରଫ

ମାଲକାନଗିରି,୨୧।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ବାଙ୍ଗୋଲିର ଜଙ୍ଗଲରେ ଡିଆରଜି ବାହିନୀର କମ୍ବିଂ ଅପରେସନ୍ ଚାଲିଥବା ବେଳେ ୫ଜଣ ମାଓବାଦୀ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ଟିଫିନ୍ ବୋମା, କୋର୍ଡେକ୍ସ ତାର, ବିଦ୍ୟୁତ ତାର, ବ୍ୟାଟେରୀ, ମାଟି ଖୋଳିବା ଉପକରଣ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ରହିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୨ମାଓବାଦୀ ଲକ୍ଷ୍ମୀ ଫାର୍ସା ଓ ସୁଖରାମ ହେମଲା ଥିବା ଜଣାଯାଇଛି।

ସୂଚନାନୁଯାୟୀ, ସୀମାନ୍ତ ଛତିଶଗଡ଼ରେ ମାଓ ଦମନ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅନବରତ ତଲାସି ଅଭିଯାନ ଜାରି ରହିଛି। ବିଜାପୁର ଜିଲ୍ଲାର ବାଙ୍ଗୋଲିର ଜଙ୍ଗଲରେ ଡିଆରଜିର ଯବାନମାନେ ମଧ୍ୟ ସମାନ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଯବାନଙ୍କୁ ଦେଖି କିଛି ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରୁଥିବା ଦେଖି ଯବାନମାନେ ସେମାନଙ୍କୁ କାବୁ କରିଥିଲେ। ମୋଟ ୫ଜଣଙ୍କୁ ଯବାନମାନେ କାବୁ କରିଥିଲେ। ପଚରାଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ସେମାନଙ୍କ ନାମରେ ପୂର୍ବରୁ ୬ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ଜଣାପଡ଼ିଥିଲା।



## ୨ କୁଖ୍ୟାତ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୧।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟ ପୁଲିସ ନିକଟରେ ଦୁଇଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ତେଲେଙ୍ଗାନା ରାଜ୍ୟ କମିଟିର ମାଓନେତ୍ରୀ କାକରଲା ସୁନୀତା ଓରଫ ବଦ୍ରି ଏବଂ ଆଞ୍ଚଳିକ କମିଟି ସଦସ୍ୟ ହରୀଶ। ଦୀର୍ଘ ବର୍ଷ ଧରି ଦୁହେଁ ମାଓ ସଙ୍ଗଠନରେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ସାଧାରଣ ଜୀବନଯାପନ ପାଇଁ ମୁଖ୍ୟସ୍ରୋତରେ ସାମିଲ ହେବା ଲାଗି ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୁନୀତା ବଡ଼ଧରଣର ୫ଟି ଏନ୍‌କାଉଣ୍ଟର୍‌ରେ ଅଂଶଗ୍ରହଣ କରିଥିବା ବେଳେ ତାଙ୍କ ନାମରେ ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ଅସ୍ତ୍ରୋପଚାର ସଫଳ

କଟକ,୨୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ବୁଧବାର ଏସ୍‌ସିବି ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଥିଲେ। ଆଜି ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି। ଦିନ ପ୍ରାୟ ୧୧ଟାରେ ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ସର୍ଜରୀ ବିଭାଗ ପ୍ରଫେସର ଏଲ. ଭି. ଗୌରିଙ୍କ ନେତୃତ୍ୱରେ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଦଳ ୪୫ମିନିଟ ଧରି ଅସ୍ତ୍ରୋପଚାର କରିଥିଲେ। ଶ୍ରୀମତି ମାରାଣ୍ଡିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ତାଙ୍କୁ କେବିନ ନଂ-୧ରେ ରଖାଯାଇଛି ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଯୋଗ୍ୟ, ସିଷ୍ଟ ଅସ୍ତ୍ରୋପଚାର ପାଇଁ ଏସ୍‌ସିବିର ସର୍ଜରୀ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇଥିଲା।

## ହରିଣ ଓ ବାରହା ମାଂସ ଜବତ; ଶିକାରୀ ଗିରଫ

ମହୁଲଡିହା,୨୧।୮ (ସମିସ): ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ନିକଟ ସାତକୋଶିଆ (ଗାଡ଼ା ସାହି)ରେ ଚଢ଼ଉ କରି ବନ କର୍ମଚାରୀମାନେ ଆଜି ବିପୁଳ ପରିମାଣର ହରିଣ ଓ ବାରହା ମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ଜଣେ ଶିକାରୀକୁ ଗିରଫ କରିଛନ୍ତି। ସେ ହେଲା, ପୀତାମ୍ବର ଲେୟାଙ୍ଗି (୪୫)। ସେ ନିଜ ଘରେ ଏହି ମାଂସ ବିକ୍ରି କରୁଥିଲା। ତା' ପାଖରୁ ଗୋଟିଏ ହରିଣ ମୁଣ୍ଡ ସହ ୭ କେଜି ମାଂସ, ଗୋଟିଏ ବାରହା ମୁଣ୍ଡ ସହ ୧୦ କେଜି ମାଂସ, ଛୁରି, ବୁଢ଼ିଆ, ରକ୍ତଲଗା କାଠ ଓ ତାରପୋଲିନ ଜବତ ହୋଇଛି। ବନ ବିଭାଗ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଚଢ଼ଉରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ, ବନପାଳ ବିଜୟ କୁମାର ମହାନ୍ତ, ବିଶ୍ୱଜିତ ମହାନ୍ତ, ଚିତ୍ରମଣି ହୋ, ବନରକ୍ଷୀ ସନତ କୁମାର ମହାନ୍ତ, ପଞ୍ଚାନନ ଗିରି, ଯୋଗେଶ୍ୱର କୁଲ୍ଲଡି, ମକରଧ୍ୱଜ ନାଏକ, ପଦ୍ମାବତୀ ପାତ୍ର ଓ ସବୁଜ ବାହିନୀର କର୍ମକର୍ତ୍ତା ସାମିଲ ଥିଲେ।

## ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଗଲା 'ଆମ ବସ୍'

ଖୋର୍ଦ୍ଧା,୨୧।୮ (ସମିସ): ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ପଞ୍ଚପାଇକ ଛକ ନିକଟରେ ଆଜି ଏକ 'ଆମ ବସ୍' ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ତେବେ ସୌଭାଗ୍ୟକୁ ଏଥିରେ ଥିବା ୪୧ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ମୁତାବକ, ଆଜି ପୂର୍ବାହ୍ନରେ ଜଗତପୁରରୁ ଭୁବନେଶ୍ୱର ଦେଇ ଖୋର୍ଦ୍ଧା ଅଭିମୁଖେ 'ଆମ ବସ୍'ଟି ୪୧ ଯାତ୍ରୀଙ୍କୁ ଧରି ଆସୁଥିଲା। ଆଉ ମାତ୍ର କିଛି ସମୟ ପରେ ବସ୍‌ରେ ଥିବା ଯାତ୍ରୀମାନେ ସେମାନଙ୍କ ଗନ୍ତବ୍ୟସ୍ଥଳ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥା'ନ୍ତେ। କିନ୍ତୁ ବସ୍‌ଟି ଗଡ଼ଖୋର୍ଦ୍ଧା ପଞ୍ଚପାଇକ ଛକ ନିକଟରେ ହୋଇଥିବା ବେଳେ ସମ୍ମୁଖ ଭାଗରୁ ଧୂଆଁ ବାହାରୁଥିବା କଣ୍ଡକ୍ଟର୍ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ଚାଳକଙ୍କୁ ଅବଗତ କରାଇବା ପରେ ବସ୍‌କୁ ଅଟକାଯିବା ସହ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା। ଯାତ୍ରୀମାନେ କିଛି ବୁଝିବା ପୂର୍ବରୁ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯିବା ସହିତ ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହା ଦେଖି ଯାତ୍ରୀମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ଶିଳ୍ପାଞ୍ଚଳ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।



### ଅଳ୍ପକେ ବର୍ତ୍ତିଲେ ୪୧ ଯାତ୍ରୀ

ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ସର୍ଟସର୍କିଟ୍ କିମ୍ବା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଅଘଟଣ ଘଟିଥିବା ଅଗ୍ନିଶମ କର୍ମଚାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାରେ ସମ୍ପୃକ୍ତ ଅପରେଟର୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ସମସ୍ତ ବସ୍‌ର ତୁରନ୍ତ ଫିଟ୍‌ନେସ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରିବହନ କମିଶନର, ଓଡ଼ିଶା କାର୍ଯ୍ୟାଳୟକୁ ସ୍ଥାନୀୟ ମୋଟର ଯାନ ନୀରିକ୍ଷକ (ଏମ୍‌ଭିଆଇ)ଙ୍କୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ଏବଂ ବିଶେଷଜ୍ଞ ମତାମତ ପ୍ରଦାନ କରିବା ପାଇଁ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ ଘଟଣା

## ଥାନା ଆଗରେ କଂଗ୍ରେସର ବିକ୍ଷୋଭ

■ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କଲେ ବିଧାୟକ ରମେଶ ଜେନା
■ ବିଶ୍ୱବିଦ୍ୟାଳୟ ପରିସରରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ବ୍ରହ୍ମପୁର,୨୧।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଉପଦ୍ରବକୁ କେନ୍ଦ୍ର କରି ତୁମୂଳକାଣ୍ଡ ଘଟିଛି। ଏହାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ବୁଧବାର ଭୋର୍ ପ୍ରାୟ ୪ଟାରେ ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଗୋପାଳପୁର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ମାଡ଼ ମାରିଥିବା ଅଣଛାତ୍ରଙ୍କୁ ତୁରନ୍ତ ଗିରଫ ଓ ଅନ୍ୟାନ୍ୟ ଦାବିରେ ସେମାନେ ଧାରଣା ଦେବା ସହ ହୋ-ହଲ୍ଲା କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। କୌଣସି ବଡ଼ଧରଣର ଅଘଟଣ ଆଶଙ୍କାରେ ବିଶ୍ୱବିଦ୍ୟାଳୟ ପରିସରରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରିବା ସହ ଶାନ୍ତି ବଜାୟ ରଖିବାକୁ ପ୍ରଚେଷ୍ଟା ଜାରି ରଖିଛି। ଯେଉଁ ଅଣଛାତ୍ରମାନେ ଆକ୍ରମଣ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ରଙ୍କ ଆକ୍ରମଣରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ର ଆହତ ହୋଇ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ସମୟରେ ଥାନା ଭିତରେ ଏବିଭିପିର ଛାତ୍ରନେତା ତୁତୁନ ପାତ୍ର ଓ ବିଜେପି ଯୁବନେତା ଶିବ ନାୟକଙ୍କ ସମେତ କିଛି ଯୁବକ ଅଭିଳାଷଙ୍କୁ ଧମକ ଦେଇଥିଲେ। ଏହି ଖବର ପ୍ରଘଟ ପରେ ଭୋର୍ ପ୍ରାୟ ୪ଟାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ଶତାଧିକ ସମର୍ଥକ ଗୋପାଳପୁର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଆକ୍ରମଣ କରିଥିବା ଏବଂ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ।

### ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକ

## ପୁଣି ଧରାପଡ଼ିଲେ ୧୧ ଜଣ

ବ୍ରହ୍ମପୁର,୨୧।୮ (ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍‌ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ ୨୭ଟି ମାମଲାର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୧୧ଟି ମାମଲାର ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ବେଳେ ଅନ୍ୟ ୧୬ଟି ମାମଲାର ଶୁଣାଣି ହୋଇଥିଲା। ଗୁରୁବାର ହୋଇଥିବା ମାମଲା ମୁଖ୍ୟତଃ ନବରଙ୍ଗପୁର ଓ ଗଜପତି ଜିଲ୍ଲାର ରହିଥିଲା। ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ୧୧ଟି ମାମଲାରେ ସମସ୍ତ ୧୧ଜଣ ବ୍ୟକ୍ତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ସେମାନେ ନକଲି ବା ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ସ୍ପଷ୍ଟ ହୋଇଛି। ସେଥିମଧ୍ୟରୁ ଗଜପତି ଜିଲ୍ଲାର ୬ଜଣ ଓ ନବରଙ୍ଗପୁର ଜିଲ୍ଲାର ଅବଶିଷ୍ଟ ୫ଜଣ ଥିବା ଜଣାପଡ଼ିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪ଜଣ ଶିକ୍ଷକ, ଜଣେ ରାଜସ୍ୱ ନିରୀକ୍ଷକ, ଜଣେ ଫରେଷ୍ଟ ଗାର୍ଡ, ଜଣେ ରିଜର୍ଭ ବ୍ୟାଙ୍କ କିରାଣି, ଦୁଇଜଣ ବରିଷ୍ଠ କିରାଣି, ଜଣେ ପୂର୍ବତନ ସରପଞ୍ଚ ଏବଂ ଜଣେ ଚାଷୀ ଥିବା ଜଣାପଡ଼ିଛି।

**ଶିକ୍ଷକ, ରିଜର୍ଭ ବ୍ୟାଙ୍କ କିରାଣି, ରାଜସ୍ୱ ନିରୀକ୍ଷକ ସାମିଲ**



ଧରାପଡ଼ିଥିବା ବ୍ୟକ୍ତିଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନା ବ୍ଲକର ଦଧିଆମ୍ବ ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ମଦା ଦଳେଇ ଅନ୍ୟତମ। ନର୍ମଦା ଜାତିରେ କ୍ଷତ୍ରୀୟ ହୋଇଥିବା ବେଳେ ସେ ନିଜକୁ କନ୍ଧ ଦର୍ଶାଇ ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ନିର୍ବାଚନ ଲଢ଼ିଥିଲେ। ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅଭିଯୋଗ ହୋଇଥିଲା।

ସେହିଭଳି, ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ଶୁଣାଣି ହୋଇଥିବା ଅନ୍ୟ ୧୬ଟି ମାମଲା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୧୫ଟି ଓ ଗଜପତି ଜିଲ୍ଲାର ଗୋଟିଏ ମାମଲା ଥିଲା। ସେଥିମଧ୍ୟରେ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଜଣେ ଓଆର୍‌ଏସ୍, ୨ ଜଣ ବରିଷ୍ଠ କିରାଣି, ଜଣେ ମୁଖ୍ୟ କିରାଣି, ଜଣେ ଫରେଷ୍ଟ ଏକ୍ସଟେନ୍‌ସନ୍ ଅଧିକାରୀ, ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଦୁଇଜଣ କନେଷ୍ଟବଳ ଓ ୨ ଜଣ ଶିକ୍ଷକଙ୍କ ସମେତ ଜଣେ ପୂର୍ବତନ ସରପଞ୍ଚ ଓ ଜଣେ ବର୍ତ୍ତମାନର ସମିତିସଭ୍ୟ ଥିବା ଜଣାପଡ଼ିଛି। ସେହିଭଳି ଜଣେ ସରକାରୀ ପିଅନଙ୍କ ସମେତ ସୁନାବେଡ଼ାସ୍ଥିତ 'ହାଲ୍'ର ଜଣେ ବରିଷ୍ଠ ମାଷ୍ଟର ଟେକ୍ନିସିଆନଙ୍କ ମାମଲା ବିଚାରାଧୀନ ରହିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ହୋଇଥିବା ପୂର୍ବତନ ସରପଞ୍ଚଜଣଙ୍କ ହେଉଛନ୍ତି, ନବରଙ୍ଗପୁର ଜିଲ୍ଲାର ଖୁଟୁବାଇ ପଞ୍ଚାୟତର। ସେହିଭଳି ଗଜପତି ଜିଲ୍ଲାର ରାଜପୁରର ବର୍ତ୍ତମାନର ନିର୍ବାଚିତ ସମିତିସଭ୍ୟଙ୍କ ବିରୁଦ୍ଧରେ ମଧ୍ୟ ରହିଛି ଅନୁରୂପ ତଥା ସଂଗୀନ ଅଭିଯୋଗ। ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ମୋଟ ୨୭ଟି ମାମଲା ପଡ଼ିଥିବା ବେଳେ ଏଥିସହିତ ମୋଟ ୬୭୧ଟି ମାମଲାର ନିଷ୍ପତ୍ତି ହୋଇସାରିଛି। ଫଳରେ ୨୦୧୦ ମସିହାରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଥିବା ମୋଟ ୧୪୫୯ଟି ଅଭିଯୋଗ ବା ମାମଲା ମଧ୍ୟରୁ ଆଉ ମାତ୍ର ୭୮୮ଟି ମାମଲାର ନିଷ୍ପତ୍ତି ହେବାକୁ ବାକି ରହିଥିବା ଆର୍‌ଡିସିଙ୍କ କାର୍ଯ୍ୟାଳୟର ଏସ୍‌ସି ଆଣ୍ଡ ଏସ୍‌ଟି ଉନ୍ନୟନ ବିଭାଗ ଉପ-ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

ଯାଞ୍ଚ କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ ଗଜପତି ଓ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉଭୟ ଜିଲ୍ଲାର ମଙ୍ଗଳ ଅଧିକାରୀ, ତହସିଲଦାର, ଏସ୍‌ସି ଆଣ୍ଡ ଏସ୍‌ଟି ରିସର୍ଚ୍ଚ ଟ୍ରେନିଂ ସେଣ୍ଟରର ସହକାରୀ ନିର୍ଦ୍ଦେଶକଙ୍କ ସମେତ ଉଭୟ ଜିଲ୍ଲାର ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଳ ବିଭାଗର ଭୁଲ୍ ଘୋଷଣା ନେଲା ଯାତ୍ରୀଙ୍କ ଜୀବନ

ରାଉରକେଲା,୨୧।୮ (ସମିସ): ରେଳ ବିଭାଗର ଭୁଲ ଘୋଷଣା ଯୋଗୁଁ ଜଣେ ଯାତ୍ରୀଙ୍କ ଜୀବନ ଯାଇଛି। ଆଜି ରାଉରକେଲା ରେଳ ଷ୍ଟେସନ୍‌ରେ ଏଭଳି ଏକ ଅଘଟଣ ଘଟିଛି। ମୃତ ଯାତ୍ରୀଜଣଙ୍କ ହେଲେ, ପ୍ରବୋଧ ଘୋଷ।

ସୂଚନାନୁସାରେ, ପତ୍ନୀଙ୍କ ସହ ପ୍ରବୋଧ ଚିକିତ୍ସା ଲାଗି ଆଜି ଭିଲାଇ ଯାଉଥିଲେ। ଗୁରୁବାର ଦାନାପୁର-ଦୁର୍ଗ ଦକ୍ଷିଣ ବିହାର ଏକ୍ସପ୍ରେସ୍ ଟ୍ରେନ୍‌ରେ ଟିକଟ ଥିଲା। ଷ୍ଟେସନ୍‌ରେ ପ୍ଲାଟଫର୍ମ ନଂ୨ରେ ଟ୍ରେନ୍ ପହଞ୍ଚିବା ପୂର୍ବରୁ ଘୋଷଣା କରାଯାଇଥିଲା ଯେ ଏସି କୋଚ୍ ଆଗରେ ଅଛି। ତେଣୁ ସେମାନେ ଆଗକୁ ବଢ଼ିଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ଘୋଷଣା କରାଯାଇଥିଲା ଯେ ଏସି କୋଚ୍ ପଛରେ ଅଛି। ଶୀଘ୍ର ସେ ପଛକୁ ଦୌଡ଼ି ଟ୍ରେନ୍‌ରେ ଚଢ଼ିବାକୁ ଚେଷ୍ଟା କରିବା ସମୟରେ ଖସିପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ଚିକିତ୍ସା ନପାଇବାରୁ ଷ୍ଟେସନ ପରିସରରେ ହିଁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଦୁର୍ଘଟଣାର ସୂଚନା ପାଇବା ପରେ ରେଳବିଭାଗ ଡାକ୍ତରୀଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ପ୍ରବୋଧଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ମର୍ମାହତ ପରିବାର ସଦସ୍ୟମାନେ ରେଳ ପ୍ରଶାସନକୁ ଦାୟୀ କରିଛନ୍ତି ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ରାଉରକେଲା ଷ୍ଟେସନ୍‌ରେ ଏପରି ଭୁଲ ପ୍ରାୟତଃ ଘଟେ। କେତେବେଳେ ଗୋଟିଏ ପ୍ଲାଟଫର୍ମରେ ଟ୍ରେନ୍ ଆସିବାର ଥିବା ବେଳେ ପରେ ଅନ୍ୟ କୌଣସି ପ୍ଲାଟଫର୍ମ ଘୋଷଣା କରାଯାଏ। ଏଥିପାଇଁ ମାମଲାର ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଦାବି କରାଯାଇଛି।



## ହାଇକୋର୍ଟରେ କଟକ ସହର ସମସ୍ୟା

# ରାସ୍ତା ଅବରୋଧ କରି ତୋରଣ ମନା

କଟକ,୨୧।୮ (ସମିସ):



**‘ଶବ୍ଦ ପ୍ରଦୂଷଣ କଟକଣା କଡ଼ାକଡ଼ି କର’**

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଛନ୍ତି। ଆସନ୍ତା ଗଣେଶ ପୂଜା ଠାରୁ କଟକରେ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଏହି ସମୟରେ ଯେପରି ପୂର୍ବରୁ ଜାରି ହୋଇଥିବା କଟକଣା ଉଲ୍ଲଙ୍ଘନ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସମସ୍ତ ବିଭାଗକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂଜା ମଣ୍ଡପ ଗୁଡିକ ପକ୍ଷରୁ ଯେପରି ରାସ୍ତାଘାଟ ଫୁଟପାଥ ଅବରୋଧ କରି ତୋରଣ,ଇଲେକ୍ଟ୍ରିକ ଗେଟ ଆଦି ନିର୍ମାଣ ନ କରିବେ ଓ ଗତ ବର୍ଷ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁପାଳନ ହେବ ତାହା ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରାଇବ ବୋଲି କହିଛନ୍ତି ଖଣ୍ଡପୀଠ। ଗତ ବର୍ଷ ଖାନନଗର ପୂଜା ପେଣ୍ଡାଲରେ ଏକ ତୋରଣ ଭୁଶୁଡିପଡିଥିବା ହେତୁ ପୂଜା ମଣ୍ଡପ ଗୁଡିକୁ ଏନଓସି ପ୍ରଦାନ ବେଳେ ନିରାପତ୍ତା ଦିଗ ପ୍ରତି କଣ ଧ୍ୟାନ ଦିଆଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶବ୍ଦ ପ୍ରଦୂଷଣ ପାଇଁ ୬୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ଉପରେ ଥିବା କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ କଟକ ଡିସିପି ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି। ଶୋଭାଯାତ୍ରାରେ ଯାଉଥିବା ପ୍ରତି ବ୍ୟାଣ୍ଡ ସାଉଣ୍ଡ ଲିମିଟର ଲଗାଇବାକୁ ବାଧ୍ୟତାମୂଳକ କରାଯିବ ବୋଲି ଡିସିପି କହିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବଶିନ୍ଦେ ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଦର୍ଶାଇଥିଲେ ଯେ ଏଥର ସିଙ୍ଗିଲ ଉଇଣ୍ଡୋ ପଦ୍ଧତିରେ ପୂଜାମଣ୍ଡପ ଗୁଡିକୁ ସର୍ତ୍ତାରୋପ ପୂର୍ବକ ପ୍ରଥମେ ପ୍ରୋଭିଜିନାଲ ଓ ପରେ ଚୂଡାନ୍ତ ଏନଓସି ପ୍ରଦାନ କରାଯିବ। ବିଶେଷକରି ତୋରଣ ନିର୍ମାଣ ପୂର୍ବରୁ ପୂଜା ମଣ୍ଡପ ଗୁଡିକୁ ପ୍ରଥମେ ଏଗୁଡିକର ଡ୍ରଇଂ ମଗାଯିବ ବୋଲି ଜିଲ୍ଲାପାଳ କହିଥିଲେ।



### ଅପମିଶ୍ରିତ ଓ ଭେଜାଲ ଖାଦ୍ୟ ସମ୍ପର୍କିତ ଅଭିଯୋଗ ଗ୍ରହଣ ବ୍ୟବସ୍ଥା କର

ପାର୍ବଣ ସମୟରେ ଅପମିଶ୍ରିତ ତଥା ଭେଜାଲ ଖାଦ୍ୟ ଚିନ୍ତାଜନକ ହୋଇଥାଏ। ଏହାର ଯାଞ୍ଚ ସହ ଏସମ୍ପର୍କିତ ଲୋକଙ୍କ ଅଭିଯୋଗ ଗ୍ରହଣ ପାଇଁ ମୋବାଇଲ ନମ୍ବର ଅଥବା ୱେବସାଇଟ କିମ୍ବା ସାମାଜିକ ଗଣମାଧ୍ୟମରେ ବ୍ୟବସ୍ଥା ଗ୍ରହଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଯେପରି ସହଜରେ ଲୋକେ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କଲେ ମହାନଗର ନିଗମ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଖାଦ୍ୟ ସୁରକ୍ଷା ଅଧିକାରୀ ଓ ସାନିଟାରୀ ଇନସ୍ପେକ୍ଟରମାନଙ୍କୁ ନେଇ ଟିମ ଗଠନ କରାଯିବ ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା।

### ୧୧୧ ପଦରୁ ୯୬ ଡାକ୍ତରଙ୍କ ନିଯୁକ୍ତି ପାଇଁ ସୁପାରିସ କରିଛି ଓପିଏସ୍‌ସି

ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଡାକ୍ତରଙ୍କ ନିଯୁକ୍ତି ପ୍ରସଂଗରେ ମେଡିକାଲ ଅଧୀକ୍ଷକ ଏକ ସତ୍ୟପାଠ ଦାଖଲ କରିଛନ୍ତି। ମେଡିକାଲରେ ମୋଟ ୧୧୧ଟି ସହକାରୀ ପ୍ରାଧ୍ୟାପକ ପଦ ଓ ୯ଟି ସୁପରସ୍ପେଶିଆଲିଟି ଡାକ୍ତର ପଦରେ ନିଯୁକ୍ତି ପ୍ରକ୍ରିୟା କରିବା ପାଇଁ ଓପିଏସସିକୁ କୁହାଯାଇଥିଲା। ତେବେ ୧୧ରୁ ଇତିମଧ୍ୟରେ ଓପିଏସସି ପକ୍ଷରୁ ୮୯ଜଣ ସହକାରୀ ପ୍ରାଧ୍ୟାପକ ଓ ୭ଜଣ ସୁପରସ୍ପେସ।ଲିଟି ଡାକ୍ତରଙ୍କ ନାମ ନିଯୁକ୍ତି ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିବା ସତ୍ୟପାଠରେ କୁହାଯାଇଛି।

### ରାସ୍ତାଘାଟକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

ସହରର ଅଧିକାଂଶ ରାସ୍ତାଘାଟଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସହରର ରାସ୍ତାଘାଟ ଗୁଡିକରେ ସୃଷ୍ଟ ପଟହୋଲଗୁଡିକ ଦୀର୍ଘ ମାସ ଧରି ମରାମତି ହୋଇପାରୁନଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଶୁଣାଣିରେ ଉପସ୍ଥିତ ରହି କଟକରେ ୧୫ଟି ରାସ୍ତା କାମ ଅନଲାଇନ ଟେଣ୍ଡର କରାଯାଇଛି ଓ ଏହି ସବୁ ରାସ୍ତାଘାଟ କାମ ଆସନ୍ତା ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ସରିବ ବୋଲି କହିଥିଲେ। ମହାନଗର ନିଗମ ଅଧିନରେ ଥିବା ୱାର୍ଡଗୁଡିକରେ ଥିବା ରାସ୍ତାଘାଟ ପାଇଁ ନିଆଯାଇଥିବା ପଦକ୍ଷେପର ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣିରେ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

### ସତ୍ୟବ୍ରତ ଷ୍ଟାଡିୟମ ଡିପିଆର କ୍ରୀଡ଼ା ବିଭାଗକୁ ପଠାଯିବ

ସତ୍ୟବ୍ରତ ଷ୍ଟାଡିୟମର ଦୂରବସ୍ଥା ନେଇ ହାଇକୋର୍ଟ ଶୁଣାଣି କରିଆସୁଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହି ଷ୍ଟାଡିୟମର ସ୍ଥିତି ସୁଧୁରିବାକୁ ଯାଉଛି। ଏଥିପାଇଁ ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ସହ କଟକ ମହାନଗର ନିଗମ,କଟକ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଥିବା ନେଇ ଆଜି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଉନ୍ନତିକରଣ ନିମନ୍ତେ ଏକ ଡିପିଆର ପ୍ରସ୍ତୁତ ହୋଇଛି ଓ ତାହାକୁ କ୍ରୀଡା ବିଭାଗକୁ ପଠାଯାଇ ଅର୍ଥ ଅନୁମୋଦନ ପାଇଁ ନିବେଦନ କରାଯିବ ବୋଲି ଜିଲ୍ଲାପାଳ ଅବଗତ କରିଥିଲେ। ସେହିପରି ଏଠାରେ ପାନୀୟଜଳ, ପରିମଳ ଓ ଆଲୋକୀକରଣ କାର୍ଯ୍ୟ ସିଏମସି ପକ୍ଷରୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଏସ୍‌ସିବିର ବିଭିନ୍ନ ବିଭାଗକୁ ଦୁଇ ବର୍ଷରେ କେତେ ଯନ୍ତ୍ରପାତି ଆସିଛି ଜଣାଅ

ଏସସିବି ହୃଦରୋଗ ବିଭାଗ ଅଧିନସ୍ଥ କାର୍ଡିଓଥୋରାସିସ ଭସ୍କୁଲାର ସର୍ଜରୀ ଓ ଇକମୋ ୟୁନିଟରେ ଦୀର୍ଘ ୧୦ବର୍ଷ ଧରି ଆବଶ୍ୟକ ନୂତନ ଯନ୍ତ୍ରପାତି କିଣାଯାଇନଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ବିଭାଗରେ କେତେକ ଯନ୍ତ୍ରପାତି ଅତିରିକ୍ତ ଭାବେ ମହଜୁଦ ରହିବାର ଆବଶ୍ୟକତା ରହିଛି । ପୁରୁଣା ଯନ୍ତ୍ରପାତି କାର୍ଯ୍ୟ ନକରିଲେ ଯଦି ବିକଳ୍ପ ଯନ୍ତ୍ରପାତି ନଥିବ ତାହେଲେ ରୋଗୀଙ୍କ ଜୀବନ ଚାଲିଯିବାର ଆଶଙ୍କା ରହିଛି ବୋଲି ଆଡଭୋକେଟ କମିଟି ଓ ଆମିକସକ୍ୟୁରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏସସିବି ମେଡିକାଲର ସମସ୍ତ ବିଭାଗରୁ ଗତ ୨୦୨୩ଅଗଷ୍ଟ୧୫ରୁ ୨୦୨୫ଜୁନ ସୁଦ୍ଧା କେତେ ଯନ୍ତ୍ରପାତି ଓ ଡାକ୍ତରୀ ସରଞ୍ଜାମ କ୍ରୟ ପାଇଁ ଅନୁରୋଧ ଆସି ଡିଏମଇଟିଙ୍କ ନିକଟକୁ ପଠାଯାଇଛି ଓ କେତେ ଯନ୍ତ୍ରପାତି କିଣାଯାଇ ଏସସିବିକୁ ଦିଆଯାଇଛି ସେ ନେଇ ଅଦାଲତ ସବିଶେଷ ରିପୋର୍ଟ ମାଗିଛନ୍ତି। ପରବର୍ତ୍ତୀ ଶୁଣାଣିରେ ଉଭୟ ଅଧୀକ୍ଷକ ଓ ରାଜ୍ୟ ସରକାର ଏ ସମ୍ପର୍କରେ ସତ୍ୟପାଠ ଦେବାକୁ କହିଛନ୍ତି ହାଇକୋର୍ଟ। ଏସସିବି ଯକୃତ ପ୍ରତିରୋପଣ ପ୍ରସଂଗରେ ସଚିବଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଆଇଜି ଏହାର ପରିଚାଳନା ପାଇଁ ଚୁକ୍ତି ଅନୁସାରେ ମଧ୍ୟବର୍ତ୍ତୀକାଳୀନ ସେବା ଯୋଗାଇବାକୁ ସମ୍ମତି ଦେଇଥିବା କୁହାଯାଇଛି।

### ସିଟି ହସ୍ପିଟାଲରେ କେନ୍ଦ୍ରୀୟ ଦଳ

**କଟକ,୨୧।୮ (ସମିସ):** କେନ୍ଦ୍ରୀୟ ଦଳ ଗୁରୁବାର କଟକ ଗସ୍ତ କରି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ପରିଦର୍ଶନ କରିଥିଲା। ପ୍ରତିନିଧିମାନେ ହସ୍ପିଟାଲର ଇଏନଟି ଓ ଚକ୍ଷୁ ବିଭାଗରେ କାର୍ଯ୍ୟର ସମୀକ୍ଷା କରିବା ସହ ମେଡିକାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲା। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ସମସ୍ତ ଯୋଜନା ଠିକ ଭାବେ କାର୍ଯ୍ୟକାରୀ କରାଯାଉ ନା ନାହିଁ ତାହାର ତଦାରଖ କରାଯାଇଥିଲା। ସିଟି ହସ୍ପିଟାଲର ଉଭୟ ବିଭାଗରେ ରୋଗୀ ସଂଖ୍ୟା ଅଧିକ ଥିବା ବେଳେ ଚକ୍ଷୁ ବିଭାଗରେ ମାତ୍ରାଧିକ ସଂଖ୍ୟାର ଅସ୍ତ୍ରୋପଚାର ବିଷୟରେ ଜାଣିବାରୁ ଟିମ ସନ୍ତୋଷ ବ୍ୟକ୍ତ କରିଥିଲା।

### ସେପ୍ଟେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୨୧।୮ (ସମିସ):** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

### ଦେବୀଗଡ଼ା ପରିଦର୍ଶନ କଲେ ମେୟର ଓ କମିସନର



**କଟକ,୨୧।୮ (ସମିସ):** ଚଳିତ ବର୍ଷ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଜି ସକାଳ ୮.୩୦ ସମୟରେ କଟକ ମେୟର ସୁବାସ ସିଂହ, ସିଏମସି କମିଶନର, ଶାନ୍ତିକମିଟି କର୍ମକର୍ତ୍ତା, କର୍ପୋରେଟର, ସମସ୍ତ ବିଭାଗର ଅଧିକାରୀଙ୍କୁ ସାଥୀରେ ଧରି ପୁରୀଘାଟ ଦେବୀଗଡାସ୍ଥିତ ଭସାଣି ବିସର୍ଜନସ୍ଥଳର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। କଟକ ସହରରେ ଦୁର୍ଗା, କାଳୀ ମେଢର ଭସାଣି ନିମନ୍ତେ ଦେବୀଗଡାଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଦେବୀଗଡାକୁ କଟକର ଗର୍ବ ଓ ଗୌରବ ବିସର୍ଜନସ୍ଥଳ ଭାବରେ ସ୍ୱତନ୍ତ୍ର ପରିଚୟକୁ ଆଖିଆଗରେ ରଖି କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ମେୟର ଶ୍ରୀ ସିଂହ ଆଦେଶ ଦେଇଥିଲେ। ଏହି ଅବସରରେ କଟକ ମେୟର ଶ୍ରୀ ସିଂହଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କର୍ପୋରେଟର ବିକାଶ ରଞ୍ଜନ ବେହେରା, କର୍ପୋରେଟର ଲକ୍ଷ୍ମୀଧର ବେହେରା, କର୍ପୋରେଟର ଗଗନ ଓଝା, କର୍ପୋରେଟର ବନଲତା ପ୍ରଧାନ, ଏକଜିକ୍ୟୁଟିଭ ଇଞ୍ଜିନିୟର ଭରତ ସେଠୀ, ଏକଜିକ୍ୟୁଟିଭ ଇଞ୍ଜିନିୟର ସୁବାସ ସାହୁ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶଚନ୍ଦ୍ର ସାହୁ, ଶାନ୍ତି କମିଟି କର୍ମକର୍ତ୍ତା ଦେବାଶିଷ ରାୟ, ଦିପାୟନ ପଟ୍ଟନାୟକ, ରାଜୀବ ବେହେରା, ସ୍ଥାନୀୟ ମୁରବି ତଥା ଆଇନଜୀବୀ ଆଲୋକ ମହାପାତ୍ର, ପ୍ରସନ୍ନ ବେହେରା, ରଘୁନାଥ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ସ୍ଥାନୀୟ ଅଞ୍ଚଳର ଅନେକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

## ପୂଜା ଓ ଭସାଣି ସୁରୁଖୁରୁରେ ସମ୍ପନ୍ନ କରିବାକୁ ଗୁରୁତ୍ୱାରୋପ



**କଟକ,୨୧।୮ (ସମିସ):** ଚଳିତ ବର୍ଷ ଗଣେଶ ପୂଜା-୨୦୨୫କୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଏଥି ସହ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶାନ୍ତି କମିଟିର କର୍ମକର୍ତ୍ତା ତଥା ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଗଣେଶ ପୂଜା ପାଳନ ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାତ୍ରି ୧୦ ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସମ୍ବେଦନଶୀଳ ସ୍ଥାନରେ କମ ଧ୍ୱନି କରିବା ସହ ଲେଜର ଲାଇଟକୁ ପୂଜାମଣ୍ଡପ ଓ ଭସାଣୀ ଉତ୍ସବରେ ବ୍ୟବହାର ନ କରିବା ତଥା ନିଶା ସେବନ ନ କରି ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଗଣେଶ ପୂଜା ୨୭ ତାରିଖ ଦିନ ପାଳନ କରାଯାଇ ପର୍ଯ୍ୟାୟ କ୍ରମେ ୩୧, ୭, ୧୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଗଣେଶ ପୂଜା ପାଳନ ଓ ଭସାଣୀ ସମୟରେ ବିଦ୍ୟୁତ ସରବରାହ, ରାସ୍ତା ମରାମତି, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ, ଆଇନଶୃଙ୍ଖଳା, ମେଢ ଯାତାୟାତ ନିମନ୍ତେ କେବୁଲ ତାର ଅପସାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, ସଂପାଦକ ଭିକାରୀ ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଶିବେନ୍ଦ୍ର ହାତୀ, ନରସିଂହ ଚୌଧୁରୀ, ନରସିଂହ ସାହୁ, ଦୀପାୟନ ପଟ୍ଟନାୟକ ପ୍ରମୁଖ ଏହି ବୈଠକରେ ଆଲୋଚନା କରିଥିଲେ। ଚଳିତ ବର୍ଷ ତିନିଟି ପର୍ଯ୍ୟାୟରେ ଭସାଣୀ ନିମନ୍ତେ ଅନୁମତି ଥିବା କଥା ଦର୍ଶାଇ ଓ ପାରମ୍ପରିକ ରୀତି ଅନୁଯାୟୀ ବିସର୍ଜନ ହେବାକୁ ଥିବା ମୂର୍ତ୍ତିଗୁଡିକ ପାଇଁ ଆଉ ଗୋଟିଏ ଭସାଣି ଦିନ ସ୍ଥିର କରାଯିବା ପାଇଁ ପୂଜା କମିଟିମାନେ ଅନୁରୋଧ କରିଥିଲେ। ଏଥିସହ ସହରର ମୁଖ୍ୟ ରାସ୍ତାଗୁଡିକରେ ତଥା ବିଭିନ୍ନ ୱାର୍ଡରେ ଖାଲଖମା ଯୁକ୍ତ ରାସ୍ତାଘାଟର ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ସ୍ୱଚ୍ଛ ଜଳଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋତା କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ଆବଶ୍ୟକ ମୌଳିକ କାର୍ଯ୍ୟ ଗଣେଶ ପୂଜା ଭସାଣି ପୂର୍ବରୁ ଶେଷ କରାଯିବ ବୋଲି ସୂଚନା ଦେବା ସହ ମହାନଗର ନିଗମ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ଉପରେ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ପୁଲିସ ଉପାୟୁକ୍ତ ଦେବଦତ୍ତ କର ମତାମତ ପ୍ରଦାନ କରିଥିଲେ। ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ-୧ ଏବଂ ୨, ନଗର ସ୍ୱାସ୍ଥ୍ୟ ଅଧିକାରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

ୟୁଥ୍ ୱିଇଙ୍ଗ ଆସୋସିଏସନ୍, ସେକ୍ଟର-୬

## ପୂଜା ପାଇବେ ଆକର୍ଷଣୀୟ ଗଣେଶ ମୂର୍ତ୍ତି

କଟକ,୨୧।୮ (ସମିସ):

**ଆସୁଛନ୍ତି ଗଜାନନ**

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ’ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗେଣଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି’ର ହୃଦୟ ଚିରା ବକ୍ଷ’ରେ ଏ ସହରରେ ଶୁଭିବ ‘ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ..ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା’.. କଟକିଆ ବରାଦ ଦେଇ ନିର୍ଘୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

୨୦୨୩ ମସିହାରେ ଏହି କ୍ଲବଟି ଗଢି ଉଠିଥିଲା ଓ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା କରାଯାଇଥିଲା। ଚଳିତ ବର୍ଷ ୩ ବର୍ଷ ଗଣେଶ ପୂଜା ଏହି କ୍ଲବ ଆୟୋଜନ କରୁଛି। ଚଳିତ ବର୍ଷ ପୂଜାରେ ଅନାଥ ଆଶ୍ରମରେ ଭୋଗ ବଣ୍ଟନ ସହ ବହି, ଖାତା ଇତ୍ୟାଦି ପାଠ୍ୟ ଉପଯୋଗୀ ଉପକରଣ ଯୋଗାଇ ଦିଆଯିବ ବୋଲି କ୍ଲବର ସମ୍ପାଦକ ବିବେକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂଜାକୁ ପ୍ରାଧାନ୍ୟ ଦିଆଯାଇ ସାଜସଜ୍ଜା ଓ ଭସାଣି ମଧ୍ୟ ବେଶ ଆଡମ୍ବର ସହକାରେ ପାଳନ କରାଯାଏ। ବିଶେଷକରି ଗଜାନନ ଅବତାରର ୬ ଫୁଟ ଉଚ୍ଚାଟର ମୂର୍ତ୍ତି ପୂଜା ପାଇବେ ନିଶାମୁକ୍ତ, ପଲିଥିନମୁକ୍ତ ହେବ ବୋଲି ସଭାପତି ଆଶିଷ ଦେ ସୂଚନା ଦେଇଛନ୍ତି। ଗତବର୍ଷ ଶ୍ରୀ ଗଣେଶ ମହୋତ୍ସବ ୨୦୨୪ ପକ୍ଷରୁ ଏହି କ୍ଲବ ସିନ୍ଦୁର ମୂର୍ତ୍ତି ପାଇଁ ପୁରସ୍କାର ପାଇଥିଲା। ତେବେ ଦୀର୍ଘ ଦିନ ହେବ ଏହି ଗ୍ରୁପ ପୂଜା ବାଦ ବିଭିନ୍ନ ସାମାଜିକ କାର୍ଯ୍ୟରେ ଚାରାରୋପଣ, ଖରା ସମୟରେ ଜଳଦାନ ଓ ଦହିପାଣି ବଣ୍ଟନ, ମାଗଣା ସ୍ୱାସ୍ଥ୍ୟ ଶିବିର, ବଡ ମେଡିକାଲ ରେ ମାଗଣା ଖାଦ୍ୟ ବଣ୍ଟନ କରାଯାଉଛି। ସଭାପତି ଆଶିଷ ଦେ, ଉପସଭାପତି ରୋଶନ ସାହୁ, ସମ୍ପାଦକ ବିବେକ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଡ. ଦିଗବିଜୟ ସାହୁ ସହ ମୟୁର ଠକର, ଆଲୋକ ନାୟକ, ଚଣ୍ଡୀ ପ୍ରସାଦ, ଆଲୋକ ମିଶ୍ର, ସବ୍ୟସାଚୀ, ବାଦଲ ମହାନ୍ତି, ସୁଦାମ, ସାର୍ଥକ ସହଯୋଗ କରୁଛନ୍ତି।




### ୪୬ନଂ ୱାର୍ଡ ପରିଦର୍ଶନ କଲେ କଂଗ୍ରେସ ନେତୃବୃନ୍ଦ



**କଟକ,୨୧।୮ (ସମିସ):** ଆଜି ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୪୬ନମ୍ବର ୱାର୍ଡ ଅନ୍ତର୍ଗତ ଶିଖରପୁର, ଶିଖରପୁର ତଳସାହି ଓ ଉପରସାହି, ନଦୀକୂଳ ସାହି, ପୋତାପୋଖରୀ ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରୁ ଶିଖରପୁର ଗୁରୁଦ୍ୱାର ଠାରେ ସମସ୍ତ ନେତୃବୃନ୍ଦ ପ୍ରାର୍ଥନା କରି ଗୁରୁନାନକଙ୍କ ଆଶୀର୍ବାଦ ନେଇଥିଲେ। ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶିଖରପୁରସ୍ଥିତ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଯାଇ ସେମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ପ୍ରତାପ ପରିଡା, ଅଜୟ ଗୋଚ୍ଛାୟତ, ଜିତେନ୍ଦ୍ର ଶତପଥି, ଅଶୋକ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ଅଜୟ ମହାନ୍ତି, ଜୟନାରାୟଣ ତ୍ରିପାଠୀ, ସୁରେନ୍ଦ୍ର ବେହେରା, ଦିଲ୍ଲୀପ ନାୟକ, ଗଣେଶ ରାଉତ, ଚନ୍ଦ୍ରମଣି ଗୋଚ୍ଛାୟତ, ନନ୍ଦକିଶୋର ମହାନ୍ତି, ନୀଳକଣ୍ଠ ଦାସ, ସୌମେନ୍ଦ୍ର ମହାନ୍ତି, ବିଭୁତି ଭୂଷଣ ଗୋଚ୍ଛାୟତ, କର୍ପୋରେଟର ସନ୍ତୋଷ ଭୋଳ, ବଟକୃଷ୍ଣ ସାହୁ, ଜେ କାମେଶ୍ୱର ରାଓ ଓ ସ୍ୱର୍ଣ୍ଣପ୍ରଭା ପଶାୟତ, ସତ୍ୟାନନ୍ଦ ରାଉତ, ସୁରଜିତ ସାହୁ, ସୁନୀଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ଅନ୍‌ଲାଇନ୍ ଜୁଆକୁ ନା

ଭାରତରେ ଅନ୍‌ଲାଇନ୍ ମନି ଗେମ୍(କମ୍ପ୍ୟୁଟର, ସ୍ମାର୍ଟଫୋନ୍ ମାଧ୍ୟମରେ ଜୁଆ) ଖେଳକୁ ନିରୁତ୍ସାହିତ କରିବା ଲକ୍ଷ୍ୟରେ ଲୋକସଭାରେ ଗତ ବୁଧବାର ଆଗତ ପ୍ରୋମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଙ୍ଗ ବିଲ୍-୨୦୨୫ ବହୁମତରେ ପାରିତ ହୋଇଯାଇଛି। ବିଧେୟକରେ ଥିବା ପ୍ରାବଧାନ ଅନୁଯାୟୀ, ଆଇନ୍ ଉଲ୍ଲଙ୍ଘନକାରୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ୧ କୋଟି ଟଙ୍କା ଜୋରିମାନା କିମ୍ବା ଉଭୟ ଭୋଗିବାକୁ ପଡ଼ିପାରେ। ଏହି ବିଧେୟକ ସହିତ ଆମ ସାମାଜିକ ବ୍ୟବସ୍ଥାକୁ ବିପୁଳ କ୍ଷତିଗ୍ରସ୍ତ କରୁଥିବା ଏକ ଅଦୃଶ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ଆଶା ସଞ୍ଚାର ହୋଇଛି। କ୍ଷଣିକେ ଅଜସ୍ର ଅର୍ଥର ଅଧିକାରୀ ହେବାର ଲୋଭ 'ଜୁଆ' ଭଳି ଏକ ସାମାଜିକ ବ୍ୟାଧିକୁ ଜନ୍ମ ଦେଇଥିବା ବେଳେ ଏବେ ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି ଯୁଗରେ ଏହାର ସ୍ୱରୂପ ଆହୁରି ଉନ୍ନତ, ପ୍ରଶସ୍ତ ଓ ଭୟଙ୍କର ହୋଇଛି। ଏବେ ଘରେ ବସି ବିଶ୍ୱର ଯେକୌଣସି ସ୍ଥାନରେ ଜୁଆ ଖେଳାଯାଇପାରୁଛି। ଏହାର ବଜାର ଏତେ ବ୍ୟାପକ ଯେ କୌଣସି ଗୋଟିଏ ସରକାରୀ ସଂସ୍ଥା ଏହାକୁ ନିୟନ୍ତ୍ରଣ କରିପାରିବା ସମ୍ଭବ ନୁହେଁ। ଅପରପକ୍ଷରେ ଏହି କ୍ଷଣିକ ଲୋଭର ଶିକାର ହୋଇ ସର୍ବସ୍ୱାନ୍ତ ହେଉଛନ୍ତି ଦେଶର ଯୁବପିଢ଼ି। ତେଣୁ ଅନ୍‌ଲାଇନ୍ ଜୁଆକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ଏକ କଠୋର ଆଇନ ପ୍ରଣୟନ ସପକ୍ଷରେ ବହୁବର୍ଷ ତଳୁ ମତ ପ୍ରକାଶ ପାଇ ଆସୁଥିଲା।

ଅନ୍‌ଲାଇନ୍ ଗେମ୍‌ର ଆବୃତ୍ତି ସହିତ ଏହାର ପରିସର ବୃଦ୍ଧି କେବଳ ବ୍ୟକ୍ତିଗତ ଆର୍ଥିକ କ୍ଷତି ନୁହେଁ, ବରଂ ଜାତୀୟ ବିପତ୍ତି ମଧ୍ୟ ସୃଷ୍ଟି କରୁଛି। ବିଶେଷକରି ଭାରତର ଭଳି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ବିଶାଳ ଭୂଖଣ୍ଡରେ ଅନ୍‌ଲାଇନ୍ ଗେମ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ଜୁଆ ସଂସ୍ଥାର ପ୍ରତିଷ୍ଠା ଓ ପରିଚାଳନା ଉପରେ ଆଇନତଃ ଅଙ୍କୁଶ ନଥିବାରୁ ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ ଏହାର ମାୟାଜାଲ୍‌ରେ ଯୁବପିଢ଼ି ଫସି ଯାଉଛନ୍ତି। ପ୍ରଥମେ କେବଳ ମାମୁଲି ଆର୍ଥିକ ଖେଳ ବା ଜୁଆରୁ ଆରମ୍ଭ ହୋଇଥିବା ଏହି ଅନ୍‌ଲାଇନ୍ ଗେମ୍ ସଂସ୍ଥାଗୁଡ଼ିକ ପରବର୍ତ୍ତୀ ସମୟରେ କ୍ରିପ୍ଟୋକରେନ୍ସି କାରବାର, ହାୱାଲା ବା କଳାଧନ କାରବାର, ଆତଙ୍କବାଦୀ ସଂଗଠନକୁ ଅର୍ଥଚାଳାଣର ମାଧ୍ୟମ ହୋଇ ବିପୁଳ ଲାଭ କରୁଛନ୍ତି।



ଅନ୍‌ଲାଇନ୍ ଗେମ୍‌ର ବିଡ଼ମ୍ବନା ହେଉଛି ଏଥିରେ କେବଳ ସମ୍ପୃକ୍ତ ସଂସ୍ଥା ଲାଭବାନ ହେଉନାହାନ୍ତି, ବରଂ ଜିଏସ୍‌ଟି ବାବଦରେ ରାଜକୋଷ ମଧ୍ୟ ସମୃଦ୍ଧ ହେଉଛି। ଭାରତୀୟ ରାଜକୋଷକୁ ଅନ୍‌ଲାଇନ୍ ଗେମ୍‌ର ଅବଦାନ ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା, ଯାହା ବାର୍ଷିକ ୪୦୦ ପ୍ରତିଶତରୁ ଅଧିକ ହାରରେ ବଢ଼ୁଛି। ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କାରବାର କରୁଥିବା ଏହି କ୍ଷେତ୍ରକୁ ଏବେ ଉଦୀୟମାନ ଶିଳ୍ପର ମାନ୍ୟତା ଦିଆଯାଇଛି ଏବଂ ଏକାଧିକ ଶିଳ୍ପ ସଂଘ ମଧ୍ୟ ଜନ୍ମ ନେଇଛନ୍ତି। ଏହି ଶିଳ୍ପର ଉତ୍ପାଦ ବା ଜୁଆ କାରବାର ଉପରେ ୨୮% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ତେଣୁ ଆଖି ସାମ୍ନାରେ ଏଭଳି ଅବୈଧ ଜୁଆ ଚାଲିଥିଲେ ମଧ୍ୟ ସରକାର ଏକପ୍ରକାର ନିରବଦ୍ରଷ୍ଟା ଥିଲେ।

ରାଜକୋଷକୁ ପ୍ରତ୍ୟକ୍ଷ ପ୍ରବାହଠାରୁ ଅର୍ଥନୀତି ପ୍ରତି ଏହାର ପରୋକ୍ଷ କ୍ଷତିର ପରିମାଣ କାହିଁ କେତେ ଅଧିକ ହେଉଥିବା ଗଣନାରୁ ଜଣାପଡ଼ିବା ପରେ ସରକାର ଏବେ ତତ୍ପର ହୋଇଛନ୍ତି ଏବଂ ଅନ୍‌ଲାଇନ୍ ଗେମ୍‌କୁ ଦେଶରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭାରତରେ ଅନ୍‌ଲାଇନ୍ ଗେମ୍ ସମ୍ପୂର୍ଣ୍ଣ ନିଷେଧ ହେଲେ ରାଜକୋଷ ଉପରେ ତତ୍କାଳ କିଛିଟା ପ୍ରଭାବ ପଡ଼ିପାରେ; କିନ୍ତୁ ଦୀର୍ଘମିଆଦୀ ଦୃଷ୍ଟିରୁ ଅର୍ଥନୀତି ପ୍ରତି ହିତକର ହେବ। ସେହିପରି ଅନ୍‌ଲାଇନ୍ ଗେମ୍ ବନ୍ଦ ହେଲେ ଏ କ୍ଷେତ୍ରରେ ନିଯୋଜିତ ପ୍ରାୟ ୨ ଲକ୍ଷ ଲୋକ ଜୀବିକା ହରାଇବେ ବୋଲି ଅଭିଯୋଗ ହେଉଛି। କିନ୍ତୁ ଏହାଦ୍ୱାରା ଯେ ୪୫ କୋଟି ଲୋକ ବର୍ଷକୁ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ।

ସମାଜ ଓ ପରିବାର ଉପରେ ଅନ୍‌ଲାଇନ୍ ଗେମ୍‌ର ପ୍ରଭାବ ବହୁମୁଖୀ। ବିଶେଷକରି ଦେଶର ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ି ଉପରେ ଏହାର ନକାରାତ୍ମକ ପ୍ରଭାବ ବଢ଼ିବାରେ ଲାଗିଛି। ଅନ୍‌ଲାଇନ୍ ଗେମ୍‌ରେ ସଫଳତା ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ, ଗବେଷଣା ପ୍ରତି ଅମନଯୋଗୀ କରୁଛି। ଯଦି ମାତ୍ର ୪୯ ଟଙ୍କା ଜମା କରି କ୍ରିକେଟ୍ ଟିମ୍‌ରେ ଖେଳାଳି ବାଛି ରାତାରାତି ଜଣେ କୋଟିପତି ହୋଇଯାଉଛି ସେ ପାଠ ପଢ଼ି ରୋଜଗାର ପନ୍ଥା ଖୋଜିବ କାହିଁକି? ଅନ୍‌ଲାଇନ୍ ଗେମ୍ ଏକ ଶ୍ରମକାତର ଶ୍ରେଣୀ ଓ ସମାଜ ସୃଷ୍ଟି କରୁଛି, ଯାହା ଦେଶର ଅର୍ଥନୀତିକୁ ସ୍ଥାଣୁ କରିଦେଉଛି। ଅରପପକ୍ଷରେ ଅନ୍‌ଲାଇନ୍ ଗେମ୍‌ରେ ବାରମ୍ବାର ବିଫଳତା ନିରାଶା, ହାତାଶା, ଅବସାଦ ଏପରିକି ଆତ୍ମହତ୍ୟାପ୍ରବଣତା ମଧ୍ୟ ସୃଷ୍ଟି କରୁଛି। ତେଣୁ ଏହାର ନିଷେଧ ସର୍ବାଦୌ ଆବଶ୍ୟକ ଏବଂ ତତ୍‌ସଂକ୍ରାନ୍ତୀୟ ଆଇନ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

## ପଶୁ-ମାନବାଧିକାରର ଦ୍ୱନ୍ଦ୍ୱ

ପ୍ରମୋଦ ଧଳ

ବଲାଙ୍ଗୀରର ଚିଞ୍ଚେଡ଼ ଗ୍ରାମରେ କୁକୁର କାମୁଡ଼ାରେ ପାଞ୍ଚଟି ଛେଳି ଓ ଦୁଇଜଣ ମଣିଷଙ୍କ ମୃତ୍ୟୁ ଖବର ଖବରକାଗଜରେ ପଢ଼ି ନିକଟରେ ବୁଲାକୁକୁରଙ୍କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ତଥାକଥିତ ପଶୁପ୍ରେମୀଙ୍କ ସେ ରାୟ ବିରୁଦ୍ଧରେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଥିବା ଦୃଶ୍ୟ ଦେଖି ପିଲାବେଳ କିଛିକଥା ମନେପଡ଼ିଲା। ସ୍କୁଲ ମାଷ୍ଟ୍ରେ କହୁଥିଲେ, 'ଜୀବନରେ ଯାହା କରିବ ୧୦୦ ପ୍ରତିଶତ କରିବ। ତେବେ ଯାଇ ବଡ଼ ମଣିଷ ହେବ।' ବୋଧେ ଆମ ପଶୁପ୍ରେମୀମାନେ ମାଷ୍ଟରଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ଆଜି। ୧୦୦ ପ୍ରତିଶତ ପଶୁ ପ୍ରେମୀ ଭାବେ ସେମାନଙ୍କ ଦାବି ଯେ ବୁଲାକୁକୁରମାନେ ଲୋକମାନଙ୍କୁ ଆକ୍ରମଣ କରି ମାରିଦିଅନ୍ତୁ ପଛେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ। କିନ୍ତୁ ସବୁକଥାକୁ କ'ଣ ଏକପାଖିଆ ଦେଖି ବିଚାର କରାଯାଏ? ସେଥିରେ ପୁଣି ଗୋଟିଏ ମଝିମଝିଆ ନିର୍ଯାସ ବାହାରେ ନା ନାହିଁ?

ପ୍ରକୃତିର ନିୟମ ହେଲା ପୃଥିବୀପୃଷ୍ଠରୁ ଯଦି ଗୋଟିଏ ମାତ୍ର ପ୍ରାଣୀ ବିଲୁପ୍ତ ହୋଇଯାଏ ତେବେ ସନ୍ତୁଳନ ବିଗିଡ଼ି ଯାଏ। ଯେମିତି ଯଦି ସବୁ ସାପଙ୍କୁ ମାରିଦିଆଯାଏ ତେବେ ଚିନ୍ତାକରନ୍ତୁ ମୂଷା ବେଙ୍ଗ ଇତ୍ୟାଦିଙ୍କ ସଂଖ୍ୟା ଏତେମାତ୍ରାରେ ବଢ଼ିଯିବ ଯେ ମଣିଷ ବଞ୍ଚିବା କଷ୍ଟକର ହୋଇଯିବ। ଅତୀତରେ ବିହାରରେ ବାଘ ସଂଖ୍ୟା ଲୋପ ପାଇବା ଯୋଗୁଁ ଗୋଟିଏ ଅଞ୍ଚଳରେ ନୀଳ ଗାଈ ସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲା ଯେ ଚାଷବାସ ସମ୍ଭବ ହେଲାନାହିଁ। ତେଣୁ ସରକାର ନୀଳଗାଈମାନଙ୍କୁ କିଛିସଂଖ୍ୟାରେ ନିପାତ କରିବାକୁ ଆଦେଶ ଦେଇଥିଲେ। ପରିବେଶଗତ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା, ଯାହା ମଣିଷ ସମେତ ଜୀବଜନ୍ତୁ ଏବଂ ସେମାନେ ରହୁଥିବା ପରିବେଶ ମଧ୍ୟରେ ଆନ୍ତଃସମ୍ପର୍କକୁ ଗ୍ରହଣ କରେ। ପରିବେଶଗତ ସନ୍ତୁଳନ କହିଲେ ଗୋଟିଏ ପରିବେଶ ମଧ୍ୟରେ ସନ୍ତୁଳନର ଅବସ୍ଥାକୁ ବୁଝାଏ, ଯେଉଁଠାରେ ବିଭିନ୍ନ ଜୀବଜନ୍ତୁ ସମନ୍ୱୟରେ ସହାବସ୍ଥାନ କରନ୍ତି ଏବଂ ସମୟ ସହିତ ସେମାନଙ୍କର ଜନସଂଖ୍ୟା ସ୍ଥିର ରହିବାକୁ ନିଶ୍ଚିତ କରନ୍ତି।

ମଣିଷମାନଙ୍କ ଜନବସତି ଚାରିପାଖରେ ଏହି ବୁଲା କୁକୁରମାନଙ୍କ ଆବଶ୍ୟକତା ବହୁତ ଅଛି। କାରଣ ସେମାନେ ଭଲ ପ୍ରାକୃତିକ ସ୍କାଭେଞ୍ଜର (ଆବର୍ଜନା ସଫାକାରୀ ପଶୁ), ଯାହାଙ୍କ ବିନା ପରିବେଶ ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ତେଣୁ ସବୁବେଳେ ସରକାରଙ୍କ ତରଫରୁ ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତି ଗ୍ରହଣ କରିବାକୁ ପଡ଼ିବ ଏବଂ ଜଳାତଙ୍କ ରୋଗରେ ପୀଡ଼ିତ ବୁଲାକୁକୁରମାନଙ୍କୁ ମାରିଦେବାର ପ୍ରାବଧାନକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ। ଯେତେବେଳେ ମଣିଷ ଜୀବନକୁ ବିପଦ ଆସେ କିଛି ସନ୍ତୁଳିତ ନିୟମକୁ ମଧ୍ୟ ଆମ ପଶୁପ୍ରେମୀମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ। କେବଳ ଏକପାଖିଆ ବିଚାର କରି ୧୦୦ ପଶୁପ୍ରେମୀ ହୋଇ ପ୍ଲାକାର୍ଡ ଧରି ପଦଯାତ୍ରା କଲେ ଖବରକାଗଜରେ କେବଳ ଫଟୋ ବାହାରି ପାରେ; କିନ୍ତୁ ସମାଜର ଲାଭ କେବେ ହୋଇପାରିବ ନାହି।

୨୦୧୯ ପ୍ରାଣୀଧନ ଗଣନାରୁ ଜଣାପଡ଼ିଛି ଯେ ଓଡ଼ିଶାରେ ୧୭.୩୪ ଲକ୍ଷ ବୁଲା କୁକୁର ଅଛନ୍ତି, ଯାହା ଭାରତରେ ରାଜ୍ୟୱାରୀ ଦ୍ୱିତୀୟ ସର୍ବାଧିକ। ଓଡ଼ିଶାରେ ପ୍ରତି ୧୦୦୦ ଲୋକଙ୍କ ଭିତରେ ପ୍ରାୟ ୩୯-୪୦ କୁକୁର ଅଛନ୍ତି। ଏହାର ଅର୍ଥ ହେଉଛି ଆପଣ ପ୍ରତି ୨୫ ଜଣଙ୍କ ଭିତରେ ଗୋଟିଏ ବୁଲା କୁକୁର ଦେଖିପାରନ୍ତି। ସାରା ରାଜ୍ୟରେ କୁକୁର କାମୁଡ଼ା ଘଟଣା ବୃଦ୍ଧି ପାଇବା ସହିତ ଓଡ଼ିଶା ଏକ ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ, ଗତ ଛଅ ମାସରେ ପ୍ରାୟ ୧.୫ ଲକ୍ଷ କୁକୁର କାମୁଡ଼ା ମାମଲା ରିପୋର୍ଟ ହୋଇଛି, ଯାହା ପ୍ରତି ମାସରେ ହାରାହାରି ୨୦, ୦୦୦ ରୁ ୩୦, ୦୦୦। ଏହି ଚିନ୍ତାଜନକ ଧାରା ଜନବସତି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ନିକଟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକ ଆଦେଶରୁ ଏହି ବିବାଦ ଉପୁଜିଥିଲା। ଗତ ଜୁଲାଇ ୨୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ 'ଟାଇମ୍ସ ଅଫ୍ ଇଣ୍ଡିଆ'ର ଦିଲ୍ଲୀ ସଂସ୍କରଣରେ ପ୍ରକାଶିତ 'ସିଟି ହାଉଣ୍ଡେଡ୍ ବାଇ ଷ୍ଟ୍ରେସ୍, କିଡ୍‌ସ ପେ ପ୍ରାଇସ' ଶୀର୍ଷକ ଏକ ଖବରକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ଏ ସଂକ୍ରାନ୍ତୀୟ ବିଚାର କରିଥିଲେ। ଖଣ୍ଡପୀଠ ଉଲ୍ଲେଖ କରିଥିଲେ ଯେ ଏହି ଖବରରେ 'ଅତ୍ୟନ୍ତ ବିଚଳିତକାରୀ ଓ ଚିନ୍ତାଜନକ' ସଂଖ୍ୟା ଓ ତଥ୍ୟ ରହିଛି। ସାମ୍ବାଦିକ କୌଶିକି ସାହାଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟରେ ଦିଲ୍ଲୀର ପୁଥ୍ କଲାନରେ ଜଣେ ଛଅବର୍ଷୀୟ ବାଳିକା ଚାଭି ଶର୍ମାଙ୍କ କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ବିଷୟ ଉଲ୍ଲେଖ ଥିଲା। ଉକ୍ତ ଘଟଣା ନାଗରିକମାନଙ୍କ ମନରେ କ୍ରୋଧ ସୃଷ୍ଟି କରିଥିଲା। କାମୁଡ଼ା କୁକୁରମାନଙ୍କ ବିଷୟରେ ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜନଜୀବନ ବିପନ୍ନ ହୋଇପଡୁଛି ବୋଲି ଜନତା କ୍ଷୋଭ ପ୍ରକାଶ କରିଥିଲେ। ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଯେ ଦେଶରେ ବର୍ଷକୁ ହାରାହାରି ୨୦, ୦୦୦ କୁକୁର କାମୁଡ଼ା ମାମଲା ରେକର୍ଡ ହୋଇଛି, ଯାହା ମଧ୍ୟରୁ ପ୍ରତିଦିନ ହାରାହାରି ୨୦୦୦ ଘଟଣା ଦିଲ୍ଲୀରେ ଘଟୁଛି। ସମାନ ଏକ ଘଟଣାରେ ଗତ ଜୁଲାଇ ୨୩ ତାରିଖରେ ଦିଲ୍ଲୀର ଆଲିପୁର ଅଞ୍ଚଳରେ ଏକ ଚାରିବର୍ଷର ବାଳକ ଅଭିଷେକ ରାୟ ଅଙ୍ଗନବାଡ଼ିରୁ ଫେରୁଥିବା ସମୟରେ ବୁଲା କୁକୁରଙ୍କ ଏକ ଦଳ ଆକ୍ରମଣ କରିଥିଲା। କୁକୁରମାନେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପଥଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ଦିଲ୍ଲୀରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଏପରି ବଢ଼ିଯାଇଛି ଯେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଖେଳିବାକୁ ଛାଡ଼ିବା ପାଇଁ ଆଶଙ୍କା ପ୍ରକାଶ କରୁଥିବା ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏହି ସବୁ ଖବର ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ତୁରନ୍ତ ସ୍ଥାନୀୟ ଅଞ୍ଚଳରୁ ବୁଲା କୁକୁରମାନଙ୍କୁ ହଟାଇ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଆରମ୍ଭ କରନ୍ତୁ।

ଏହାପରେ ସାରା ଦେଶରେ ତଥାକଥିତ ପଶୁପ୍ରେମୀମାନେ ତୁମ୍ବିତୋଫାନ ଆରମ୍ଭ କରିଦେଲେ। ପଶୁପ୍ରେମୀମାନେ ସବୁକଥାକୁ ଏକପାଖିଆ ଭାବେ ବିଚାର କରୁଥିବା ଅଭିଯୋଗ ହୁଏ। ଯଦିଓ ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ର ଧାରା ୩୮ ଅନୁଯାୟୀ ବୁଲା କୁକୁରମାନଙ୍କୁ ସୁରକ୍ଷା ଦିଆଯାଇଛି, ତଥାପି ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୧୧ (୧)କ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ ଯେକୌଣସି ସମସ୍ୟାପୂର୍ଣ୍ଣ ବନ୍ୟପ୍ରାଣୀଙ୍କୁ କେବଳ ଯଦି ଧରାଯାଇପାରିବ, ଟ୍ରାଙ୍କୁଲାଇଜ୍ କରାଯାଇପାରିବ ନାହିଁ କିମ୍ବା ସ୍ଥାନାନ୍ତର କରାଯାଇପାରିବ ନାହିଁ ତେବେ ଶିକାର କରିବାକୁ ଅନୁମତି ଦେବାକୁ ଅଧିକାର ଦେଇଥାଏ। ସେହିପରି ଆଇନର ଧାରା ୬୨ କେନ୍ଦ୍ର ସରକାରଙ୍କୁ ସୂଚୀ୧, ସୂଚୀ ୨ ବ୍ୟତୀତ ଅନ୍ୟ ବନ୍ୟପ୍ରାଣୀମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମୟ ପାଇଁ ଭରମିନ ବା କୀଟ ଘୋଷଣା କରି ଯେକୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁମତି ଦେଇଥାଏ। ସାମ୍ପ୍ରତିକ ଉଦାହରଣ ହେଉଛି ବିହାର ଓ ମହାରାଷ୍ଟ୍ରର ନୀଳଗାଈ, ହିମାଚଳ ପ୍ରଦେଶର ରେସସ୍ ମାକାକ୍। ବନ୍ୟ ଘୁଷୁରୀମାନଙ୍କ ଉପଦ୍ରବରୁ ରକ୍ଷା ପାଇଁ ସେମାନଙ୍କୁ ହତ୍ୟାକରିବାକୁ ପରିବେଶ ମନ୍ତ୍ରଣାଳୟ ସମ୍ପ୍ରତି ରାଜ୍ୟଗୁଡ଼ିକୁ ୧୯୭୨ର ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ 'କୀଟ' ଭାବରେ ଘୋଷଣା କରିବାକୁ ଅନୁମତି ଦେଇଥିଲା। ଏହାଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ବିନା ଶିକାରୀମାନଙ୍କୁ ଶିକାର କରିବାକୁ ଅନୁମତି ଦିଆଯାଇଥିଲା। ଏହା କିଛି ନୂଆ ନୁହେଁ, ଆମେରିକାରେ ମଧ୍ୟ କିଛି ଅଞ୍ଚଳରେ ଖାଦ୍ୟଶୃଙ୍ଖଳ ବଜାୟ ରଖିବା ପାଇଁ ଋତୁକାଳୀନ ବୈଧ ଶିକାର ଆବଶ୍ୟକ ହୋଇଥାଏ। ଅଷ୍ଟ୍ରେଲିୟା ଓ ଆଫ୍ରିକାର କିଛି ଅଂଶରେ ଏଭଳି ବୈଧଶିକାର ବାଣିଜ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି।

ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତିରେ ବୁଲାକୁକୁର ସଂଖ୍ୟାକୁ ସୀମିତ ରଖି ସାଧାରଣ ଜନଜୀବନକୁ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ସରକାରଙ୍କ ଏହି ଦାୟିତ୍ୱ ତୁଲାଇବାରେ ପଶୁପ୍ରେମୀମାନଙ୍କ ସହିତ ଆମ ସମସ୍ତଙ୍କୁ ଏ ଦିଗରେ ସରକାରଙ୍କୁ ସହଯୋଗ କରିବାକୁ ହେବ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ଅବକ୍ଷୟମୁଖୀ ଚିଲିକା

ଦୀନବନ୍ଧୁ ଅଧିକାରୀ

ଚିଲିକା ଏସିଆ ମହାଦେଶର ସର୍ବବୃହତ କ୍ଷାରୀୟ ହ୍ରଦ। ଏହା ଅବିଭକ୍ତ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଦ୍ୱାରା ପରିବେଷ୍ଟିତ। ୫୨ ଗୋଟି ଛୋଟବଡ଼ ନଦୀନାଳ ଚିଲିକାରେ ମିଶିଛନ୍ତି। ୧୪୨ ଖଣ୍ଡ ମତ୍ସ୍ୟଜୀବୀ ଗ୍ରାମବାସୀ ଚିଲିକା ଉପରେ ନିର୍ଭର କରନ୍ତି। ଏହି ମତ୍ସ୍ୟଜୀବୀମାନେ ହେଲେ ଦଳିତ ଓ ଚାଷ ଜମି ବିହୀନ ମଣିଷ। ଚିଲିକା ହେଲା ମତ୍ସ୍ୟଜୀବୀଙ୍କର ଭାତହାଣ୍ଡି। ଅର୍ଥ ବ୍ୟବସ୍ଥାରେ ପ୍ରାୟ ସମସ୍ତେ ଦାରିଦ୍ର ସୀମା ରେଖା ତଳେ ତାଲିକାଭୁକ୍ତ। ସରକାରୀ ଚାଉଳ ସହାୟତାରେ ନିର୍ଭରଶୀଳ।

ଚିଲିକା ଆୟତନ ବର୍ଷାଦିନେ ୧୧୬୫ ବର୍ଗଫୁଟ ଏବଂ ଖରାଦିନରେ ୯୦୫ ବର୍ଗଫୁଟ। ଏହାର ଦୈର୍ଘ୍ୟ ୬୪.୩ କି.ମି ଏବଂ ସର୍ବାଧିକ ପ୍ରସ୍ଥ ୧୮ କି.ମି। ଏହାର ଲବଣାକ୍ତ ୦.୩୭% ରୁ ୧୦.୮୭%। ପାଣିର ଫୋଟସିନ୍ଥେସିସ୍ ମାତ୍ର ୫-୬ ଅମ୍ଳଯୁକ୍ତ। ଦ୍ରବୀଭୂତ ଅମ୍ଳଜାନର ମାତ୍ରା କମିଯାଇ ଲିଟର ପିଛା ୩-୪ ମି.ଗ୍ରା। ଏହା ଦୁଇଟି ନାଳ ଦ୍ୱାରା ସମୁଦ୍ର ସହ ସଂଯୋଗ ଅଛି। ଗୋଟିଏ ପାଲୁର କେନାଲ ଓ ଅନ୍ୟଟି ମଗରମୁଖ। ଚିଲିକାରେ ଶୀତଦିନରେ ପ୍ରାୟ ୧୦ ଲକ୍ଷ ପକ୍ଷୀ ସମାଗମ ହୁଅନ୍ତି ଏବଂ ୨୨୫ ପ୍ରକାରର ପକ୍ଷୀ ଦେଖାଯା'ନ୍ତି। ପ୍ରାୟ ୨୬୦ ପ୍ରକାରର ମାଛ, ୩୭ ପ୍ରକାରର ସରୀସୃପ ଏବଂ ୧୮ ପ୍ରକାରର ଜଳଜୀବ ଚିଲିକାରେ ପରିଦୃଷ୍ଟ ହୁଏ। ତେଣୁ ଚିଲିକାକୁ ଜୈବ ବିବିଧତାର କେନ୍ଦ୍ରସ୍ଥଳ କୁହାଯାଏ।



ଚିଲିକା ପଟୁମାଟିରେ ପୋତି ହୋଇଗଲାଣି। ପ୍ଲାଷ୍ଟିକ, ଜାଳ, ଜରି ଓ ଯନ୍ତ୍ରଚାଳିତ ଡଙ୍ଗା ଏହାର ଜଳକୁ ପ୍ରଦୂଷିତ କରୁଛି। ବେଆଇନ ଚିଙ୍ଗୁଡ଼ି ଚାଷ ଦ୍ୱାରା ଚିଲିକାର ପାଣି ବିଷାକ୍ତ ହେଉଛି। ବିଶ୍ୱ ତାପମାତ୍ରାର ବୃଦ୍ଧି, ଜଳବାୟୁର ପରିବର୍ତ୍ତନ ଓ ପ୍ରଦୂଷଣ ଜୀବଜଗତ ଉପରେ କୁପ୍ରଭାବ ପକାଉଛି। ଚିଲିକାର ମତ୍ସ୍ୟବଂଶ ବିଲୋପ ଘଟିବାକୁ ଲାଗିଲାଣି। ସଘନ ଓ ଅର୍ଦ୍ଧସଘନ ମତ୍ସ୍ୟଚାଷ ଦ୍ୱାରା ପରିବେଶ ଉପରେ କଳାଛାଇ ଘୋଟିଲାଣି।

୧୯୮୧ ମସିହାରେ ରାମ୍‌ସାର ସାଇଟ୍‌ରେ ଚିଲିକା ସ୍ଥାନ ପାଇଛି। ଏଥିପାଇଁ ଏହାର ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ସରକାର ୧୯୮୨ରେ ସିଡିଏ ବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଥିଲେ। କିନ୍ତୁ ସିଡିଏ ଲକ୍ଷ୍ୟଚ୍ୟୁତ ହୋଇଥିବା ଅଭିଯୋଗ ହେଉଛି।

ସଂପ୍ରତି ସରକାର ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ୭ କି.ମି ସେତୁ ନିର୍ମାଣ ପାଇଁ ଚିନ୍ତା କରୁଛନ୍ତି। ଯାହାଫଳରେ କି ସମୁଦ୍ରରୁ ଚିଲିକା ଯାଆଁଳ ପ୍ରବେଶର ବାଧାସୃଷ୍ଟି ହେବ। ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବ। ଉପକୂଳ ପରିଚାଳନା ଅଞ୍ଚଳ ଆଇନର ଏହା ବିରୋଧ କରୁଛି। ପରିବେଶ(ସୁରକ୍ଷା) ଆଇନ ୧୯୮୬, ବାୟୁ(ପ୍ରଦୂଷଣ ନିୟନ୍ତ୍ରଣ ଓ ନିବାରଣ ଆଇନ୧୯୮୧ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। ସର୍ବୋପରି ସମ୍ବିଧାନ ଧାରା ୫୧ (ଏ) ଜି) ଉଲଙ୍ଘନ କରୁଛି।

ଜଙ୍ଗଲ, ହ୍ରଦ, ନଦୀ ଏବଂ ଜୀବଜନ୍ତୁଙ୍କ ସହିତ ପାକୃତିକ ପରିବେଶ ସୁରକ୍ଷା ଓ ଉନ୍ନତି, ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ଏହିସବୁ ଆଇନକୁ ଅସ୍ତ୍ର କରି ଚିଲିକାର ସୁରକ୍ଷା ହୋଇପାରିବ। ଚିଲିକା ମତ୍ସ୍ୟଜୀବୀଙ୍କ ଯାଗାକୁ ଦଳିତ ନିର୍ଯାତନା ଆଇନ ଦ୍ୱାରା ସୁରକ୍ଷା ଦିଆଯାଇପାରିବ। ଓଡ଼ିଶା ସରକାର ୨୦୧୭ରେ ଏକ ବିଲ ଆଣିଥିଲେ। ତାହା 'ଓଡ଼ିଶା ରେଗୁଲେସନ୍ ଅଫ୍ ଫିସିଙ୍ଗ ଆଣ୍ଡ ଫିସରମ୍ୟାନ୍ ଇନ୍ ଚିଲିକା ଲେକ୍ ବିଲ୍ ୨୦୧୭' ନାମରେ ନାମିତ। ଚିଲିକାର ସୁରକ୍ଷା ପାଇଁ ତାହା ଆଇନରେ ପରିଣତ ହେବା ଆବଶ୍ୟକ। ଏଥିସହିତ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ସଂଜ୍ଞା ଏବଂ ଅଧିକାର ସୁସ୍ପଷ୍ଟ ହେବା ଆବଶ୍ୟକ। ଚିଲିକା ଚତୁଃପାର୍ଶ୍ୱରେ ବନ୍ଧ ନିର୍ମାଣ କରି ବନ୍ୟା ଦାଉରୁ ରକ୍ଷା କରିବାକୁ ପଡ଼ିବ। ମଜବୁତ ବନ୍ଧ, ସାଗରମାଳା ପ୍ରକଳ୍ପ ଦ୍ୱାରା ଚିଲିକା, ସମୁଦ୍ର ନଷ୍ଟ ହେବ। ବେଳା ଭୂମିଦ୍ୱାରା ଅନେକ କ୍ଷତି ହେବ। ନୀଳ ଅର୍ଥନୀତି ପୁଞ୍ଜିପତିଙ୍କୁ ଅଧିକ ଧନୀ କରିବ ଏବଂ ଶ୍ରମିକଙ୍କ ଶ୍ରମକୁ ଶୋଷଣ କରିବ। ଅବକ୍ଷୟମୁଖୀ ଚିଲିକାର ପୁନଃଉଦ୍ଧାର ହେଉ। ସମସ୍ତ ଅଣମତ୍ସ୍ୟଜୀବୀଙ୍କ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗୁ।

(ପ୍ରାକ୍ତନ ଉପଶ୍ରମ କମିଶନର)
ଭୁବନେଶ୍ୱର, ମୋ: ମୋ ୮୦୯୩୧୮୪୨୮୮

## କାଶୀରେ ପୂଜା ପାଆନ୍ତି ତ୍ରିଜଟା

ଓଜସ୍ୱିନୀ

ରାମାୟଣର ଅରଣ୍ୟକାଣ୍ଡରେ ତ୍ରିଜଟାଙ୍କ ଚରିତ୍ର ବିଷୟରେ ଉଲ୍ଲେଖ ଅଛି। ଅସୁରରାଜ ରାବଣ ମାତା ସୀତାଙ୍କୁ ଅପହରଣ କରିନେବା ପରେ ଅଶୋକବାଟିକାରେ ରଖିଥିଲେ। ମାତା ସୀତାଙ୍କୁ ନଜର ବନ୍ଦୀ କରି ରଖିବା ପାଇଁ ଯେଉଁ କେତେକ ଅସୁରୁଣୀଙ୍କୁ ରାବଣ ନିୟୋଜିତ କରିଥିଲେ ସେମାନଙ୍କ ମଧ୍ୟରେ 'ତ୍ରିଜଟା' ଥିଲେ ଅନନ୍ୟ। ତାଙ୍କର ଜନ୍ମ ଅସୁର କୁଳରେ ହୋଇଥିଲେ ମଧ୍ୟ ସେ ଦେବୋପମ ଗୁଣର ଅଧିକାରୀ ଥିଲେ। ତାଙ୍କର ବିଶେଷଗୁଣ ହେଉଛି ସେ ଥିଲେ ରାମଭକ୍ତ। ତେଣୁ ମାତା ସୀତାଙ୍କୁ ସେ ସଦାସର୍ବଦା ସେବାଶୁଶ୍ରୂଷା କରୁଥିଲେ ଏବଂ ରକ୍ଷାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅସାଧାରଣ ପାଣ୍ଡିତ୍ୟର ଅଧିକାରିଣୀ ତ୍ରିଜଟା ଥିଲେ ସର୍ବୋତ୍ତମ ଭବିଷ୍ୟବକ୍ତା। ମାତା ସୀତାଙ୍କର ଘୋର ଅବସାଦ ଓ ଦୁର୍ଦ୍ଦିନ ସମୟରେ ତ୍ରିଜଟା ତାଙ୍କୁ ସାନ୍ତ୍ୱନା ଦେବା ସହିତ ତାଙ୍କର ସ୍ୱପ୍ନ ସମ୍ପର୍କରେ ଅବଗତ କରାଇଥିଲେ। ତ୍ରିଜଟା କହିଥିଲେ ଯେ, 'ମୁଁ ସ୍ୱପ୍ନ ଦେଖିଛି ଯେ, କେହି ଜଣେ ବାନର ସୁବର୍ଣ୍ଣ ଲଙ୍କାକୁ ଜାଳି ଦେବ, ରାବଣଙ୍କ ବିନାଶ ହେବ ଏବଂ ଶ୍ରୀରାମ ଖୁବ୍ ଶୀଘ୍ର ତୁମକୁ ଏଠାରୁ ମୁକ୍ତ କରି ନେଇଯିବେ।' ତ୍ରିଜଟାଙ୍କ ଏଭଳି ସ୍ନେହପୂର୍ଣ୍ଣ ବ୍ୟବହାର ପାଇଁ ମାତା ସୀତା ତ୍ରିଜଟାଙ୍କୁ 'ମାତା' ବୋଲି ସମ୍ବୋଧନ କରୁଥିଲେ। ଅନ୍ୟ କେତେକ ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କୁ ବିଭୀଷଣଙ୍କ ପୁତ୍ରୀ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ଅନ୍ୟ କିଛି ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କ ମୁଣ୍ଡରେ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ପ୍ରତୀକ ଭାବେ ତିନୋଟି ଜଟା ଥିବାରୁ ତାଙ୍କର ନାମ ତ୍ରିଜଟା ହୋଇଥିଲା।

### ବିଚିତ୍ର ବିଶ୍ୱାସ

ପୌରାଣିକ କଥାବସ୍ତୁକୁ ଆଧାର କରି ଭୋଳାନାଥଙ୍କ ପ୍ରିୟ ନଗରୀ କାଶୀରେ ଅସୁରୁଣୀ ତ୍ରିଜଟାଙ୍କୁ ଦେବୀ ରୂପରେ ପୂଜା କରାଯାଉଛି। କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ତ୍ରିଜଟାଙ୍କ ମନ୍ଦିର ଅଛି। ଏହି ମନ୍ଦିରକୁ ପ୍ରତିଦିନ ଶ୍ରଦ୍ଧାଳୁମାନେ ଦର୍ଶନ କରିବାକୁ ଆସିଥା'ନ୍ତି। କିନ୍ତୁ ବର୍ଷକୁ କେବଳ ଗୋଟିଏ ଦିନ, ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଏ। ମାତା ସୀତାଙ୍କ ବରଦାନ ଯୋଗୁଁ ଏହି ଗୋଟିଏ ଦିନ ତ୍ରିଜଟାଙ୍କୁ ଦେବୀ ଭାବେ ପୂଜା କରାଯିବାର ବିଧି ରହିଛି। ମାତାଙ୍କୁ ମୂଳା ଓ ବାଇଗଣ ଭୋଗ ଭାବେ ଅର୍ପଣ କରାଯାଇଥାଏ।

ତ୍ରିଜଟାଙ୍କ ମନ୍ଦିର କାଶୀରେ ସ୍ଥାପନା ହେବା ଏବଂ ପୂଜାର୍ଚ୍ଚନା ସମ୍ପର୍କରେ ଏକ ପୌରାଣିକ ଆଖ୍ୟାନ ଅଛି। ଶ୍ରୀରାମ ରାବଣଙ୍କୁ ବଧ କରିବା ପରେ ମାତା ସୀତାଙ୍କୁ ଅଶୋକବାଟିକାରୁ ଆଣିବା ସମୟରେ ତ୍ରିଜଟା କିଛି ଦୂର ତାଙ୍କ ସହ ଆସିଥିଲେ। ତ୍ରିଜଟାଙ୍କୁ ନିଜ ସହିତ ଅଯୋଧ୍ୟା ନେବା ମାତା ସୀତାଙ୍କ ପକ୍ଷେ ସମ୍ଭବ ନଥିଲା। ତେଣୁ ମାତା ସୀତା ତ୍ରିଜଟାଙ୍କୁ ଶୁଭ ବିଦାୟ ସହିତ ବରଦାନ ଦେଇ କହିଥିଲେ ଯେ, 'ମହାଦେବଙ୍କ ନଗରୀ କାଶୀରେ ତୁମର ମୋକ୍ଷ ପ୍ରାପ୍ତ ହେବ। ତୁମେ ଅନନ୍ତ କାଳ ପାଇଁ କାଶୀରେ ଦେବୀ ଭାବେ ସ୍ଥାପିତ ହେବ। କାର୍ତ୍ତିକ ପୂର୍ଣ୍ଣିମା ବ୍ରତ କରିଥିବା ସମସ୍ତ ଶ୍ରଦ୍ଧାଳୁ ପୂର୍ଣ୍ଣିମା ପରଦିନ ତ୍ରିଜଟା ନାମକ ସ୍ନାନ କରିବେ ଏବଂ ବିଧି ଅନୁସାରେ ତୁମର ପୂଜାର୍ଚ୍ଚନା କରିବେ। ତ୍ରିଜଟା ସ୍ନାନ ବିନା ତାଙ୍କର ବ୍ରତ ସଂକଳ୍ପ ସମ୍ପୂର୍ଣ୍ଣ ହେବ ନାହିଁ।' ମାତା ସୀତାଙ୍କ ଠାରୁ ଏହି ବରଦାନ ପ୍ରାପ୍ତି ପରେ ତ୍ରିଜଟା କାଶୀ ଯାଇ ତପସ୍ୟାରେ ମଗ୍ନ ହେଲେ।

ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଭୋରୁ ସ୍ନାନ ସାରି ମାଟିରେ ମାତା ତ୍ରିଜଟାଙ୍କ ଏକ ମୂର୍ତ୍ତି ତିଆରି କରନ୍ତି କିମ୍ବା ତ୍ରିଜଟାଙ୍କ ଫଟୋଚିତ୍ର ପ୍ରସ୍ତୁତ କରି ତାହାକୁ ବିଧିପୂର୍ବକ ପୂଜାର୍ଚ୍ଚନା କରନ୍ତି। ଏହାପରେ ସେହି ମୂର୍ତ୍ତି ବା ଫଟୋକୁ ଜଳରେ ବିସର୍ଜନ କରାଯାଏ। ତା'ପରେ ଭକ୍ତମାନେ ତ୍ରିଜଟାଙ୍କ ଉଦ୍ଦେଶ୍ୟରେ ପବିତ୍ର ନଦୀ କିମ୍ବା ଜଳାଶୟରେ ବୁଡ଼ ପକାଇଥା'ନ୍ତି। ଏହାପରେ ତ୍ରିଜଟାଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ନଜଳ ଗ୍ରହଣ କରନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୁଏ। ବିଶ୍ୱାସ ରହିଛି ଯେ, ଏହିଦିନ ଶ୍ରଦ୍ଧାଳୁମାନେ ମାତାଙ୍କ ଦର୍ଶନ କରିବା ଦ୍ୱାରା ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ବିଶେଷକରି ବିବାହିତାମାନେ ସ୍ୱାମୀଙ୍କର ଦୀର୍ଘାୟୁକାମନା କରି ମାତା ତ୍ରିଜଟାଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। କେତେଜଣ ଭକ୍ତ ତିନିଦିନରେ ତିନିଥର ଏବଂ ଆଉ କେତେଜଣ ଗୋଟିଏ ଦିନରେ ତିନିଥର ବୁଡ଼ ପକାଇ ତ୍ରିଜଟା ସ୍ନାନ ବିଧି ପୂରଣ କରିଥା'ନ୍ତି। ତ୍ରିଜଟାଙ୍କ ନାମ ସ୍ମରଣ କରି ତିନିଥର ବୁଡ଼ ପକାଇବା ଦ୍ୱାରା ପୌଷ, ମାଘ ଓ ଫାଲଗୁନ ପୂର୍ଣ୍ଣିମାର ପୁଣ୍ୟଫଳ ମଧ୍ୟ ପ୍ରାପ୍ତି ହୋଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ପ୍ରସଂଗ

## ଏସଏଲସି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାର ଅଧିକ ସମୟ ଲୋଡିଥିବା ବେଳେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରାଜ୍ୟ ସ୍ତରୀୟ କମିଟି(ଏସଏଲସି) ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରାଜ୍ୟସ୍ତରୀୟ କମିଟି (ଏସଏଲସି) ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ବିଭିନ୍ନ ବିଭାଗ ଜିଲ୍ଲା ଖଣିଜ ପାଣ୍ଠି ସଂପର୍କିତ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଏସଏଲସି ହାଇକୋର୍ଟରେ ଏ ସଂପର୍କିତ ବିସ୍ତୃତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବ ବୋଲି ସରକାର ଅବଗତ କରିଛନ୍ତି। ଅକ୍ଟୋବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲାରେ ଖଣିଜ ପାଣ୍ଠି ଖର୍ଚ୍ଚରେ ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭେଲପମେଣ୍ଟ ଆଣ୍ଡ ରେଗୁଲେସନ୍ ଆଇନ, ୧୯୫୭ ଓ ୨୦୧୫ର ନିୟମାବଳୀର ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆବେଦନକାରୀଙ୍କ ଅଭିଯୋଗର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଏସଏଲସିକୁ ଗତ ଜାନୁଆରି ୨ରେ ନିର୍ଦ୍ଦେଶ ଦେଇଥିଲେ।

**କେନ୍ଦୁପତ୍ର ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ଉପେକ୍ଷା**

## ଅର୍ଥ ବିଭାଗରେ ପଡ଼ିରହିଛି ୧୨୦ କୋଟି ବଜେଟ ଅର୍ଥ

ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ଚଳିତ ବର୍ଷର ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଏହା ବିଧାନ ସଭାରେ ମଞ୍ଜୁରୀ ଲାଭ କରିଛି। ଏହି ମଞ୍ଜୁରୀପ୍ରାପ୍ତ ୧୨୦ କୋଟି ଟଙ୍କା ଅର୍ଥ ରାଶି ଅର୍ଥ ବିଭାଗ ହାତରେ ଅଛି। ହେଲେ ବର୍ତ୍ତମାନ ଏହି ପରିମାଣ ଅର୍ଥ ଜଙ୍ଗଲ ବିଭାଗ ଜରିଆରେ ଅର୍ଥ ବିଭାଗ 'କେନ୍ଦୁପତ୍ର ସଂସ୍ଥାର କେନ୍ଦୁପତ୍ର ଉନ୍ନୟନ ପାଣ୍ଠି'କୁ ହସ୍ତାନ୍ତର କରାଯିବାର ସମୟ ଆସିଥିଲେ ମଧ୍ୟ ଏହା କରାଯାଇ ନାହିଁ। ଯାହାଫଳରେ କେନ୍ଦୁପତ୍ର କର୍ମଚାରୀଙ୍କ ସାମାଜିକ ନିରାପତ୍ତା ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ

**କେନ୍ଦୁପତ୍ର ସଂସ୍ଥାକୁ ଶୀଘ୍ର ହସ୍ତାନ୍ତର କରିବାକୁ ସଂଘର ଦାବି**

କୁମାର ମହାନ୍ତି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଚିଠି କେନ୍ଦୁପତ୍ର ସଂସ୍ଥାକୁ ବଜେଟ ମଞ୍ଜୁରୀପ୍ରାପ୍ତ ଅର୍ଥ ଯଥାଶୀଘ୍ର ହସ୍ତାନ୍ତର କରିବାକୁ ଜଣାଇଛନ୍ତି। ଏହି ବିଷୟରେ ଏକ ପୂର୍ବ ଚିଠିରେ ଶ୍ରୀ ମହାନ୍ତି ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ବ୍ୟତୀତ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏହି ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବାକୁ ଏହାର ପ୍ରତିଲିପିରେ ଜଣାଇଛନ୍ତି। ଉକ୍ତ ୧୨୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ହସ୍ତାନ୍ତର ହେଲେ ଉକ୍ତ ସଂସ୍ଥା ଏହି ସଂସ୍ଥାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ନିମନ୍ତେ ସବିଶେଷ ପ୍ରସ୍ତାବ କରି ସେମାନଙ୍କ ମଧ୍ୟରେ ବଣ୍ଟନର ବ୍ୟବସ୍ଥା କରିବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କୁ ଚଳିତ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ଦାବି କରିଥିଲେ। ଏହି ଦାବି ଅନୁଯାୟୀ ଉପରୋକ୍ତ ଶ୍ରେଣୀର ସମସ୍ତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ପାଇଁ ଚଳିତ ବର୍ଷ ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି।

■ ଫରେଷ୍ଟର ବିଭୂତି ପ୍ରଧାନଙ୍କୁ ହତ୍ୟା ଘଟଣା

## ଏସ୍‌ସିବିରେ କଏଦୀଙ୍କ ମୃତ୍ୟୁ



**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ହିନ୍ଦୋଳ,୨୨।୮ (ସମିସ): ହିନ୍ଦୋଳ ଫରେଷ୍ଟ ରେଞ୍ଜ ତଣ୍ଟିଚିରା ନିକଟରେ ଶିକାରୀଙ୍କ ଗୁଳିରେ ଫରେଷ୍ଟର୍ ବିଭୂତି ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ଆଜି କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତେବେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଜେଲ୍‌ରେ ତାଙ୍କୁ ନିର୍ଯାତନା ଦିଆଯାଉଥିଲା ଏବଂ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ପରିବାରଲୋକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାନୁଯାୟୀ, ୨ମାସ ତଳେ ଫରେଷ୍ଟର୍ ବିଭୂତିଙ୍କ ହତ୍ୟା ଘଟଣାରେ ପୁଲିସ୍ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ଲକ୍ଷ୍ମୀଧର ଆଲୋକ, ଶିବରାମ ପ୍ରଧାନ ଓ ସୁନୀଲ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଢେଙ୍କାନାଳ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। କିଛି ଦିନ ତଳେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟିବ ୧୨%...

କର୍ଣ୍ଣାଟକ ଏବଂ କେରଳର ଅର୍ଥମନ୍ତ୍ରୀମାନେ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଏହି ପଦକ୍ଷେପ ପରେ ଶୁଖିଲା ଫଳ, ବ୍ରାଣ୍ଡେଡ୍ ନମକିନ୍, ଟୁଥ୍ ପାଉଡର, ଟୁଥ୍‌ପେଷ୍ଟ, ସାବୁନ, କେଶ ତେଲ, ସାଧାରଣ ଆଣ୍ଟିବାୟୋଟିକ୍, ଯନ୍ତ୍ରଣା ନିବାରକ ଔଷଧ, ପ୍ରକ୍ରିୟାକୃତ ଖାଦ୍ୟ, ଖାଦ୍ୟ, ଖାଦ୍ୟ, ଫ୍ରୋଜେନ୍ ପନିପରିବା, କଣ୍ଡେନ୍ସଡ୍ କ୍ଷୀର, କିଛି ମୋବାଇଲ୍, କିଛି କମ୍ପ୍ୟୁଟର, ସିଲାଇ ମେସିନ୍, ପ୍ରେସର କୁକର, ଗିଜର ଭଳି ଜିନିଷ ଶସ୍ତା ହେବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

### ଅଚଳାବସ୍ଥା ମଧ୍ୟରେ...

ପ୍ରସଙ୍ଗରେ ଅଚଳ ରହିଥିବା ବେଳେ ଦ୍ୱିତୀୟ ସପ୍ତାହରେ ଅପରେସନ ସିନ୍ଦୂର ଉପରେ ସରଗରମ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନାକୁ ସୀମିତ କ୍ଷମତା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଜବାବ ଦେବାକୁ ଯାଇ କହିଥିଲେ ଯେ ବିରୋଧୀ ଦଳ ଭାରତ ଅପେକ୍ଷା ପାକିସ୍ତାନ ଉପରେ ଅଧିକ ବିଶ୍ୱାସ କରୁଛନ୍ତି।

ଅପରେସନ ସିନ୍ଦୂର ଆଲେଚନା ପରେ ପୁଣି ଆରମ୍ଭ ହୋଇଯାଇଥିଲା ଅଚଳାବସ୍ଥା। ବିହାର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଥିପାଇଁ ରାଜି ହୋଇନଥିଲେ। ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କ ଭୋଟ୍ ଅଧିକାରରୁ ବଞ୍ଚିତ କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଛି। ଏହାକୁ ନେଇ ସେମାନେ ସଂସଦ ଭିତରେ ହଟ୍ଟଗୋଳ କରିଥିବା ବେଳେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେମାନେ କର୍ଣ୍ଣାଟକ ଓ ମହାରାଷ୍ଟ୍ରାରେ ଭୋଟ ଚୋରି ଅଭିଯୋଗ ମଧ୍ୟ ଆଣିଥିଲେ।

ଏଭଳି ଅଚଳାବସ୍ଥା ମଧ୍ୟରେ ଗୋଟିଏ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ଦଳ ମଧ୍ୟରେ ଏକତାର ବିରଳ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ତାହା ଥିଲା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ସେମାନେ ସହମତ ହୋଇଥିଲେ। ଲୋକସଭାରେ ଏସଂପର୍କରେ ଉଭୟ ସରକାର ଓ ବିରୋଧୀ ଦ୍ୱାରା ସ୍ୱାକ୍ଷରିତ ମିଳିତ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଥିଲା। ବାଚସ୍ପତି ଏହାକୁ ଗ୍ରହଣ କରିବା ସହିତ ଅଭିଯୋଗର ଯାଞ୍ଚ ଏକ ତିନି ଜଣିଆ କମିଟି ଗଠନ କରିଛନ୍ତି।

ଏହି ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଛି। ତାହା ହେଲା ଜାତୀୟ କ୍ରୀଡା ପରିଚାଳନା ବିଲ୍ ଏବଂ ଅନଲାଇନ୍ ଗେମ୍ ବିଲ୍। କ୍ରୀଡ଼ା ବିଲରେ ବିସିସିଆଇ ଭଳି କ୍ରୀଡ଼ା ସଂସ୍ଥାଙ୍କୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ଥିବା ଅନଲାଇନ ଗେମ୍‌କୁ ନିଷିଦ୍ଧ କରିବା ଲାଗି ଅନଲାଇନ ଗେମିଂ ବିଲ୍ ରେ ବ୍ୟବସ୍ଥା ରହିଛି। ତେବେ ଯେଉଁ ବିଲଟି ଆଗତ ବେଳେ ଲୋକସଭାରେ ସବୁଠାରୁ ବେଶି ଉତ୍ତେଜନା ସୃଷ୍ଟି କରିଥିଲା, ତାହା ଥିଲା ଜେଲରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ହଟାଇବା ସଂକ୍ରାନ୍ତ ବିଲ୍। ବିଲ୍ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କ୍ରମାଗତ ୩୦ ଦିନ ଧରି ଜେଲରେ ରହିଲେ ସେମାନେ ମନ୍ତ୍ରୀ ପଦ ହରାଇବେ। ଅଣବିଜେପି ସରକାରକୁ ଅସ୍ଥିର କରିବା ଉଦ୍ଦେଶ୍ୟରେ ଏଭଳି ବିଲ୍ ଆଗତ କରାଯାଇଥିବା ବିରୋଧୀ ଦଳ କହିଥିଲେ। ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ କରି ସେମାନେ ଏହାର ବିରୋଧ କରିଥିଲେ। ସରକାର ଏହି ବିଲକୁ ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟି ପାଖକୁ ପଠାଇ ଦେଇଛନ୍ତି। ଏହି ସମ୍ବିଧାନ ସଂଶୋଧନ ବିଲ ଅନୁମୋଦନ ପାଇଁ ସଂସଦରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ସରକାର ପାଖରେ ଏଥିପାଇଁ ଆବଶ୍ୟକ ସଂଖ୍ୟା ନାହିଁ। ବର୍ତ୍ତମାନ ପରିସ୍ଥିତିରେ ବିରୋଧୀ ଦଳ ସମର୍ଥନ ନକଲେ ଏହା ଅନୁମୋଦିତ ହେବା ସମ୍ଭବ ନୁହେଁ ବୋଲି କୁହାଯାଉଛି।

### ସେପ୍ଟେମ୍ବର ୧୮ ରୁ...

ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଏନେଇ ପ୍ରତିକ୍ରିୟା ରଖି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମଦାହ, ଚାଷୀ ହନ୍ତସନ୍ତ ପ୍ରସଙ୍ଗରେ ବିଜେଡି ଗୃହରେ ଦୃଢ଼ ଭାବେ ସ୍ୱର ଉତ୍ତୋଳନ କରିବ। ମୌସୁମୀ ଅଧିବେଶନରେ ଦେଢ଼ ବର୍ଷ ସରକାରରେ ଯେଉଁ ସବୁ କୃତିତ୍ୱ ଅର୍ଜନ କରିଛନ୍ତି, ସେ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବୁ ବୋଲି ପ୍ରମିଳା କହିଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି ଯେ ସରକାର ଭୟରେ ବିଧାନସଭା ଡାକୁ ନ ଥିଲେ। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମହତ୍ୟା ଘଟଣା ବଢ଼ୁଥିବାରୁ ସେ ଭୟରେ ବିଧାନସଭା ଡାକୁନଥିଲେ। ଏବେ ସ୍ଥିତି ଟିକେ ସ୍ୱାଭାବିକ ହୋଇଛି। ତେଣୁ ସରକାର ବାଧ୍ୟ ବାଧକତାରେ ବିଧାନସଭା ଡାକୁଛନ୍ତି। ଆସନ୍ତା ଅଧିବେଶନରେ ଆମେ ନାରୀ ନିର୍ଯାତନା, ଭୋଟ ଚୋରି ଓ ଅନାସ୍ଥା ପ୍ରସଙ୍ଗ ଉଠାଇ ସରକାରକୁ ଘେରିବୁ ବୋଲି ଶ୍ରୀ ବାହିନୀପତି ସୂଚନା ଦେଇଛନ୍ତି।

ସେହିପରି ଅଧିବେଶନ ସଂପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ କାର୍ଯ୍ୟ ପରାମର୍ଶଦାତା କମିଟିର ନିଷ୍ପତ୍ତି ଅନୁସାରେ ମୌସୁମୀ ଅଧିବେଶନରେ କିଛି ବିଲ୍ ଆସିପାରେ। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ରହିଛି, ସେ ବାବଦରେ ଗୃହରେ ସବିଶେଷ ଆଲୋଚନା ହେବ। ବିରୋଧୀ ଯେଉଁ ପ୍ରସଙ୍ଗ ଆଣିବେ ତାହା ଉପ।ରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ବିରୋଧୀଙ୍କ ସମସ୍ତ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ପୂର୍ବ ଅଧିବେଶନରେ ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏପରିକି ଏଥିପାଇଁ କଂଗ୍ରେସର ସମସ୍ତ ସଦସ୍ୟଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା। ବିଜେଡି ମଧ୍ୟ ପ୍ରସଙ୍ଗକୁ ନେଇ ଗୃହ ଭିତରେ ଏବଂ ବାହାରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲା। ଆସନ୍ତା ଅଧିବେଶନ ସମାନ ପ୍ରସଙ୍ଗରୁ ଆରମ୍ଭ ହୋଇପାରେ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି।

### କେନ୍ଦ୍ର ନିୟନ୍ତ୍ରଣରେ...

ମାନିଲେ ଏଫସିଆଇରେ ସମସ୍ୟା ଅଛି। ୧ କୋଟି ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ ପାଇଁ ଚୁକ୍ତି କରିଥିଲେ। ୬୪ ଲକ୍ଷ ଧାନର ଚାଉଳ ବାହାରିଲେ ୨୮ ଲକ୍ଷ ମେଟ୍ରିକ ଟନ ଆବଶ୍ୟକ ପଡେ। ୧୫ ଲକ୍ଷ ମେଟ୍ରିକ ଟନ ଏଫସିଆଇ ଓଡିଶାରୁ ଉଠାଇଛି। ମନ୍ତ୍ରୀ ସ୍ୱୀକାର କରୁଛନ୍ତି ଏଫ୍‌ସିଆରେ ସମସ୍ୟା ଅଛି। ଗୋଦାମ ଯେତିକି ଅଛି ସବୁଥିରେ ଚାଉଳ ପୂର୍ଣ୍ଣମାତ୍ରାରେ ଅଛି। ଅତୀତରେ ଯେତିକି ହଉଥିଲା ଅଧିକାଂଶ ମିଲରଙ୍କ ପାଖରେ ଚାଉଳ ରହୁଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଲେ ଅନ୍ୟ ଫସଲ ପାଇଁ ପଇସା କେଉଁଠୁ ଆସିବ? ସରକାର ନିଜ ଗୋଡ଼କୁ ନିଜେ ବାନ୍ଧିଲେ ବୋଲି ଶ୍ରୀ ଦେବ କହିଛନ୍ତି। ସେ ଆହୁରି କହିଛନ୍ତି, ଉପକୂଳ ଓଡ଼ିଶା ବନ୍ୟା, ବାତ୍ୟା ଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ମୁଁ ମନ୍ତ୍ରୀ ଥିବାବେଳେ ଭୂତଳ କେବୁଲ୍ ଲାଇନ୍ ବିଛାଇବା ପାଇଁ ବାରମ୍ବାର ପ୍ରସ୍ତାବ ଦେଇଥିଲେ। ବିଗତ ୭ରୁ ୮ବର୍ଷ ହେଲା, କେନ୍ଦ୍ର ସରକାର ବିଦ୍ୟୁତି ବିଭାଗକୁ କିଛି ଅନୁଦାନ ଦେଇନାହାନ୍ତି। ଯାହା ବି ଭିତ୍ତିଭୂମିର ଉନ୍ନତିକରଣ ହୋଇଛି, ରାଜ୍ୟ ସରକାର ନିଜ ସମ୍ବଳ ଅନୁସାରେ କରିଛନ୍ତି। ଏବେ ଡବଲ ଇଞ୍ଜିନ୍ ସରକାର ଚାଲିଛି। ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

### ଅଙ୍କିତ ବର୍ମା...

ଭାବେ ନିଯୁକ୍ତି ମିଳିଥିବା ବେଳେ ରେଲୱେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ(ଗ୍ରାମାଞ୍ଚଳ) ଏସ୍‌ପି ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବିଦଳି କରାଯାଇଥିବା ବେଳେ ମୁଖ୍ୟାଳୟ ଓଏସ୍‌ଡିରେ ଥିବା ଭିନିତ୍ ଅଗ୍ରୱାଲଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି ଭାବେ ନିଯୁକ୍ତ ମିଳିଛି। ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ନୂଆପଡ଼ା ଏସ୍‌ପି ଥିବା ଗୁଣ୍ଡାଲା ରେଡ୍ଡୀଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ମିଳିଛ। ସେହିପରି ଭୁବନେଶ୍ୱର ଅତିରିକ୍ତ ଡିସିପି ଥିବା ଅଙ୍କିତ ବର୍ମାଙ୍କୁ ଜଗତସିଂହପୁର ଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ଥିବା ଅମ୍ରିତ୍‌ପାଲ ସିଂଙ୍କୁ ନୂଆପଡ଼ା ଏସ୍‌ପି, ଭୁବନେଶ୍ୱରରେ ଅତିରିକ୍ତ ଡିସିପି ଥିବା ଅମ୍ରିତ୍‌ପାଲ କୌରଙ୍କୁ ସୁନ୍ଦରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି।

ସେହିପରି ଜଗତସିଂପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା(ଓପିଏସ୍)ଙ୍କୁ ରେଲୱେ ଏସ୍‌ପି ଭାବେ ବଦଳି କରାଯାଇଛି। କମିଶନରେଟ ପୁଲିସରେ ଥିବା ଡିସିପି ବିମଳେନ୍ଦୁ ଶତପଥିଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ୍ ପୁଲିସରେ ଥିବା ଅତିରିକ୍ତ ଡିସିପି କିଶୋରଚନ୍ଦ୍ର ମୁଣ୍ଡ, ଅନୁପ କୁନୁଗୋଙ୍କୁ ଡିସିପି କରାଯାଇଛି। ପୁଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଥିବା ଶ୍ରୀକାନ୍ତ କୁମାର ବେହେରାଙ୍କୁ ଇଓଡବ୍ଲ୍ୟୁ ଏସ୍‌ପି ଭାବେ ବଦଳି କରାଯାଇଛି। ତାଳଚେରରେ ଅତିରିକ୍ତ ଏସ୍‌ପି ଥିବା ସୁରେନ୍ଦ୍ରନାଥ ରାୟଗୁରୁଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। କଳାହାଣ୍ଡି ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ଆନନ୍ଦବର୍ଦ୍ଧନ ଗୁରୁଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥଙ୍କୁ କଟକ ସ୍ଥିତି ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଥିବା ସତ୍ୟବାନ ମହାନନ୍ଦଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ସ୍ଥିତି ଆଇୟୁସିଏଡବ୍ଲ୍ୟୁ'ରେ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଶଙ୍କର ନାୟକଙ୍କୁ କଟକ ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରେଲୱେ ଅତିରିକ୍ତ ଏସ୍‌ପି ସତ୍ୟଜିତ ମିଶ୍ରଙ୍କୁ ଉପକୂଳ ସୁରକ୍ଷା ଏଆଇଜି ଭାବେ ବଦଳି କରାଯାଇଛି।

### ନିୟମିତ ହେବେ...

ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ଏବେ ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଇ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏଏନ୍‌ଏମ୍ ନିଯୁକ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି। ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପିଲାମାନଙ୍କ ସହିତ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ଏସ୍‌ସିଏସ୍‌ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବରେ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏନ୍‌ସିଆର୍‌ଟି ଢାଞ୍ଚାରେ ଏସସିଆରଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଡାଇରେକ୍ଟର ଅଫ୍ ଟେକ୍ସଟବୁକ ପବ୍ଲିକେଶନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜ୍ୟରେ ସାର...

ଅଭିଯୋଗ କରିଛନ୍ତି। ଧାନ ତଳି ରୋଇବାର ୨୧ ଦିନ ପରେ ଜମିରେ ସାର ପକେଇବା କଥା; କିନ୍ତୁ ଧାନ ରୋଇବାକୁ ମାସେ ବିତି ଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ସାର ମିଳିନାହିଁ। ଗୋଟିଏ ଆଧାରକାର୍ଡରେ ଯଦି ଗୋଟିଏ ବସ୍ତା ସାର ଦିଆଯିବ ତେବେ ୧୦ ଏକର ଜମି ଚାଷ କରୁଥିବା ଚାଷୀ ଗୋଟିଏ ବସ୍ତା ନେଇ କ'ଣ କରିବେ ? ଯଥାଶୀଘ୍ର ଯଦି ପର୍ଯ୍ୟାପ୍ତ ପରିମାଣର ସାର ବଣ୍ଟନ କରାନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଚାଷୀ ସଙ୍ଗଠନ ଚେତାବନୀ ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ. e-Tender-Elect-G-31-25
କାର୍ଯ୍ୟର ବିବରଣୀ : ନୟାଗଡ଼ ଷ୍ଟେସନ ଠାରେ ହାଇମାଷ୍ଟ ବ୍ୟବସ୍ଥା ସହିତ ଆଲୋକ ସୁବିଧାର ବୃଦ୍ଧିକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,43,45,370.56, EMD (₹) : 2,21,700.00 ।

(2) ବିଜ୍ଞପ୍ତି ସଂ. e-Tender-Elect-G-32-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କେନ୍ଦ୍ରୀକୃତ ଏବଂ ଡିଷ୍ଟ୍ରିବ୍ୟୁଟେଡ୍ ରିଲେ ରୁମ୍‌ଗୁଡ଼ିକରେ ସଠିକତା(Precision) ଟାଇପ୍ ଏୟାର କଣ୍ଡିସନର ଗୁଡ଼ିକର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 5,38,43,954.20, EMD (₹) : 4,19,200.00 ।

(3) ବିଜ୍ଞପ୍ତି ସଂ. e-Tender-Elect-G-33-25
କାର୍ଯ୍ୟର ବିବରଣୀ : କ୍ୟାରେଜ୍ ଏବଂ ୱାଗନ ଡିପୋ/ ଅନୁଗୁଳ(ANGL), କଟକ(CTC), ଖୋର୍ଦ୍ଧା ରୋଡ଼ (KUR) ଏବଂ ପାରାଦ୍ୱୀପ(PRDP) ଠାରେ ୱେଲ୍ଡିଂ ସମୟରେ CTRB ର ସୁରକ୍ଷା ନିମନ୍ତେ ୱାଗନଗୁଡ଼ିକର ଉପଯୁକ୍ତ ଆର୍ଥିଙ୍ଗ୍ ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,65,75,236.60, EMD (₹) : 2,32,900.00 ।

(4) ବିଜ୍ଞପ୍ତି ସଂ. e-Tender-Elect-G-34-25
କାର୍ଯ୍ୟର ବିବରଣୀ : 3 ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ସମ୍ପୂର୍ଣ୍ଣ ସିଷ୍ଟମ୍‌ର ୱେବ୍ ଆଧାରିତ ପମ୍ପ ଅଟୋମେସନ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 23,46,761.16, EMD (₹) : 46,900.00 ।

ଶେଷ ହେବା ଅବଧି : 04 ମାସ (କ୍ରମ ସଂ. 1 ଏବଂ 3 ପାଇଁ), 06 ମାସ (କ୍ରମ ସଂ. 2 ପାଇଁ) ଏବଂ 36 ମାସ (କ୍ରମ ସଂ. 4 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025ରିଖ 1500 ଘଟିକାରେ (ସମସ୍ତ କ୍ରମ ସଂ. ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼
PR-479/Q/25-26

**AFFIDAVIT**
By virtue of an affidavit sworn before executive magistrate Oupada, Baleswar ,Odisha vide Sl no- 404 on dtd 05/08/2025 I Amita Patra, w/o. Akshaya Patra, At-Gadasahi, Po-Darakholi, Ps-Oupada, Dist-Baleswar, Odisha Pin code-756049 declare that I have changed the name of my son from Dhanjay Patra to Dhananjay Patra. Henceforth he will be known as **Dhananjay Patra** for all purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Mantosh Madhi,** aged about 22 years, S/o.: Ganga Madhi, Village: Palkonda, PO.: Sikhapalli, PS/Dist.: Malkangiri, declare by this Affidavit No.: 1140/ 2025, Dated:21/08/2025 that I have changed my name from Manatosh Madhi to **Mantosh Madhi**. Henceforth I shall be known as "**Mantosh Madhi**" for all future purposes.

**AFFIDAVIT**
By Virtue of an affidavit sworn before Notary public Salipur, Cuttack dated 18.08.2025. I Jhillimayee Bal, Address At-Kalianti, P.o.-Chayanpal, P.s.-Mahanga, Dist-Cuttack, Odisha-754204 declare that, I have changed my name from Pritimayee Bal to Jhillimayee Bal. Henceforth I shall be known as Jhillimayee Bal for all purposes.
**Jhillimayee Bal**

**AFFIDAVIT**
I, Purusotham Misra, aged about 68 years, S/O- Late Artabandhu Misra, resident At-Dolamundai, PO-Telenga Bazar, PS-Madhupatna, Dist-Cuttack, PIN-753009, Odisha, declare by this Affidavit No.-1862, Dtd.-18.08.2025, that now onwards I shall be Known as **Purusottam Misra** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Kanas, dtd-24/07/2025, No-2686. I, **Lili Rout,** Address: At-Nuagaon, Po- Adal, PS-Gadisagoda, Dist- Puri, Odisha, Pin-752019 declare that I have changed the name my son from **Sai Rout to Asish Rout.** Henceforth, he shall be known as **Asish Rout** for all purposes.
**Sd/- Lili Rout**

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 14/08/2025. I, **Pankaj Bhue,** Son/Daughter/Wife of Raghu Bhue, Permanent resident of At- Bhue Pada, Village- Ghodar, P.O.- Sihini, Dist-Balangir, Odisha, PIN- 767066 now residing at the same place affirm that I have changed my minor Son / Daughter / Ward name from **Kiranti Bnoi** (old name) to **Tiranti Bhue** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he/she will be known as **Tiranti Bhue** (new name).
**Pankaj Bhue**

**AFFIDAVIT**
I, Sanjaya Ketan Sethy, aged about 54 years, S/o- Late Chintamani Sethy, resident of Plot No. 4735/5161/5812 P, Near Govt. High School, VSS Nagar, PO-Saheednagar, Bhubaneswar, Dist-Khordha, PIN- 751007, Odisha declared by this affidavit No. 1680, dtd-20/08/2025 that now onwards I shall be known as **SANJAY KETAN SETHY** for all future purposes.

**AFFIDAVIT**
By virtue of an affidavit no-1995 dtd 22-07-2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**
Affidavit I, Seema Agrawal W/o Kamal Kishore Agrawal, resident of ward No - 04, Mahanta Basti Po / Ps - Barbil Dist - Keonjhar, PIN - 758035, Odisha. declare by this Affidavit No - 0705 dated-18.08.2025 that now onwards I shall be known as **Seema Agarwal** for all future purposes.

**AFFIDAVIT**
By virtue of an affidavit before the Notary Public, Paralakhemundi, Gajapati, I, Suranjani Swalsingh, W/o-Late Rajendra Kar, resident of Vill/Po/Ps- Rayagada, Dist-Gajapati, Odisha, pin-761213, declared by this affidavit No-A26. dtd- 18/8/2025 that now onwards I shall be known as SURANJANI KAR for all future purposes.

**SALE**
1 Number of Tractor–NEW HOLAND 4710 E5 / 2023, Registration No.- OD-01- AS-5109,Model-2023, ENGINE NO –351312DX, CHASSIS NO - NHN47100ZNA589969, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO- 06782-266658

**SALE**
1 Number of Tractor–TAFE MF 7250 DI E7 2WD / 2023, Registration No.- OD-01- AU - 9266,Model-2023, ENGINE NO –S3255N49513, CHASSIS NO - MEAA3119GP2494049, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO- 06782-266658

**AFFIDAVIT**
I Banshidhar Das, S/o- Late-Rameswar Das, resident of village- Sribatsapur, Po-Dehurda, Ps-Bhograi, Dist-Balasore, Odisha, declared by affidavit before Executive Magistrate , Bhograi No.871/ dtd-17/03/2025 that my actual name is Banshidhar Das in Adhar, Pan and Voter ID. But the RoR no 39,40 sthitiban of Mouza Sribatsapur and RoR no 337 sthitiban of Mouza Dehurda prepared after my name BANSHIDHAR BEHERA in place of Banshidhar Das. That after conversion my self accepting Baishnab culture I have converted my surname including the surname of my family members as Das. Banshidhar Behera and Banshidhar Das is one & same person. Hence I shall be known as Banshidhar Das for all future purpose.

Office of the Principal
**MAHAPAT HIGHER SECONDARY SCHOOL JANGHIRA, KEONJHAR [488 (Category)]**
Mob- 7735148237,
Email Id- scmohapatra11@gmail.com / mpbissajanghira@gmail.com
**Walk in Interview**
Walking interview for the guest faculty will be held in 29.08.2025 for the post of Political Science, PET & Junior Clerk in Temporary basis (Contractual). Interested Candidates on any apply with Educational Qualification to the undersigned.
Sd/-Principal in-charge
Mahapat Higher Secondary School
Janghira, Keonjhar

**DISTRICT PROJECT OFFICE, SAMAGRA SIKSHA, SAMBALPUR** n-128
(2nd FLOOR, COLLECTORATE, SAMBALPUR-768001)
e-mail: dpcsambalpur.opepa@nic.in
Letter No. 1534/PLGDate: 17.08.2025
**SHORT TENDER CALL NOTICE**
Sealed tenders are invited from the reputed & credible printers / firms / agencies for printing & supply of Identity Cards & PM SHRI Logo Badge for Teachers and Students of PM – SHRI Schools – 2024-25 of Sambalpur District in two bid systems (Technical & Commercial Bid).
For details please visit **www.sambalpur.odisha.gov.in & www.osepa.odisha.gov.in**
Sd/- District Project Coordinator
SS, Sambalpur
OIPR-15013/11/0072/2526

**BHUBANESWAR MUNICIPAL CORPORATION** C-934
**SOUTH-WEST ZONE**
No. 5158 / Date 14.08.2025
ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣା ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଧା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସାକ୍ଷରକାରୀଙ୍କ ନିକଟରେ ତା.୨୦.୦୮.୨୦୨୫ରିଖ ଠାରୁ ତା.୨୫.୦୮.୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କ ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.0.45 dec. | Labour Stand, Dumuduma |

ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0238/2526

## ଟ୍ରାକ୍ଟର ଧକ୍କାରେ ବାଳକ ମୃତ

ନରସିଂହପୁର,୨୧।୮ (ସମିସ): କାନପୁର ଥାନା ମାନପୁର ଗ୍ରାମରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ୮ ବର୍ଷର ବାଳକର ମୃତ୍ୟୁ ହୋଇଛି। ବାଳକଟି ତୃତୀୟ ଶ୍ରେଣୀ ଛାତ୍ର। ଅମର ବେହେରାଙ୍କ ପୁଅ ଆକାଶ ଘରୁ ବାହାରିଥିବା ବେଳେ ଟ୍ରାକ୍ଟରଟି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେ ଗୁରୁତର ଅବସ୍ଥାରେ କାନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା; ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। କାନପୁର ପୁଲିସ ତଦନ୍ତ କରିବା ସହ ଶୁକ୍ରବାର ମୃତଦେହର ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ତପନ ନାୟକଙ୍କ ସୂଚନା ଦେଇଛନ୍ତି।

## ବଡମ୍ବା ପୁଲିସ ହାତରେ ୨ ଆନ୍ତଃଜିଲ୍ଲା ଲୁଟେରା

ବଡମ୍ବା,୨୧।୮ (ସମିସ): କଟକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡମ୍ବା ଥାନା ଭାରପ୍ରାପ୍ତ ଅଧିକାରୀ ଅରବିନ୍ଦ ମୁଦୁଲିଙ୍କ ଟିମ ଗଙ୍ଗାଧର କଅଁରଙ୍କ ସହଯୋଗରେ ୨ ଆନ୍ତଃ ଜିଲ୍ଲା ଲୁଟେରାଙ୍କୁ ଗିରଫ କରିଛି। ବଡମ୍ବା ଥାନା ଅଧୀନ ବେଲିଆପାଳ ଗ୍ରାମର ପପୁ ଚୌଧୁରୀ (୨୮) ନାମରେ ଗତ ୨୦୧୬-୨୫ ମଧ୍ୟରେ ବାରଙ୍ଗ, ବଡମ୍ବା, ଜଗତପୁର ଆଦି ଥାନାରେ ୭ଟି ଦୁଷ୍କର୍ମ, ଡକାୟତି, ହତ୍ୟା ଓ ଚୋରି ମାମଲା ସହ ମାରଣାସ୍ତ୍ର ରଖିବା, ବ୍ୟବହାର କରିବା ଅଭିଯୋଗ ରହିଛି। ସେହିପରି ଅଭିଯୁକ୍ତ ନାମରେ ୩ଟି ୱାରେଣ୍ଟ ରହିଛି। ଅଭିଯୁକ୍ତ ଲୁହା ବେପାର କରୁଥିବାର ଜାଣି ବଡମ୍ବା ପୁଲିସ ଟିମ ଯୋଡ଼ା ବଡବିଲ ଶିଳ୍ପାଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଆନ୍ତଃଜିଲ୍ଲା ଲୁଟେରା ଢେଙ୍କାନାଳ ଜିଲ୍ଲା କାଦମ୍ବାପାଳ ଗ୍ରାମର କାଳନ୍ଦୀ ନାଏକଙ୍କ ପୁଅ ଶ୍ରୀକୃଷ୍ଣ (୩୨) ବଡମ୍ବା ଥାନା ଅନ୍ତର୍ଗତ ମାଳତୀ ପଞ୍ଚାୟତ ଦୁଧିଆବେରେଣି ଗ୍ରାମରୁ ଏକ ସ୍କୁଟି (ଓଡି ୦୫ ଏଲ ୫୦୫୬)କୁ କିଛି ମାସ ତଳେ ଚୋରି କରିନେଇଥିଲା। ବଡମ୍ବା ଥାନା କେସ ନମ୍ବର ୯୪/୨୫ ଅନୁସାରେ ପୁଲିସ ଗାଡି ସହ ଲୁଟେରା ଶ୍ରୀକୃଷ୍ଣ ନାଏକକୁ ଢେଙ୍କାନାଳ ଭାପୁର ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

ଟାଙ୍ଗୀ,୨୧।୮ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧୀନସ୍ଥ ଉଛପଦା ପଞ୍ଚାୟତ ନିଶ୍ଚିନ୍ତା ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଅଣ୍ଡା ଓ ଚାଉଳ ସହ ରନ୍ଧନ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଚୋରି କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀ ମନୋରମା ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ ଦୁର୍ବୃତ୍ତମାନେ କେନ୍ଦ୍ରରେ ପଡ଼ିଥିବା ୩ଟି ତାଲା ଭାଙ୍ଗି ଗଚ୍ଛିତ ୩୫-୪୦ କିଲୋ ଚାଉଳ, ୩ଟି ଟ୍ରେ’ରେ ଥିବା ୯୦ଟି ଅଣ୍ଡା ଓ ରନ୍ଧନ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଚୋରି କରିଛନ୍ତି। ସେହିପରି ଘଟଣା ସଂକ୍ରାନ୍ତରେ ସିଡ଼ିପିଓ ତଥା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ଶ୍ରୀମତୀ ସ୍ୱାଇଁ ଜଣାଇଛନ୍ତି। ଟାଙ୍ଗୀ ପୁଲିସ ମାମଲା ରୁଜୁପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜାଣିବାକୁ ମିଳିଛି।

## ଅଟଳ ସେନା ପକ୍ଷରୁ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

ସାଲେପୁର,୨୧।୮ (ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ଶ୍ରାଦ୍ଧ ଦିବସ ଅଟଳ ସେନା ପକ୍ଷରୁ ରୋଧପୁରସ୍ଥିତ ଶାରଳା ଠାକୁରାଣୀଙ୍କ ପୀଠରେ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ବ୍ରଜବନ୍ଧୁ ଚିନ୍ନରା, ସାଲେପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ଉମେଶଚନ୍ଦ୍ର ପତି, ଶିକ୍ଷାବିତ୍ ବିପିନ ବିହାରୀ କର, କବି ପ୍ରସନ୍ନ ମିଶ୍ର, ଡଃ ଚିତ୍ତରଞ୍ଜନ ପଣ୍ଡା, ପ୍ରତାପ କିଶୋର ମିଶ୍ର, ଅଶୋକ ସ୍ୱାଇଁ, ଆଡ୍‌ଭୋକେଟ୍ ଗୌତମ ରାୟ ଚୌଧୁରୀ, ସଂପାଦକ ଅଶୋକ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବିଜେପି ନେତ୍ରୀ ଅମିତା ସାହାଣୀ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଦେବେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅଟଳ ସେନାର କାର୍ଯ୍ୟାଳୟ ସାଲେପୁର କଲେଜରୋଡ୍‌ଠାରେ ପ୍ରଫେସର ବ୍ରଜବନ୍ଧୁ ଚିନ୍ନରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

**ପୁରୁଣା ପୋଖରୀ ଦେଖାଇ ଅର୍ଥ ହରିଲୁଟ୍ ମାମଲା**

## କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୂର୍ବତନ ଜିଆର୍‌ଏସ୍ ନିଲମ୍ବିତ

ନରସିଂହପୁର,୨୧।୮ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାଠଖୁଣ୍ଟ ଗ୍ରାମରେ ମନରେଗା କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଉଚ୍ଚସ୍ତରୀୟ ଅଭିଯୋଗ ପରେ ଏହାର ତଦନ୍ତ ଦାବିରେ ପ୍ରାୟ ୧୫ଦିନ ମଧ୍ୟରେ ତଳେ ବ୍ଲକ ସମ୍ମୁଖରେ କାଠଖୁଣ୍ଟ ଗ୍ରାମବାସୀଙ୍କ ଦ୍ୱାରା ଏକ ଧାରଣା ଦିଆଯାଇଥିଲା। ସେହି ଧାରଣା ସମୟରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀଙ୍କ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ ଜିଲ୍ଲାପାଳଙ୍କ ଦ୍ୱାରା ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଦୁଇଜଣ କର୍ମଚାରୀ ଅନୁପ୍ରିୟା ନାଥଙ୍କ ନାଁରେ ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଏକ ପୁରୁଣା ପୋଖରୀକୁ ଦେଖାଇଥିଲେ। ଦୁର୍ନୀତିରେ ଲିପ୍ତଥିବା କାଠଖୁଣ୍ଟ ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିର୍ମୟୀ ବେହେରା ଓ ଜିଆରଏସ ସଂଜୀବ ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ ନୋଟିସ ଆସିଛି ବୋଲି ନରସିଂହପୁର ବିଡ଼ିଓ ଶ୍ରୀ ଶତପଥୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଏବେଠୁ ୟୁରିଆ ସାର ସଂକଟ

- **କଳାବଜାରୀଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ**
- **ଗ୍ରାମାଞ୍ଚଳରେ ମାଲମାଲ ଅଣଲାଇସେନ୍ସପ୍ରାପ୍ତ ବିକ୍ରେତା**

କଟକ,୨୧।୮ (ସମିସ):

ଖରିଫ ଧାନ ଫସଲ ପାଇଁ ୟୁରିଆ ସାରର ପ୍ରୟୋଜନ ବେଳେ ଏହି ସାର ସଂକଟ ଚାଷୀଙ୍କ ଚିନ୍ତା ବଢାଇଲାଣି। ବିଶେଷକରି ସାର ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଯଥେଷ୍ଟ ଅଧିକ ମୂଲ୍ୟରେ ମଧ୍ୟ ବିକ୍ରି କରାଯାଉଛି। ଏପରିକି ଗ୍ରାମାଞ୍ଚଳରେ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତାଙ୍କୁ ବାଦ ଦେଲେ ବିନା ଲାଇସେନ୍ସରେ ବେଆଇନ ଭାବେ ସାର ବିକ୍ରୟ କେନ୍ଦ୍ର ମାନ ଖୋଲିଛି। ଏହି ସବୁ କେନ୍ଦ୍ରକୁ ନିୟନ୍ତ୍ରଣ ପାଇଁ କୃଷି ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୋ÷ଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଛତୁ ଫୁଟିବା ଭଳି ଏଭଳି ସାର ବିକ୍ରି କେନ୍ଦ୍ର ମାନ ଖୋଲିଛି ଯେଉଁଠି ଦିନଦ୍ୱିପ୍ରହରରେ ସାର କଳାବଜାର ହେଉଛି। ସାଧାରଣତଃ ଧାନ ତଳି ଲଗାଯିବାର ୨୦ରୁ ୨୫ଦିନ ମଧ୍ୟରେ ୟୁରିଆ ସାର ଆବଶ୍ୟକ କରିଥାନ୍ତି ଚାଷୀ। ଏବେ ଚାଷୀ ବିଲରୁ ଘାସ ବଛାବଛି କରି ୟୁରିଆ ସାର ପକାଇଥାଏ। ବର୍ତ୍ତମାନ ପାକ୍ସ(ପ୍ରାଥମିକ ସେବା ସମବାୟ ସମିତି)ଗୁଡିକରେ ଏହା ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହୋଇପାରୁନାହିଁ। ଏପରିକି ଜିଲ୍ଲାରେ ରହିଥିବା ପଞ୍ଜିକୃତ ସାର ବିକ୍ରେତାମାନେ ମଧ୍ୟ ଏହି ସାର ନ ଥିବା କହି ଚାଷୀଙ୍କୁ ଫେରାଇଦେଉଛନ୍ତି। ଏହି ସୁଯୋଗରେ କିନ୍ତୁ ଅସାଧୁ ବ୍ୟବସାୟୀମାନେ ଚଢା ଦରରେ ସାର ବିକ୍ରି କରୁଛନ୍ତି। ଯେଉଁଠି ବସ୍ତା ପ୍ରତି ୩୨୦ଟଙ୍କାରେ ସାର ବିକ୍ରି ହେଉଥିଲା ତାହା ଏବେ ୪୦୦ରୁ ୪୨୦ଟଙ୍କା ହୋଇଯାଇଛି। ସାର ମିଳୁ ନଥିବାରୁ ଚାଷୀମାନେ ଚଢା ଦରରେ ବାହାରୁ କ୍ରୟ କରିବାକୁ ବାଧ ହେଉଛନ୍ତି।

ମିଳିଥିବା ସୂଚନାନୁସାରେ, ଚଳିତ ଖରିଫ ଋତୁରେ ପ୍ରାୟ ୧୯ ହଜାର ମେଟ୍ରିକ ଟନ୍‌ର ୟୁରିଆ ସାରର ପ୍ରୟୋଜନ ରହିଛି ବୋଲି ସରକାରୀ ସ୍ତରରେ କୁହାଯାଉଥିଲେ ମଧ୍ୟ ବାସ୍ତବରେ ଚାହିଦା ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ହେକ୍ଟର ପ୍ରତି ରସାୟନିକ ସାର ବ୍ୟବହାର ସରକାରୀ ଭାବେ ୮୦କିଲୋ ଦର୍ଶାଯାଉଥିଲେ ମଧ୍ୟ ଚାଷୀମାନେ ୨୦୦କିଲୋରୁ ଅଧିକ ପ୍ରୟୋଗ କରୁଥିବା ଜଣାପଡିଛି। ସେହିଭଳି ହେକ୍ଟର ପ୍ରତି ୟୁରିଆ ସାର ବ୍ୟବହାର ପ୍ରାୟ ୬୦କିଲୋରୁ ଅଧିକ ହେଲାଣି। ସରକାରୀ ଦରଠାରୁ ସାର ବସ୍ତା ପ୍ରତି ୨୦୦ଟଙ୍କା ଅଧିକ ବାହାରେ ବିକ୍ରି ହେଉଛି। ଚଳିତ ଖରିଫ ଋତୁରେ ଜିଲ୍ଲାରେ ରହିଥିବା ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଚାଷ ଜମିରୁ କେବଳ ୧ ଲକ୍ଷ ୨୩ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଅନ୍ୟପଟରେ ୟୁରିଆ ସାରର ବିକଳ୍ପ ଭାବେ ନାନୋ ୟୁରିଆର ପ୍ରଚଳନ କରାଯାଇଥିଲେ ବି ଏହା ବହୁଳ ଆଦୃତ ହୋଇପାରିନାହିଁ । ଚାଷ ପାଇଁ ପ୍ରୟୋଜନ ହେଉଥିବା ଡିଏପି, ଏମଓପି, ୨୮-୨୮-୯ ଆଦି ସାରକୁ ଆଇପିଏଲ, କୃଷି ଭାରତ, କରମଣ୍ଡଳ, ଇଫକୋ ଓ ନାଗାର୍ଜୁନ ଆଦି କମ୍ପାନୀ ଯୋଗାଇଥାନ୍ତି। ୧୫୦ରୁ ଅଧିକ ଘରୋଇ ଡିଲରଙ୍କ ଜରିଆରେ ସାର ବିକ୍ରୟ କରାଯାଇଆସୁଛି; ହେଲେ ୧୦୦ରୁ ଅଧିକ ଡିଲରଙ୍କ ପାଖରେ ୟୁରିଆ ଓ ପଟାସ ସାର ନଥିବା ନେଇ ଅଭିଯୋଗ ଆସୁଛି।

## ସୂଚନା ଅଧିକାର କର୍ମକର୍ତ୍ତାଙ୍କ ଧାରଣା




ଚୌଦ୍ୱାର,୨୧।୮ (ସମିସ): ସୂଚନା ଅଧିକାର ଆଇନ ଆଧାରରେ ମଗାଯାଇଥିବା ସୂଚନା ମିଳୁ ନ ଥିବାରୁ ଏହାର ପ୍ରତିବାଦରେ ଚୌଦ୍ୱାର ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ଗୁରୁବାର ଚୌଦ୍ୱାର ପୌରପାଳିକା ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରଥମ ଅପିଲ ଶୁଣାଣି ନ କରିବା ତଥା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଥିବା ପ୍ରତିବାଦରେ ଧାରଣା ଦିଆଯାଇଥିବା ସେମାନେ କହିଛନ୍ତି। ପରେ କର୍ମୀଙ୍କ ତରଫରୁ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ମାସକ ଭିତରେ ପୌରପାଳିକାକୁ ମଗାଯାଇଥିବା ତଥ୍ୟଗୁଡିକର ଉତ୍ତର ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା କର୍ମୀ ପ୍ରଭାନନ୍ଦ ସାହୁ ପ୍ରକାଶ କରିଛନ୍ତି। ଶ୍ରୀକାନ୍ତ ପାକଳ, ମନୋଜ ସାହୁ, ହରିହର ବେଉରା, ରାଜୀବ ମହାନ୍ତି, ପ୍ରତାପ ଜେନା, କେଶବ ସ୍ୱାଇଁ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ



ଚୌଦ୍ୱାର,୨୧।୮ (ସମିସ): ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ୍ ତରଫରୁ ଓଟିଏମ୍ ମୁଣ୍ଡାସାହିର ଅଗ୍ନିବିପନ୍ନ ରତ୍ନାକର ସେଠୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଶ୍ରୀ ସେଠୀଙ୍କ ଘରେ ପହଞ୍ଚି ଆବଶ୍ୟକ ବାସନ କୁସନ, ସପ, ମଶାରୀ, ବେଡ଼ସିଟ, ଛତା, ବାଲ୍ଟି ଆଦି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ କିଛିଦିନ ତଳେ ରତ୍ନାକରଙ୍କ ଘରେ ନିଆଁ ଲାଗି ୨ ବଖରା ଚାଳଘର ସହିତ ସମସ୍ତ ସମାଗ୍ରୀ ପୋଡ଼ି ଯାଇଥିଲା। ଆସୋସିଏସନ୍‌ର ସଭାପତି ସତ୍ୟବ୍ରତ ଦାସ, ଜୀବନେନ୍ଦୁ ଲେଙ୍କା, ଗୋକୁଳାନନ୍ଦ ସାହୁ, ପରୀକ୍ଷିତ ଲେଙ୍କା, ଦୀପକ ବେଉରା, ସଞ୍ଜୀବ ତିୱାରୀ, ପ୍ରଦୀପ ମହାପାତ୍ର, ଆଲୋକ ଦାସ, ଅଜିତ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ରଞ୍ଜିତ ବେଉରା, ରାଜେଶ ସେଠୀ, ଚିନ୍ମୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ବ୍ଲକ୍ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

ତିଗିରିଆ,୨୧।୮ (ସମିସ): ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଆଜି ନିଜିଗଡ଼ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଙ୍ଗଠନିକ ବୈଠକ ସହ ବ୍ଲକ ସଭାପତି ପଦ ଚୟନ ପାଇଁ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ସେଲର ଅଧ୍ୟକ୍ଷ ପ୍ରକାଶ ମଲ୍ଲିକ, ପର୍ଯ୍ୟବେକ୍ଷକ ଭାବେ ହିମାଂଶୁ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ କର୍ମୀମାନେ ବ୍ଲକ ସଭାପତି ପଦ ଚୟନ ନିମନ୍ତେ ୫ ଜଣିଆ ଆଶାୟୀଙ୍କର ଏକ ଚିଠା ଜିଲ୍ଲା ଟିମକୁ ପ୍ରଦାନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସଭାପତିଙ୍କ ସହ ଆଲୋଚନା ପରେ ଉକ୍ତ ନାମ ମଧ୍ୟରୁ ସଭାପତି ଚୟନ କରାଯିବ ବୋଲି ଜିଲ୍ଲା ଟିମ ସୂତ୍ରରୁ ପ୍ରକାଶ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ମାନସ ରଞ୍ଜନ ଜେନା, ଯୁବନେତା ମୃଣ୍ମୟ ଦାଶ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ, ବରିଷ୍ଠ ନେତା ମନୋରଞ୍ଜନ ଦାଶ, ମାନସ ମଲ୍ଲିକ, ତାରାପ୍ରସାଦ ପଟ୍ଟନାୟକ, ଜୟକୃଷ୍ଣ ଗୁଇଁ, ପ୍ରସନ୍ନ ନାୟକ, ପ୍ରତାପ ରଣା, ମାୟାଧର ସାହୁ, ସୁରେଶ ଦଳେଇ, ପଞ୍ଚାନନ ଦାସ, ନିରଞ୍ଜନ ସାମଲ, ଜିତେନ୍ଦ୍ର ମାଝୀ, ବିଜୟ ବିଶୋଇ, ଉମେଶ ଚୌଧୁରୀ, ଶ୍ରୀଧର ପଣ୍ଡା ଉପସ୍ଥିତ ଥିଲେ।



## କନ୍ଦରପୁର ଅଞ୍ଚଳରେ ଗଣେଶ ପୂଜା ପ୍ରସ୍ତୁତି




କନ୍ଦରପୁର,୨୧।୮ (ସମିସ): କମିଶନରେଟ କନ୍ଦରପୁର ପୁଲିସ ପକ୍ଷରୁ ଫୁଲମା ମାର୍କେଟ କମ୍ପ୍ଲେକ୍ସରେ କନ୍ଦରପୁର ଅଞ୍ଚଳର ଗଣେଶ ପୂଜାର ପ୍ରସ୍ତୁତି ବୈଠକ ଥାନାଧିକାରୀ ଆର୍ତ୍ତତ୍ରାଣ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୬୦ଟି ପୂଜା କମିଟିର ସଦସ୍ୟ ଆଲୋଚନାରେ ଭାଗନେଇଥିଲେ। ଶାନ୍ତିଶୃଙ୍ଖଳା ସହିତ କିପରି ଭସାଣ ଉତ୍ସବ ଅନୁଷ୍ଠିତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ୩ଟି ପର୍ଯ୍ୟାୟ ୩୧ ଅଗଷ୍ଟ, ୭ ସେପ୍ଟେମ୍ବର ଓ ୧୪ ସେପ୍ଟେମ୍ବରରେ ଭସାଣ ଉତ୍ସବ ପାଳନ ହେବ ବୋଲି ଆଲୋଚନା ହୋଇଥିଲା। ଏଥିରେ ଏସଆଇ ବିଚିତ୍ରାନନ୍ଦ ପ୍ରଧାନ, ଆଦିତ୍ୟ ପ୍ରସାଦ ମହାନ୍ତି, ପୁଲିସ କର୍ମଚାରୀ ଓ ଇଲେକ୍ଟ୍ରି ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇଥିଲେ।

## ସିରିଜ୍ ଦୁର୍ଘଟଣାରୁ ବର୍ତ୍ତିଗଲେ ଯାତ୍ରୀ

ତ୍ରିଶୂଳିଆ,୨୧।୮ (ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟରାସ୍ତାରେ ସିରିଜ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ। ଗୁରୁବାର ଅପରାହ୍ନ ୨ଟା ସମୟରେ ତ୍ରିଶୂଳିଆ ବଜାରରୁ ତିନୋଟି କାର ଆଗପଛ ହୋଇ ବାରଙ୍ଗ ଅଭିମୁଖେ ଯାଉଥିଲେ। ଓଡି ୦୨ ସିଏନ ୫୦୨୯ କାରଟି ଆଗରେ ଯାଉଥିଲା ଏହା ପଛରେ ଓଡି ୦୫ ବିଜି ୭୭୭୨କୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଓଡି ୦୫ ବିକ୍ୟୁ ୬୪୨୯ କାରଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ତିନୋଟି ଯାକ କାର ଆଗପଛ କ୍ଷୟକ୍ଷତି ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।




## ଟାଙ୍ଗୀ ଅଞ୍ଚଳରେ ଷଣ୍ଢ ଓ ମଇଁଷିଙ୍କ ଉପଦ୍ରବ

ଟାଙ୍ଗୀ,୨୧।୮ (ସମିସ): ଚଳିତ ବର୍ଷ ଆଗୁଆ ବର୍ଷା ହୋଇଥିବାରୁ ଚାଷୀ ତରତର ହୋଇ ବିଲରେ ଟ୍ରାକ୍ଟର ମାଧ୍ୟମରେ ଚାଷ କରି ତଳି ପକାଇ ଅଧିକ ମୂଲମଜୁରୀ ଦେଇ ଧାନ ତଳି ରୂଆପୋତା କରିଛି। ମଝିରେ ନିଅଣ୍ଟିଆ ବର୍ଷା ହୋଇଥିଲେ ମଧ୍ୟ ଧାନ ଗଛ ଭଲ ଭାବରେ ଉଠି ପାରିଛି। ବର୍ତ୍ତମାନ ଷଣ୍ଢ ଓ ମଇଁଷି ବିଲରେ ପଶି ଧାନ ଗଛ ଖାଇବା ସହ ଗୋଡ଼ରେ ଦଳି ମକଚି ନଷ୍ଟ କରୁଛନ୍ତି। ଯାହାଫଳରେ ଚାଷୀ ଦୁଃଖରେ କାଳାତିପାତ କରୁଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକର ସଫା, ଗରୁଡ଼ଗାଁ, କରଞ୍ଜି, ବ୍ରହ୍ମପୁର, ଶାଳଗାଁ, କହ୍ନେଇପୁର, କୋଟସାହି, ଉଛପଦା, ମହିଷାଲଣ୍ଡା, ଶଙ୍କରପୁର ଓ ମଙ୍ଗରାଜପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ। କଟକ ଓ ଚୌଦ୍ୱାର ମ୍ୟୁନିସିପାଲଟିର କର୍ମଚାରୀ ଅନେକ ବୁଲା ଷଣ୍ଢକୁ ରାତିରେ ଆଣି ଟାଙ୍ଗୀ ଅଞ୍ଚଳର ଜଙ୍ଗଲ ନିକଟରେ ଛାଡ଼ିଦେବା ଦ୍ୱାରା ଶତାଧିକ ଷଣ୍ଢ ବିଭିନ୍ନ ଗ୍ରାମରେ ରାତି ସମୟରେ ବିଲରେ ପଶି ଧାନ ଗଛ ଖାଇ ମୂଳପୋଛ କରୁଛନ୍ତି। ଏତଦବ୍ୟତୀତ ଶତାଧିକ ଜଙ୍ଗଲୀ ମଇଁଷି ଜଙ୍ଗଲ ନିକଟସ୍ଥ ଗ୍ରାମର ବିଲରେ ପଶି ଧାନ ଗଛ ଖାଇବା ସହ ଗୋଡ଼ରେ ଦଳି ମକଚି ନଷ୍ଟ କରୁଛନ୍ତି। ଯାହାଫଳରେ ଧାନ ଫସଲ ଉଜୁଡିଯିବାକୁ ବସିଛି। ଏ ବିଷୟରେ ଜିଲ୍ଲାପାଳ ଓ ବନବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କିଛି ତଦାରଖ ନ କରି ଗୃହପାଳିତ ପଶୁ କହି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛନ୍ତି ବିଭାଗୀୟ ଅଧିକାରୀ। ସରକାର ଚାଷୀମାନଙ୍କ ବିକାଶ କଥା କହୁଥିବାବେଳେ ବାସ୍ତବରେ ଯଦି ଷଣ୍ଢ ଓ ମଇଁଷି ଏଭଳି ଉପଦ୍ରବ କରନ୍ତି ଚାଷୀର ବିକାଶ କିପରି ହେବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ଯଦି ସରକାର ଉକ୍ତ ସମସ୍ୟାର ସମାଧାନ ନ କରନ୍ତି ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳରେ ଚାଷୀ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଅଞ୍ଚଳର ଚାଷୀମାନେ ଚେତାବନୀ ଦେଇଥିବା ଜଣାପଡିଛି।

## ନିଟ୍ ପିଜି ପ୍ରବେଶିକାରେ ୧୫ତମ ସ୍ଥାନରେ ଜ୍ୟୋତିପ୍ରକାଶ

ନିଶ୍ଚିନ୍ତକୋଇଲି,୨୧।୮ (ସମିସ): ଚଳିତ ନିଟ୍ ପିଜି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୫ତମ ସ୍ଥାନ ଦଖଲ କରି ଜ୍ୟୋତିପ୍ରକାଶ ଷଡ଼ଙ୍ଗୀ ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସେ ଭୁବନେଶ୍ୱର ଏମସରେ କୃତିତ୍ୱର ସହିତ ଏମବିବିଏସ୍ ପାସ କରି ପ୍ରଥମ ଥର ପିଜି ପ୍ରବେଶିକା ପରୀକ୍ଷା ଦେଇ ସେଥିରେ ୮ଶହ ନମ୍ବରରୁ ୬୮୬ ରଖି ଏହି କୃତିତ୍ୱ ଲାଭ କରିଛନ୍ତି। ସରକାରଙ୍କ ଚୟନ ଅନୁଯାୟୀ ସେ ଦିଲ୍ଲୀ ଏମସ୍‌ରେ ମେଡ଼ିସିନ୍ ବିଭାଗରେ ପିଜି କରିବେ ଓ ପରେ ଜଣେ ହୃଦରୋଗ ବିଶେଷଜ୍ଞ ହେବେ ବୋଲି ସେ ଲକ୍ଷ୍ୟ ରଖିଛନ୍ତି। ସେ ହେଉଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜମରା ଶ୍ରୀ ବାସୁଦେବଜୀଉ ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହରପ୍ରସାଦ ଷଡ଼ଙ୍ଗୀ ଓ ଗୃହିଣୀ ସ୍ମୃତିଙ୍କ ସୁପୁତ୍ର। ତାଙ୍କ ଏହି କୃତିତ୍ୱ ପାଇଁ ସେ ଜେଜେ ବନମାଳି ଷଡ଼ଙ୍ଗୀ, ଜେଜେମା ଜୟନ୍ତୀ, ଅଜା ବଂଶୀଧର ମିଶ୍ର, ଆଈ ନଳିନୀପ୍ରଭା ମିଶ୍ରଙ୍କୁ ଶ୍ରେୟ ଦେଇଛନ୍ତି।



**କଟକ ସଦର ଓ ୪୨ ମୌଜା ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି**

# ନିଶାମୁକ୍ତ ଭସାଣି ଉତ୍ସବକୁ ପ୍ରାଧାନ୍ୟ

ଫୁଲନଖରା,୨୧।୮ (ସମିସ):



ପ୍ରତାପନଗରୀସ୍ଥିତ ମା’ ଧାକୁଲେଇଙ୍କ ପୀଠ ସଭାଗୃହରେ ଚଳିତବର୍ଷ ପାର୍ବଣ ଋତୁର ପ୍ରାରମ୍ଭରେ ଆଦ୍ୟ ଦେବତା ଶ୍ରୀ ଗଣେଶଙ୍କ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପୂଜାକୁ ବିଭିନ୍ନ ଅନୁଷ୍ଠାନମାନେ କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପାନ କରିବେ ସେଥିପାଇଁ କଟକ ସଦର ଓ ୪୨ମୌଜା ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଏଡିସିପି ଦେବଦତ୍ତ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରଶାସନର ସମସ୍ତ ନୀତି ନିୟମ ଗୁଡିକର ସୂଚନା ପ୍ରଦାନ କରିଥିଲେ। ଜୋନ୍-୪ ଏସିପି ଶଶିକାନ୍ତ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ରାତ୍ର ୧୦ଟା ସୁଦ୍ଧା ଶେଷ କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୌଣସି ଅଶ୍ଳୀଳ ନୃତ୍ୟ କିମ୍ବା ସଂଗୀତ ପରିବେଷଣ ନ କରି ନିଜ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମୂର୍ତ୍ତି ବିସର୍ଜନ ପାଇଁ ଅଗଷ୍ଟ ୩୧ରେ ପ୍ରଥମ ପର୍ଯ୍ୟାୟ ଭସାଣି, ସେପ୍ଟେମ୍ବର ୭ରେ ଦ୍ୱିତୀୟ ପର୍ଯ୍ୟାୟ ଓ ଅଗଷ୍ଟ ୧୪ତାରିଖରେ ତୃତୀୟ ପର୍ଯ୍ୟାୟ ଭସାଣିକୁ ଶୃଙ୍ଖଳିତ ଭାବରେ ନିଶାମୁକ୍ତ ଭାବରେ ପାଳନ କରିବାକୁ ଅନୁରୋଧ କରିଥିଲେ। ଆଇଆଇସି ଓମ୍ ପ୍ରକାଶ ମହାନ୍ତି ସମସ୍ତ ପୂଜା ମଣ୍ଡପର ସହଯୋଗ ଲୋଡିବା ସହ ପ୍ରତ୍ୟେକ କମିଟିର ୫ଜଣ ସ୍ୱେଚ୍ଛାସେବୀଙ୍କୁ ପରିଚୟ ପତ୍ର ଥାନା ପକ୍ଷରୁ ଯୋଗାଇ ଦିଆଯିବା ସହ ସମସ୍ତ ମଣ୍ଡପକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ମୃଣ୍ମୟ ମୂର୍ତ୍ତି ଗୁଡିକୁ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରିବାକୁ ପାଇଁ ପରାମର୍ଶ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ଶବ୍ଦଯୁକ୍ତ ବାଣକୁ ନିଷେଧ କରାଯିବା ସହ ପ୍ରତ୍ୟେକ ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ବାଧ୍ୟତାମୂଳକ ବୋଲି ମଧ୍ୟ ଏସିପି କହିଥିଲେ। ଉକ୍ତ ବୈଠକରେ ୧୦୦ରୁ ଉଦ୍ଧ୍ୱର୍ ପୂଜା ମଣ୍ଡପର ସଭାପତି ଓ ସଂପାଦକ ଉପସ୍ଥିତ ଥିଲେ। ଅତିରିକ୍ତ ଆଇଆଇସି ରାମହରି ସେଠୀ, ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ମା’ ଧାକୁଲେଇ ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ଉପସ୍ଥିତ ଥିବାବେଳେ ଗ୍ରାମ୍ୟ କମିଟିର ସହ ସଂପାଦକ ବାଦଲ ଜେନା ଧନ୍ୟବାଦ ଦେଇଥିଲେ।

**ଅଶ୍ଳୀଳ ନୃତ୍ୟ ସଂଗୀତକୁ ବର୍ଜନ**

# ହ୍ୟୁଜ୍ ଇଣ୍ଡିଆ ୱେବ୍ ଲିଙ୍କ୍‌ରେ କୋଟିକୋଟି ଟଙ୍କା ଠକେଇ

ନିଶ୍ଚିନ୍ତକୋଇଲି,୨୧।୮ (ସମିସ): ସାଇବର ଠକମାନେ ମୋବାଇଲରେ ଅନଲାଇନ୍ ଆପ ମାଧ୍ୟମରେ ୱେବ୍ ଲିଙ୍କ୍ ଦ୍ୱାରା ଜନସାଧାରଣଙ୍କୁ ଆର୍ଥିକ ଲୋଭ ଦେଖାଇ କୋଟି କୋଟି ଟଙ୍କା ଲୁଟିବାରେ ଲାଗିଛନ୍ତି। ଗତ ୪ ମାସ ହେବ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ହ୍ୟୁଜ୍ ଇଣ୍ଡିଆ ନାମକ ଏକ ସଂସ୍ଥା ଅନଲାଇନରେ ୱେବ୍ ଲିଙ୍କ୍ ଖୋଲି କୋଟି କୋଟି ଟଙ୍କା ଠକି ନେଇଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି, ମାହାଙ୍ଗା ଓ ସାଲେପୁର ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟବସାୟୀ, ସାମ୍ବାଦିକ, ରାଜନେତା, ଆଇନଜୀବୀ ଓ ଯୁବକ ଯୁବତୀମାନେ ବିଭିନ୍ନ ଲୋଭନୀୟ ସ୍କିମ୍‌ରେ ପ୍ରଲୋଭିତ ହୋଇ ଏହି ସଂସ୍ଥାରେ ଅନଲାଇନ ଜରିଆରେ ଟଙ୍କା ବିନିଯୋଗ କରିଥିଲେ। ବହୁ ଗରିବ ଲୋକ ମଧ୍ୟ ଅଧିକ ଅର୍ଥ ପାଇବା ଲୋଭରେ ବିଭିନ୍ନ ଅଳଙ୍କାର ଓ ଜମିବାଡ଼ି ବନ୍ଧା ପକାଇ ଅର୍ଥ ବିନିଯୋଗ କରିଥିବା ଜଣାଯାଇଛି। ହେଲେ ଗତ ୧୪ ତାରିଖ ଗୁରୁବାର ଦିନ ଏହି ୱେବ୍ ଲିଙ୍କରୁ ହଠାତ୍ ଟଙ୍କା ଉଠାଯାଇ ନ ପାରିବାରୁ ଲୋକମାନଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଥିଲା। ଏଥିରେ ଫସିଥିବା ବହୁ ଗରିବ ଲୋକ ଅର୍ଥ ହରାଇ ତଳିତଳାନ୍ତ ହୋଇଛନ୍ତି।

ନିଶ୍ଚିନ୍ତକୋଇଲି ବଜାରର ଜଣେ ବ୍ୟବସାୟୀ ଏହି ୱେବ୍ ଲିଙ୍କର ରିଜିଓନାଲ ମ୍ୟାନେଜର ଭାବେ ପରିଚୟ ଦେଇ ହଜାର ହଜାର ଲୋକଙ୍କୁ ଏଥିରେ ସମ୍ପୃକ୍ତ କରାଇଥିଲେ। ଲିଙ୍କ ବନ୍ଦ ହେବା ପରେ ସମ୍ପୃକ୍ତ ଲୋକମାନେ ତାଙ୍କୁ ପଚାରିବାରୁ ୨୦ ତାରିଖ ମଧ୍ୟରେ ୪୯୫୦ ଆନୁଆଲ ମ୍ୟାନେଜମେଣ୍ଟ ଫି ଏହି ଲିଙ୍କରେ ଜମା ଦେଲେ ଏହା ପୁଣି କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ତାଙ୍କ କଥାରେ ବହୁ ଲୋକ ବିନିଯୋଗ କରିଥିବା ଅର୍ଥକୁ ଫେରିପାଇବା ଆଶାରେ ପୁନର୍ବାର ୪୯୫୦ ଟଙ୍କା ଲେଖାଏଁ ୱେବ୍ ଲିଙ୍କ୍‌ରେ ଜମା ଦେଇଥିଲେ। ହେଲେ ୨୦ ତାରିଖରେ ଏହି ଲିଙ୍କ୍ ନ ଖୋଲିବାରୁ ୨୧ ତାରିଖ ଗୁରୁବାର ଏଥିରେ ସମ୍ପୃକ୍ତ ହୋଇଥିବା ଶତାଧିକ ଲୋକ ନିଶ୍ଚିନ୍ତକୋଇଲି ହାଟରେ ଏକ ବୈଠକ କରି ଏ ସଂକ୍ରାନ୍ତରେ ଲୋକଙ୍କ ପକ୍ଷରୁ ସତ୍ୟଜିତ୍ ମହାପାତ୍ର ଥାନାରେ ଏକ ଏତଲା ଦାୟର କରିଛନ୍ତି। ପୁଲିସ ଏହି ଏତଲା ଗ୍ରହଣ କରି ଏହାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# କେନ୍ଦୁଝରର ଜିଲ୍ଲାରେ ସ୍ଥାପନ ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା

ଭୁବନେଶ୍ୱର,୨୧।୮ (ସମିସ): ଗୁରୁବାର ଅପରାହ୍ନରେ ରାଜ୍ୟ ଅତିଥି ଭବନ ଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦକ୍ଷିଣ କୋରିଆର ଇସ୍ପାତ ଶିଳ୍ପାନୁଷ୍ଠାନ ପୋସ୍କୋ ଏବଂ ଭାରତର

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ ଜିଲ୍ଲାବାସୀ

ଜେଏସଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। କ୍ଷମତା ଦୃଷ୍ଟିରୁ ଏହା ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା ହେବ।

ଧନ୍ୟବାଦ ଜ୍ଞାପନ କରିବାକୁ ଆସିଥିବା ଜିଲ୍ଲାବାସୀଙ୍କ ମତ ଅନୁଯାୟୀ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବା କେନ୍ଦୁଝର ଜିଲ୍ଲାବାସୀଙ୍କ




ବହୁତ ଦିନର ସ୍ୱପ୍ନ ଥିଲା। ଆଜି ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବି ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ଜିଲ୍ଲାବାସୀଙ୍କ ସହିତ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଖଣିବହୁଳ କେନ୍ଦୁଝର ଜିଲ୍ଲା ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ। ଇସ୍ପାତ କାରଖାନା ଦାବୀ ଜିଲ୍ଲାବାସୀଙ୍କର ସବୁଠୁ ପୁରୁଣା ଓ ବଡ଼ ଦାବୀ ଥିଲା। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଖଣିବହୁଳ ରାଜ୍ୟରେ ଚାରୋଟି ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ତିନୋଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ବିଶ୍ୱର ବୃହତ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲ୍ଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ । ଆଗାମୀ ଦିନରେ ପାଟଣା ଅଞ୍ଚଳ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଓଡ଼ିଶାରେ ମୁକ୍ତିଲାଭ କରିଥିବା ୫ଟି ସିନେମା ହେବ କରମୁକ୍ତ

ଭୁବନେଶ୍ୱର,୨୧।୮ (ସମିସ): ଓଡ଼ିଶାରେ ମୁକ୍ତିଲାଭ କରିଥିବା ୫ଟି ସିନେମା ହେବ କରମୁକ୍ତ ବା ଟ୍ୟାକ୍ସ ଫ୍ରୀ। ୩ଟି ହିନ୍ଦୀ ସିନେମା ସହ 'ଦମନ' ଏବଂ 'ଡେଲିଭରୀ ବୟ' କୁ ମିଳିବ ପ୍ରତିଶ୍ରୁତି ରାଶି। ସିଟି ଜିଏସଟି ଟ୍ୟାକ୍ସ ଯାହା ଆଦାୟ ହୋଇଛି ତାହା ପ୍ରଦାନ କରାଯିବ। ୫ଟି ସିନେମା ମଧ୍ୟରେ ଓଡ଼ିଆ ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ଦମନ' ଏବଂ 'ଡେଲିଭରି ବୟ' ରହିଛି। ସେହିପରି ଓଡ଼ିଶାରେ ସୁଟିଂ ହୋଇଥିବା ଚଳଚ୍ଚିତ୍ର 'ଦ୍ୱିଗାଟୋ', 'ଟ୍ୱିଓ୍ୱେଲଭଥ୍ ଫେଲ୍' ଏବଂ 'ସାବରମତୀ ରିପୋର୍ଟ'କୁ ଟ୍ୟାକ୍ସ ଟଙ୍କା ଫେରସ୍ତ ମିଳିବ ବୋଲି ସିଟି ଆଣ୍ଡ ଜିଏସ୍‌ଟି କମିଶନରେଟ୍ ଓ ଅର୍ଥ ବିଭାଗ, ଓଡ଼ିଶା ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟସ୍ତରୀୟ ସୃଜନ କମିଟି ଓ ୱାର୍ ରୁମ୍ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,୨୧।୮ (ସମିସ): ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡ଼ିଶାର ୩୫ ଟି ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟା ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ନିଯୁକ୍ତି କରିଛି। ଏହି ପର୍ଯ୍ୟବେକ୍ଷକ ମାନଙ୍କ ସହିତ ଯୋଗାଯୋଗ ଓ ସମନ୍ୱୟ ରଖିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ରାଜ୍ୟସ୍ତରୀୟ ସୃଜନ କମିଟି ଏବଂ ୱାର୍ ରୁମ୍ କମିଟି ଗଠନ କରିଛନ୍ତି। ଉପରୋକ୍ତ ଦୁଇ କମିଟି ମିଳିତ ଭାବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ସୃଜନ କମିଟିରେ ଅଧ୍ୟକ୍ଷ ଭାବେ ଡ. ଦେବାଶିଷ ପଟ୍ଟନାୟକ ରହିଥିବା ବେଳେ ସହ ଅଧ୍ୟକ୍ଷ ଭାବେ ସୁଧାଂଶୁ ଶେଖର ଦେଓ ରହିଛନ୍ତି। ସେହିପରି ୱାର୍ ରୁମ୍ କମିଟିର ଅଧ୍ୟକ୍ଷ ଭାବେ ମନୋରଞ୍ଜନ ଦାଶ ରହିଥିବା ବେଳେ ସଭ୍ୟ ଭାବରେ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଶାନ୍ତନୁ କୁମାର ସାହୁ ଓ ଜୟଶ୍ରୀ ପାତ୍ର ରହିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି।

## ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିରୋଧ

# ସଂଘୀୟ ବ୍ୟବସ୍ଥାକୁ ନିପାତ କରିବାକୁ ଷଡ଼ଯନ୍ତ୍ର




ଭୁବନେଶ୍ୱର,୨୧।୮ (ସମିସ): ଜର୍ମାନୀ ପରି ଭାରତୀୟ ଗଣତନ୍ତ୍ରରେ ମଧ୍ୟ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡ଼କୁ ଗତି କରିବା ବଦଳରେ ଓଲଟା କେନ୍ଦ୍ର ସରକାର ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାଶୀବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚାଲିଛି। ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି।

ଗତ ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ "ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଶ୍ରୀ ବହିଦାର କହିଛନ୍ତି, ଏବେ ରାଜ୍ୟ ମାନଙ୍କର ସ୍ୱାୟତ୍ତତା ନାହିଁ। ଭାରତୀୟ ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଥିବା ବେଳେ ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡେଇ କାର୍ଯ୍ୟପାଳିକା ସର୍ବେସର୍ବା ହୋଇଯିବ। ଦୋଷୀ ସାବ୍ୟସ୍ତ ହେବା

- ସରକାରରେ ସବୁ ତନ୍ତ୍ରକୁ କରାୟତ୍ତ ଉଦ୍ୟମରେ ବିଜେପି
- ଭୋଟ ଚୋରିରୁ ଧ୍ୟାନ ହଟେଇବା ପାଇଁ ବିଲ୍ ଅଭିପ୍ରେତ

ପୂର୍ବରୁ ୩୦ ଦିନ ଜେଲରେ ରଖିବା କଷ୍ଟସାଧ୍ୟ ନୁହେଁ। ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ତଡି ପାରିବ। କାଳେ ବିଜେପିକୁ ଏହି ଆଇନ ସୁହାଇବା ଭଳି ଧାରଣା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ପଦବୀକୁ ମଧ୍ୟ ଏହି ଆଇନର ପରିସରଭୁକ୍ତ କରାଯାଇଛି ବୋଲି ସେ କହିଛନ୍ତି। ଏହି ବିଲ୍‌ର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସଂଘୀୟ ବ୍ୟବସ୍ଥାକୁ ନିପାତ କରି ପ୍ରଭୁତ୍ୱବାଦୀ ନବ୍ୟ ଫାଶୀବାଦାର ଉନ୍ମେଷ କରିବା।

ପିସିସି ସଭାପତି ତାଙ୍କ ଅଭିଭାଷଣରେ ଭାରତବର୍ଷର ସବୁ ତନ୍ତ୍ରକୁ କେନ୍ଦ୍ର ଅକ୍ତିଆର କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ ବୋଲି ସେ କହିଥିଲେ। ଏମିତିରେ ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ବିଜେପିର ରହିଛି, ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡ଼ିବା ପାଇଁ ବାଟ ପରିଷ୍କାର କରାଯାଉଛି ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ। ସେହିପରି ନେହରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବାକୁ ଚକ୍ରାନ୍ତ କରୁଛି ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ସମ୍ବିଧାନ ଉପରେ ଶାସକ ଦଳର ଏହି ଶକ୍ତ ପ୍ରହାରକୁ ବିରୋଧୀ ଦଳମାନେ କିପରି ମୁକାବିଲା କରିବେ, ସେ ନେଇ ଗଭୀର ଚିନ୍ତନର ଆବଶ୍ୟକତାର ରହିଛି ବୋଲି ସେ କହିଥିଲେ।

# ଲଲାଟେନ୍ଦୁ ସାହୁ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ

ଭୁବନେଶ୍ୱର,୨୧।୮ (ସମିସ): ଓଟିଡିସିର ଜେନେରାଲ୍ ମ୍ୟାନେଜର ବରିଷ୍ଠ ଓଏଏସ୍ ଅଧିକାରୀ ଲଲାଟେନ୍ଦୁ ସାହୁ ଓଡ଼ିଶା ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ସରକାରୀ ବିଜ୍ଞପ୍ତି ଜାରି କରାଯାଇ ଏହି ସୂଚନା ଦିଆଯାଇଛି।

■ ୨ବର୍ଷ ଧରି ସହକାରୀ ପ୍ରାଧ୍ୟାପକ ଅନୁପସ୍ଥିତ ରହିବା ପ୍ରସଙ୍ଗ

# ଏସ୍‌ସିବି କର୍ତ୍ତୃପକ୍ଷ ଓ ଡିଏମ୍‌ଇଟିଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

କଟକ, ୨୧।୮ (ସମିସ): ଏସସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ଜଣେ ବିଶେଷଜ୍ଞ ଡାକ୍ତର ତଥା ସହକାରୀ ପ୍ରାଧ୍ୟାପକ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅନୁପସ୍ଥିତ ରହିଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବେତନ ବନ୍ଦ ହୋଇଛି କି ନାହିଁ, ଯଦି ବନ୍ଦ ହୋଇଛି କେବେଠାରୁ ବନ୍ଦ କରାଯାଇଛି ଏବଂ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; ସେ ସମ୍ପର୍କରେ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଓ ଡିଏମଇଟିଙ୍କ ତରଫରୁ ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଙ୍ଗରେ ରିପୋର୍ଟ ଦାଖଲ କରାଯିବ ବୋଲି କହିଛନ୍ତି ଅଦାଲତ।

ଏସ୍‌ସିବି ମେଡିକାଲର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସହକାରୀ ପ୍ରାଧ୍ୟାପକ ସୌମ୍ୟରଂଜନ ଦାସ ଗତ ୨୦୨୩ ଅଗଷ୍ଟ ୧୧ରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ତାଙ୍କୁ ବାରମ୍ବାର ନୋଟିସ୍ କରାଯିବା ସତ୍ତ୍ୱେ ସେ କିଛି ଉତ୍ତର ରଖିନଥିବା ନେଇ ଆଜି ଏସ୍‌ସିବି ମେଡିକାଲ ଅଧୀକ୍ଷକ ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଅଦାଲତଙ୍କୁ ଅବଗତ କରାଇଥିଲେ। ଅନ୍ୟପଟରେ, ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ, ଡିଏମ୍‌ଇଟି ଉତ୍ତର ରଖିନପାରିବାରୁ ଅଦାଲତ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ଉଭୟ ଅଧିକାରୀଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୪କୁ ଧାର୍ଯ୍ୟ କରାଯାଇଛି।

# ୫ବର୍ଷ ଧରି ୨୭ ଜିଲ୍ଲାରେ ନାହାନ୍ତି ମତ୍ସ୍ୟ ଅଧିକାରୀ

ଭୁବନେଶ୍ୱର, ୨୧।୮ (ସମିସ): ଓଡ଼ିଶାର ୩୦ ଜିଲ୍ଲାରୁ ୨୭ ଜିଲ୍ଲାରେ ନାହାନ୍ତି ଡିଏଫ୍‌ଓ ବା ଜିଲ୍ଲା ମତ୍ସ୍ୟ ଅଧିକାରୀ। ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟ ସମସ୍ତ ଜିଲ୍ଲା ଗୁଡ଼ିକରେ ୫ବର୍ଷ ଧରି ଇନ୍‌ଚାର୍ଜ ଡିଏଫ୍‌ଓଙ୍କ ଦ୍ୱାରା ପରିଚାଳିତ ହେଉଛି। କାମଚଳା ଅବସ୍ଥାରେ ଦୀର୍ଘଦିନ ହେବ କାମ ଚାଲିଛି। ଜିଲ୍ଲାସ୍ତରରେ ମତ୍ସ୍ୟ ବିଭାଗ କୋମା ସ୍ଥିତିକୁ ଚାଲିଯାଇଥିଲେ ମଧ୍ୟ ସରକାରଙ୍କ ଆଦୌ ନଜର ପଡୁନାହିଁ।

ରାଜ୍ୟରେ ପ୍ରାୟ ୧୫ଲକ୍ଷ ଲୋକଙ୍କ ଜୀବିକା ମତ୍ସ୍ୟସମ୍ପଦ ଉପରେ ନିର୍ଭରଶୀଳ। ଓଡ଼ିଶାର ପ୍ରାୟ ୯୫ ପ୍ରତିଶତ ଲୋକ ମାଛ ଖାଉଥିବା ବେଳେ ଜଣେ ଲୋକ ବର୍ଷକୁ ହାରାହାରି ୧୮.୩୩ କିଲୋଗ୍ରାମ୍ ମାଛ ଖାଇଥାନ୍ତି। ଏଣୁ ମତ୍ସ୍ୟ ଚାଷକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟସ୍ତରରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଉଛି। ହେଲେ ଜିଲ୍ଲା ସ୍ତରରେ ଜିଲ୍ଲା ଅଧିକାରୀଙ୍କ ବିନା ଏହି ଯୋଜନା ଗୁଡ଼ିକର କିଭଳି ସଫଳ ରୂପାୟନ ହେବ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ ଏହି ଜିଲ୍ଲା ଗୁଡ଼ିକରେ ଦୀର୍ଘ ୫ବର୍ଷ ଧରି ବିନା ଡିଏଫ୍‌ଓ ବା ଜିଲ୍ଲା ମତ୍ସ୍ୟ ଅଧିକାରୀରେ ପରିଚାଳିତ ହେଉଛି। ନାହିଁ ନାହିଁର ସ୍ଥିତିରେ ଚାଲିଛି ସମସ୍ତ ଜିଲ୍ଲାର ମତ୍ସ୍ୟ ବିଭାଗ। ରାଜ୍ୟ ସରକାରଙ୍କ ଭିଜନ୍ ଓଡ଼ିଶା ୨୦୩୬ରେ ମତ୍ସ୍ୟ ଉତ୍ପାଦନ ୩.୩ ମିଲିୟନ ମେଟ୍ରିକ୍ ଟନ୍‌ରେ ପହଞ୍ଚାଇବା ଏବଂ ମତ୍ସ୍ୟ ସମ୍ପଦର ୧୦ଗୁଣ ବିକାଶ କରିବାର ବାର୍ତ୍ତା ଯେ କେତେଦୂର ସଫଳ ହେବ ତାହା ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ସମୀକ୍ଷା

# ଜଳବିଭାଜିକା ଯୋଜନାରେ ସର୍ବାଧିକ ଖର୍ଚ୍ଚ କରିଛି ଓଡ଼ିଶା

ଭୁବନେଶ୍ୱର, ୨୧।୮ (ସମିସ): ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣ୍ଠି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜମ୍ମୁ-କାଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣ୍ଠିର ୮୩ ପ୍ରତିଶତ ବ୍ୟବହାର କରି ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଅଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବାବେଳେ ମୋଟ ପ୍ରକଳ୍ପ ବ୍ୟୟ ୭୫୯.୨୭ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା ସମୟରେ କେନ୍ଦ୍ର ମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଡବ୍ଲୁଡିସି- ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ଆବଣ୍ଟିତ ପାଣ୍ଠିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଲୋକପାତ କରିଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ ଏବଂ ଏହା ଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, କୃଷି ବିଭାଗ ପ୍ରମୁଖ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଉପସ୍ଥିତ ଥିଲେ।

■ କୃଷି ସଚିବଙ୍କ କଡ଼ା ନିର୍ଦ୍ଦେଶନାମା

# ବଦଳି ସ୍ଥାନକୁ ନ ଗଲେ ଦରମା ବନ୍ଦ

ଭୁବନେଶ୍ୱର, ୨୧।୮ (ସମିସ): ପଦୋନ୍ନତିପ୍ରାପ୍ତ/ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନକରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ। କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଆସନ୍ତା ୩୧ତାରିଖ ସୁଦ୍ଧା ତାଙ୍କ ନିଯୁକ୍ତ ସ୍ଥାନରେ ଯୋଗ ଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ। ଏପରିକି, ଅଧିକାରୀମାନଙ୍କ ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏ ସଂପର୍କିତ ଏକ ଆଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗ ଦେଉନଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପାର୍ବଣ ପୂର୍ବରୁ ପରିବହନ ବିଭାଗ ତତ୍ପର

# ପୂଜା ମଣ୍ଡପରେ ରହିବ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

କଟକ,୨୧।୮ (ସମିସ): କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଥିବା ବେଳେ ଆସନ୍ତା ପାର୍ବଣକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ପାର୍ବଣରେ ପୂଜା ମଣ୍ଡପ ଗୁଡିକ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିବେ। ଏଥିପାଇଁ ସମସ୍ତ ମଣ୍ଡପଗୁଡ଼ିକରେ କିଭଳି ସଚେତନତା ବାର୍ତ୍ତା ପ୍ରସାର କରାଯିବ, ସେନେଇ ରାଜ୍ୟ ପରିବହନ ପ୍ରାଧିକରଣ ଆୟୁକ୍ତ ଅମିତାଭ ଠାକୁର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ମାନଙ୍କୁ ପତ୍ର ଲେଖିଛନ୍ତି। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ କିଭଳି ସମସ୍ତେ ସଚେତନ ହେବେ, ଏଥିପାଇଁ ସମସ୍ତ ପୂଜା କମିଟିଙ୍କୁ ଅନୁରୋଧ କରାଯିବ। କେବଳ ସେତିକି ନୁହେଁ, ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ନିବେଦନ କରାଯିବ। ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ପୂଜା କମିଟିମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ କୁହାଯାଇଛି। ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ

## ଜିଲ୍ଲାପାଳ ଓ ଏସପି ମାନଙ୍କୁ ଚିଠି ଲେଖିଲେ ପରିବହନ ଆୟୁକ୍ତ

ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚା ଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିମାନଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯିବ। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସଂପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ। ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯିବା ଦିଗରେ ପଦକ୍ଷେପ ନିଆଯିବ। ସାଧାରଣତଃ ସାହି ମୁରବିଙ୍କ କଥାକୁ ଯୁବପିଢ଼ିମାନେ ପାଳନ କରିଥା'ନ୍ତି। ପୂଜା ସରିଲା ପରେ ମଧ୍ୟ ନିଜ ଅଞ୍ଚଳକୁ ସଡ଼କ ଦୁର୍ଘଟଣାମୁକ୍ତ କରିବା ଦିଗରେ ସେମାନେ ଉଦ୍ୟମ କରିପାରିବେ। କେବଳ ଦୁର୍ଗାପୂଜା ନୁହେଁ, ସମସ୍ତ ପ୍ରମୁଖ ପର୍ବପର୍ବାଣିରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାରକୁ ଗୁରୁତ୍ୱ ଦେବାକୁ ପରିବହନ ଆୟୁକ୍ତ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଓ ଏସପି ମାନେ ଏ ଦିଗରେ ପୂଜା କମିଟିମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୧୯ତମ ସଂସ୍କରଣ ଆରମ୍ଭ


ଭୁବନେଶ୍ୱର, ୨୧।୮ (ସମିସ): ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) ର ୧୯ତମ ସଂସ୍କରଣକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶୁଭାରମ୍ଭ କରିଛନ୍ତି। କିମ୍ବଦନ୍ତୀ ପୁରୁଷ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା

- ରାଜ୍ୟରୁ ବଛାଯିବ ଯୁବ ଜ୍ୟୋତିର୍ବିଜ୍ଞାନୀ
- ୩୦ ମନୋନୀତ ଛାତ୍ରଛାତ୍ରୀ ଯିବେ ଇସ୍ରୋ

ଅତୁଳନୀୟ ଅବଦାନର ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଆୟୋଜିତ ଏହି ସଂସ୍କରଣର ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ'।

ଏହି ଅଭିଯାନରେ ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଓ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଡିସେମ୍ବର ୧୩ ତାରିଖରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ବିଶେଷଜ୍ଞମାନଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ସେମାନେ ଇସ୍ରୋ ଯିବାର ସୁଯୋଗ ପାଇବେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ସଂସ୍କରଣର ପୁସ୍ତିକା ଉନ୍ମୋଚନ କରି କହିଛନ୍ତି ଯେ ସବୁବର୍ଗର ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହେବାର ସମାନ ସୁଯୋଗ ରହିଛି। ଏହା ଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସହ ଭବିଷ୍ୟତରେ ଦେଶର ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ। ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ୨୩୦ ଜଣ ମନୋନୀତ ବିଜେତା ବିଭିନ୍ନ ଇସ୍ରୋ କେନ୍ଦ୍ର ପରିଦର୍ଶନ କରି ମହାକାଶ ଗବେଷଣାରେ ଭାରତର ଅଗ୍ରଗତି ଦେଖିବାର ଅନନ୍ୟ ସୁଯୋଗ ପାଇଛନ୍ତି।



କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତ ପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୪ • ପାଉଣ୍ଡ ୧୧୭.୮୭
- ୟୁରୋ ୧୦୧.୩୩ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୧୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୦୦୦.୦୦
- ନିଫ୍ଟି ୨୫,୦୮୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ନିଜ ଜାଲରେ ଫସିଲେ ଟ୍ରମ୍ପ!

## ଆମେରିକାରେ ୪୪୬ଟି କମ୍ପାନୀ ଦେବାଳିଆ

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି)




**ଜୁଲାଇରେ ଭୁଷୁଡ଼ିଛି ୭୧ଟି ବଡ଼ କମ୍ପାନୀ**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶକୁ ଋଣ ଜାଲରୁ ବାହାର କରିବା ପାଇଁ ବିଭିନ୍ନ ରଣନୀତି ଅବଲମ୍ବନ କରୁଛନ୍ତି। ଏଥିପାଇଁ ସେ ବିଶ୍ୱର ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇଛନ୍ତି। କିନ୍ତୁ ଏହାର ବିପରୀତ ପ୍ରଭାବ ତାଙ୍କ ଦେଶ ପଡୁଥିବା ପରି ମନେ ହେଉଛି। ଟାରିଫ୍ ପଦକ୍ଷେପର ପ୍ରାଭ ସ୍ୱରୂପ ଚଳିତବର୍ଷ ଏ ପର୍ଯ୍ୟନ୍ତ ଆମେରିକାରେ ୪୪୬ଟି ବଡ କମ୍ପାନୀ ଦେବାଳିଆ ହୋଇଗଲାଣି। ଏହା ୨୦୨୦ରେ ହୋଇଥିବା କରୋନା ସମୟର ଦେବାଳିଆ କମ୍ପାନୀ ସଂଖ୍ୟା ଅପେକ୍ଷା ୧୨ ପ୍ରତିଶତ ଅଧିକ। କେବଳ ଜୁଲାଇ ମାସରେ ୭୧ଟି ବଡ କମ୍ପାନୀ ଦେବାଳିଆ ହୋଇଗଲା, ଯାହା ଜୁଲାଇ ୨୦୨୦ ପରେ ଗୋଟିଏ ମାସରେ ଦେବାଳିଆ ହୋଇଥିବା କମ୍ପାନୀ ସଂଖ୍ୟା ଦୃଷ୍ଟିରୁ ସର୍ବାଧିକ।

ଟ୍ରମ୍ପ୍ ଏପ୍ରିଲରେ ବିଦେଶୀ ସାମଗ୍ରୀ ଉପରେ ୧୦% ଶୁଳ୍କ ଲଗାଇଥିଲେ। ସଂଯୋଗବଶତଃ, ଏହି ମାସଠାରୁ ଆମେରିକାରେ ଦେବାଳିଆ ହୋଇଥିବା କମ୍ପାନୀଙ୍କ ସଂଖ୍ୟା ବୃଦ୍ଧି ପାଇଲା। ୨୦୨୫ ବର୍ଷର ପ୍ରଥମାର୍ଦ୍ଧରେ ୩୭୧ଟି ବଡ ଆମେରିକୀୟ କମ୍ପାନୀ ଦେବାଳିଆ ହୋଇଛନ୍ତି। ଜୁନ୍‌ରେ ୬୩ଟି କମ୍ପାନୀ ଦେବାଳିଆ ପ୍ରକ୍ରିୟା ପାଇଁ ଆବେଦନ କରିଥିଲେ। ସବୁଠୁ କୌତୂହଳର ବିଷୟ ହେଉଛି, ଚଳିତବର୍ଷ ଦେବାଳିଆ ହୋଇଥିବା କମ୍ପାନୀମାନଙ୍କ ମଧ୍ୟରେ ୧୯୯୦ ଏବଂ ୨୦୦୦ ଦଶକର ଅନେକ ଲୋକପ୍ରିୟ ବ୍ରାଣ୍ଡ ରହିଛି। ଏଥିରେ ଫରଏଭର ୨୧, ଜୋଆନ୍ସ, ରାଇଟ୍ ଏଡ୍, ପାର୍ଟି ସିଟି ଏବଂ କ୍ଲେୟାର ଅନ୍ତର୍ଭୁକ୍ତ। ଆମେରିକାରେ ସ୍ମଲକ୍ୟାପ୍ କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ୨୦୨୪ ଶେଷ ଭାଗରେ କ୍ଷତିରେ ଚାଲୁଥିବା ରସେଲ୍ ୨୦୦୦ କମ୍ପାନୀ ସଂଖ୍ୟା ୪୩ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୨୦୨୦ ପରଠାରୁ ସର୍ବାଧିକ। ୨୦୦୮ ସଙ୍କଟ ସମୟରେ ଏହି ସଂଖ୍ୟା ୪୧ ପ୍ରତିଶତ ଥିଲା। ଏହାପରେ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ଆରମ୍ଭ ହୋଇଥିଲା। ଅନେକ ପରିବର୍ତ୍ତନ ସତ୍ତ୍ୱେ, ଆମେରିକାରେ ଶୁଳ୍କ ଏବେ ବି ବହୁତ ଅଧିକ। ଆମେରିକାର ପ୍ରଭାବୀ ଶୁଳ୍କ ୧୭.୩ ପ୍ରତିଶତ, ଯାହା ୧୯୩୫ ପରଠାରୁ ସର୍ବାଧିକ। ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ୩୨ଟି କମ୍ପାନୀ, ଉପଭୋକ୍ତା ମୁଖ୍ୟ ସାମଗ୍ରୀରୁ ୨୨ଟି, ଆଇଟିରୁ ୨୧ଟି, ଆର୍ଥିକ କ୍ଷେତ୍ରରୁ ୧୩ଟି, ରିଅଲ୍ ଇଷ୍ଟେଟ୍ ଓ ଯୋଗାଯୋଗ ସେବା କ୍ଷେତ୍ରରୁ ୧୧ଟି, ସାମଗ୍ରୀରୁ ୭ଟି, ଉପଯୋଗୀତା ଏବଂ ଶକ୍ତି କ୍ଷେତ୍ରରୁ ୪ଟି କମ୍ପାନୀ ଚଳିତବର୍ଷ ଆମେରିକାରେ ଦେବାଳିଆ ହୋଇଛନ୍ତି। ଏହି କ୍ଷେତ୍ରର କମ୍ପାନୀଗୁଡ଼ିକ ଶୁଳ୍କର ସର୍ବାଧିକ ପ୍ରଭାବର ସମ୍ମୁଖୀନ ହେଉଛନ୍ତି।

ଟ୍ରମ୍ପ୍ ଲାଗୁ କରିଥିବାଶୁଳ୍କ ଯୋଗୁଁ ଦେଶରେ ମୁଦ୍ରାସ୍ଫୀତି ଏବଂ ବେରୋଜଗାରୀ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ରହିଛି। ଜୁଲାଇରେ ୧୧ପ୍ରତିଶତ ଛୋଟ କମ୍ପାନୀ କହିଛନ୍ତି ଯେ ସେମାନଙ୍କର ବିକ୍ରି ବହୁତ ହ୍ରାସ ଘଟିଛି। ଏହା ଆମେରିକାରେ ବେରୋଜଗାରୀର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ। ଆମେରିକାରେ ଛୋଟ କମ୍ପାନୀଗୁଡ଼ିକ ୬୨.୩ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି, ଯାହା ଜନସଂଖ୍ୟାର ୪୫.୯ ପ୍ରତିଶତ। ଗତ ଗତ ତିନି ମାସରେ ଆମେରିକାରେ ୨୦ରୁ ୨୪ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ବେରୋଜଗାରୀ ହାରାହାରି ୮.୧ ପ୍ରତିଶତ ରହିଛି, ଯାହା ଚାରି ବର୍ଷ ମଧ୍ୟରେ ସର୍ବାଧିକ। ଏହା ୨୦୦୮ର ସ୍ତରରେ ରହିଛି। ଖର୍ଚ୍ଚ କମାଇବା ପାଇଁ କମ୍ପାନୀଗୁଡ଼ିକ ଏଆଇର ଆଶ୍ରୟ ନେଉଛନ୍ତି ଏବଂ ଏଣ୍ଟ୍ରି ଲେଭଲରେ ନିଯୁକ୍ତି କାଟ୍ କରୁଛନ୍ତି। ଏହାସହିତ ଆମେରିକାରେ ପୁଣି ଥରେ ମୁଦ୍ରାସ୍ଫୀତି ସମସ୍ୟା ମୁଣ୍ଡ ଟେକିବା ଆରମ୍ଭ କରିଛି। ପିପିଆଇ ମୁଦ୍ରାସ୍ଫୀତି ୦.୯ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୨ ପରଠାରୁ ସର୍ବାଧିକ। ପ୍ରମୁଖ ସିପିଆଇ ମୁଦ୍ରାସ୍ଫୀତି ମଧ୍ୟ ୩ ପ୍ରତିଶତ ଉପରେ ପହଞ୍ଚିଛି। ଏଥିଯୋଗୁ ଫେଡେରାଲ ରିଜର୍ଭ ପାଇଁ ସୁଧ ହାର ହ୍ରାସ କରିବା କଷ୍ଟକର ହୋଇପଡ଼ିଛି।

# ଅନ୍‌ଲାଇନ୍ ଗେମିଂ ବିଲ୍ ରାଜ୍ୟ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ଗୁରୁବାର ସଂସଦରେ ଅନଲାଇନ୍ ଗେମିଂ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ବିଲ୍, ୨୦୨୫ ଗୃହୀତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭା ଏହାକୁ ବିନା ବିତର୍କରେ ମଞ୍ଜୁରୀ ଦେଇଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଆଗତ ଏହି ବିଲ୍‌ର ଲକ୍ଷ୍ୟ ହେଉଛି ଇ-ସ୍ପୋର୍ଟସ୍ ଏବଂ ଅନ୍‌ଲାଇନ୍ ସୋସିଆଲ ଗେମିଂ ବ୍ୟତୀତ ସମସ୍ତ ପ୍ରକାରର ଅନ୍‌ଲାଇନ୍ ଟଙ୍କା ଖେଳ ଉପରେ ପ୍ରତିବନ୍ଧକ ଲଗାଇବା। ବିରୋଧୀ ସଦସ୍ୟଙ୍କ ଦ୍ୱାରା ଉପର ଗୃହଏହାକୁ ଅନୁମୋଦନ କରିଛି।

ବୁଧବାର ଲୋକସଭା ଏବଂ ଗୁରୁବାର ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହୋଇଛି। ଏଥିରେ ଅନଲାଇନ୍ ଟଙ୍କା ଖେଳ ସହିତ ଜଡିତ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଏପରି କୌଣସି ଖେଳ ପାଇଁ ପାଣ୍ଠି ସୁବିଧା କିମ୍ବା ସ୍ଥାନାନ୍ତର କରିବାରୁ ନିଷେଧ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ଅନଲାଇନ୍




ଟଙ୍କା ଖେଳରେ ଅର୍ଥ ଜମା କରି ଆର୍ଥିକ ଏବଂ ଅନ୍ୟାନ୍ୟ ପୁରସ୍କାର ଜିତିବା ଆଶା କରାଯାଉଛି। ଏକ ସରକାରୀ ସୂତ୍ର ଅନୁଯାୟୀ, ସଂସଦରେ ପାରିତ ହୋଇଥିବା ବିଲ୍‌ରେ ଟଙ୍କା ବ୍ୟବହାର କରି ଖେଳାଯାଉଥିବା ଅନଲାଇନ୍ ଖେଳ ଉପରେ ସମ୍ପୂର୍ଣ୍ଣ ନିଷେଧ କରିବାକୁ କୁହାଯାଇଛି। ଏହି ଖେଳ ଯୋଗୁଁ ପିଲା ଏବଂ ଯୁବକମାନେ ଏଥିରେ ନିଶାଗ୍ରସ୍ତ ହୋଇଯାଆନ୍ତି। ଏହା ବ୍ୟତୀତ, ସେମାନେ ଆର୍ଥିକ କ୍ଷତି ମଧ୍ୟ ଭୋଗନ୍ତି ଏବଂ ଏହି କାରଣରୁ ଆତ୍ମହତ୍ୟା ମଧ୍ୟ ଘଟେ। ସରକାରଙ୍କ ଆକଳନ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ୍ ରିଅଲ୍ ମନି ଗେମିଂରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି।

# ତନେଇରା କଟକ ଷ୍ଟୋରର ପ୍ରଥମ ବାର୍ଷିକୀ ଅଫର

**୨୦,୦୦୦ ଟଙ୍କା କ୍ରୟରେ ସୁନା ମୁଦ୍ରା**




ଭୁବନେଶ୍ୱର,୨୧।୮ (ସମିସ): ଟାଟା ପ୍ରଡକ୍ଟ ତନେଇରା ଏହାର କଟକ ଷ୍ଟୋର ପ୍ରଥମ ବାର୍ଷିକୀ ପାଳନ କରୁଛି। ଭାରତର ସର୍ବୋତ୍ତମ ହାତବୁଣା ଶାଢ଼ି ଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବାର ବର୍ଷ ପୂର୍ତ୍ତି ପାଳନ ଅବସରରେ ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି ବ୍ରାଣ୍ଡ। ସିଡିଏ ସେକ୍ଟର-୬ରେ ଅବସ୍ଥିତ ଏହି ଷ୍ଟୋର୍ ଦେଶବ୍ୟାପୀ ପ୍ରକୃତ କାରିଗରୀ ଏବଂ କାଳଜୟୀ ବୁଣାକାରକୁ ପ୍ରଶଂସିତ କରୁଥିବା ଗ୍ରାହକଙ୍କ ପାଇଁ ଅତି କମ୍ ସମୟରେ ଏକ ବିଶ୍ୱସ୍ତ ସ୍ଥଳ ପାଲଟିଛି। ଏହି ସ୍ୱତନ୍ତ୍ର ଅବସରକୁ ସ୍ମୃତିମୟ କରିବା ଲକ୍ଷ୍ୟରେ ତନେଇରା ଏକ ଅନନ୍ୟ ଆନିଭର୍ସରୀ ଅଫର୍ ଆଣିଛି। ଏହା ଅନ୍ତର୍ଗତ ୨୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ କ୍ରୟ ଉପରେ ଏକ କମ୍ପ୍ଲିମେଣ୍ଟାରି ଗୋଲ୍ଡ କଏନ୍ ପ୍ରଦାନ କରାଯାଉଛି। ଏହି ସୀମିତ ସମୟ ଅଫର ଅଗଷ୍ଟ ୨୧ରୁ ୨୫ ଯାଏ ଉପଲବ୍ଧ । ଏହା କୃତଜ୍ଞତା ଏବଂ ଉତ୍ସବର ଏକ ନିଦର୍ଶନ । ଠିକ୍ ପାର୍ବଣ ଋତୁ ଆରମ୍ଭ ହେବା ବେଳକୁ ଗ୍ରାହକଙ୍କୁ ତନେଇରା ସହ ଖୁସି ବାଣ୍ଟିବାକୁ ଆମନ୍ତ୍ରଣ କରାଯାଉଛି। ଭାରତର ପୁରୁଣା ବୟନ ପରମ୍ପରା ସହ ଜଡ଼ିତ ତନେଇରା ଦେଶର ବୁଣାକାରମାନଙ୍କ ଅତୁଳନୀୟ କାରିଗରୀକୁ ସମ୍ମାନ ଜଣାଉଛି। କଟକ ଷ୍ଟୋରରେ ଏହି ବିରାସତ ଏବେ ପ୍ରତି ଅବସରକୁ ଖାପ ଖାଇଲା ଭଳି ବ୍ୟାପକ ପ୍ରକାର ଡିଜାଇନ୍‌ଗୁଡ଼ିକ ସହ ଲାଇଭ୍ ହୋଇଛି। ଗ୍ରାହକ ଷ୍ଟୋରରେ ଦେଶର କୋଣ ଅନୁକୋଣର ହସ୍ତତନ୍ତ ଶାଢ଼ି ମଧ୍ୟରୁ ନିଜ ମନ ପସନ୍ଦର ଶାଢ଼ି ବାଛିପାରିବେ । ଏଗୁଡ଼ିକ ହେଲା ଇକତ୍, ସମ୍ବଲପୁରୀ ଏବଂ ଜାମଦାନି, ବନାରସି, ଟସର, କାଞ୍ଜିବରମ, ସାଉଥ ସିଲ୍, କୋଟା ଦୋରିଆ, ଭେଗାନ୍ ସିକ, ମାହେଶ୍ୱରୀ ଏବଂ ଚନ୍ଦରି ଇତ୍ୟାଦି। ଶାଢ଼ି ସହିତ ଷ୍ଟୋରରେ ରହିଛି ରେଡି-ଟୁ-ୱେର୍ ପୋଷାକ, ବ୍ଲାଉଜ୍ , କୁର୍ଲା, ଅନ୍‌ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ ଆଦିର ବ୍ୟାପକ ସମ୍ଭାର ।

# ଏଚ୍‌ଏସ୍‌ବିସି ରିପୋର୍ଟ: ଜିଏସ୍‌ଟି କମିଲେ ଛୋଟ କାର ମୂଲ୍ୟ ହ୍ରାସ ପାଇବ

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି)




**ଜିଏସ୍‌ଟି ହାର ୨୮%ରୁ ୧୮%କୁ ଖସିବ**

ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ କେନ୍ଦ୍ର ସରକାର ଯେଉଁ ପ୍ରସ୍ତୁତି ଚଳାଇଛନ୍ତି, ସେଥିରେ ଆଗକୁ ଛୋଟ କାରଗୁଡ଼ିକର ମୂଲ୍ୟ ହ୍ରାସ ପାଇବ। ଏ ନେଇ ହଂକଂ ଆଣ୍ଡ ସଂଘାଇ ବ୍ୟାଙ୍କିଙ୍ଗ କର୍ପୋରେସନ (ଏଚ୍‌ସିବିସି) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଯଦି ସରକାର ବର୍ତ୍ତମାନର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହାରକୁ ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଭାରତରେ ଛୋଟ କାରର ମୂଲ୍ୟ ପ୍ରାୟ ୮ ପ୍ରତିଶତ କମିଯିବ।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନର ସ୍ଲାବ୍‌ରେ ଯାତ୍ରୀବାହୀ ଯାନ (ପିଭି) ଉପରେ ୨୯ ରୁ ୫୦ ପ୍ରତିଶତ ମଧ୍ୟରେ ଜିଏସ୍‌ଟି ଲାଗୁଛି। କାରଣ ଯାନର ଆକାର ଏବଂ ଲମ୍ବକୁ ଦେଖି ଷ୍ଟାଣ୍ଡାର୍ଡ ୨୮ ପ୍ରତିଶତ ଜିଏସଟି ହାର ଉପରେ ଏକ ସେସ୍ ଲାଗୁ କରାଯାଉଛି। ହେଲେ ନୂଆ ବ୍ୟବସ୍ଥାରେ ସରକାର ଛୋଟ କାର ଉପରେ ଟିକସ ୨୮ ରୁ ୧୮ ପ୍ରତିଶତକୁ ହ୍ରାସ କରିବାକୁ ବିଚାର କରିପାରନ୍ତି। ଅନ୍ୟପଟେ ବଡ଼ କାର ପାଇଁ, ସେସ୍ ବାତିଲ ସହିତ ୪୦ ପ୍ରତିଶତର ଏକ ' ସ୍ୱତନ୍ତ୍ର ଟିକସ ହାର» ପ୍ରଚଳନ କରାଯାଇପାରେ। ଯଦି ଏପରି ହୁଏ ତେବେ ଛୋଟ କାରଗୁଡ଼ିକର ମୂଲ୍ୟ ପ୍ରାୟ ୮ ପ୍ରତିଶତ ହ୍ରାସ ପାଇପାରେ, ହେଲେ ବଡ଼ କାରଗୁଡ଼ିକର ମୂଲ୍ୟ ୩-୫ ପ୍ରତିଶତ ମଧ୍ୟରେ ଶସ୍ତା ହେବାର ସମ୍ଭାବନା ରହିଛି। କେବଳ କାର କ୍ଷେତ୍ରରେ ନୁହେଁ, ଦୁଇ ଚକିଆ ଯାନ ମଧ୍ୟ ଶସ୍ତା ହୋଇପାରେ। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସମସ୍ତ ଦୁଇଚକିଆ ଯାନ ନିର୍ମାତା ଜିଏସ୍‌ଟି ହ୍ରାସ ଦ୍ୱାରା ଲାଭବାନ ହେବେ। ଫଳରେ ଘରୋଇ କମ୍ପାନୀମାନେ ତୁଳନାତ୍ମକ ଭାବରେ ଅଧିକ ଲାଭପାଇବେ। ତେବେ ଏଭଳି ସ୍ଥିତିରେ ସରକାରଙ୍କୁ ଜିଏସ୍‌ଟି ସଂଗ୍ରହ ଉପରେ ୪-୫ ବିଲିୟନ ଡଲାରର ପ୍ରଭାବ ପଡ଼ିପାରେ ବୋଲି ଏଚ୍‌ଏସବିସି ତା' ରିପୋର୍ଟରେ କହିଛି।

ରିପୋର୍ଟରେ ସମସ୍ତ ବର୍ଗର କାର ପାଇଁ ଜିଏସ୍‌ଟି ୨୮ ରୁ ୧୮ ପ୍ରତିଶତକୁ ହ୍ରାସ କରିବାର ଯଦିଓ ସମ୍ଭାବନା କମ୍, ତେବେ ଏ ନେଇ ଆଲୋଚନା ଜାରି ରହିଛି। ଏପରି ପରିସ୍ଥିତିରେ, ଯାନବାହାନ ଆକାର ଉପରେ ଆଧାରିତ ସେସ୍ ଜାରି ରହିବ। ସମସ୍ତ କାର ଉପରେ ମୂଲ୍ୟରେ ଗ୍ରାହକଙ୍କୁ ପ୍ରାୟ ୬-୮ ପ୍ରତିଶତ ମୂଲ୍ୟ ଲାଭ ମିଳିବ। କାର ମୂଲ୍ୟରେ ସିଧାସଳଖ ୧୦ ପ୍ରତିଶତ ହ୍ରାସର ଅର୍ଥ ହେଉଛି ସରକାର ପ୍ରାୟ ୫-୬ ବିଲିୟନ ଆମେରିକୀୟ ଡଲାରର ରାଜସ୍ୱ କ୍ଷତି ବହନ କରିବେ।

# କେନ୍‌ଷ୍ଟାର୍‌ର 'ଦି ପାୱାର ଅଫ୍ ୫' ଅଭିଯାନ

ଭୁବନେଶ୍ୱର,୨୧।୮ (ସମିସ): ପକ୍ଷରୁ ହରିୟାଣାଠାରେ ଭାରତର ପ୍ରଥମ ଏକ୍ସକ୍ଲୁଜିଭ ସମ୍ଭାର ୫-ଷ୍ଟାର ବିଇଇ ରେଟେଡ଼ ଶକ୍ତି-ସଞ୍ଚୟକାରୀ ଏୟାର କୁଲର ଶୁଭାରମ୍ଭ କରିଛି। କୁଲରର ଏହି ନୂତନ ସମ୍ଭାର ଏକ ଅତୁଳନୀୟ ମାନସିକ ଶାନ୍ତି ପ୍ରଦାନକାରୀତା ସହିତ ଆସିଥିବାବେଳେ, ଏଥିରେ ରହିଛି ୫ ବର୍ଷର ୱାରେଣ୍ଟି। ଏହି ନିଜସ୍ୱ – ଜ୍ଞାନ- କୌଶଳରେ ନିର୍ମିତ ନବୀନତମ ଶକ୍ତିଯୁକ୍ତ କେନଷ୍ଟାରର 'ଦି ପାୱାର ଅଫ ୫' ଅଭିଯାନ ଯଥାର୍ଥରେ ବ୍ରାଣ୍ଡର ସହ୍ୟକାରୀତା ତଥା ଶକ୍ତି ସଂଚୟକାରୀତାର ବଚନବଦ୍ଧତାକୁ ଦୃଢ଼ିଭୂତ କରିବା ସହିତ, ଶୀତଳିକରଣର ଦକ୍ଷତା ନିମନ୍ତେ କୌଣସି ବୁଝାମଣା ନ କରି ଗ୍ରାହକମାନଙ୍କ ନିକଟରେ ବିଶ୍ୱସନୀୟତାକୁ ଦୃଢ଼ କରିପାରିଛି। ଏ ସମ୍ପର୍କରେ ସନ୍ତୋଷ ଭାମରେ, ନାସନାଲ ସେଲସ୍ ହେଡ଼ କେନଷ୍ଟାର କହିଛନ୍ତି, ଆମେ ଅତି ଉତ୍କଣ୍ଠାର ସହିତ ଭାରତର ଏହି ପ୍ରଥମ ୫-ଷ୍ଟାର ରେଟେଡ଼ ଏୟାର କୁଲର ସମ୍ଭାରକୁ ଉପସ୍ଥାପନ କରିବାକୁ ହିଁ ରହିଛୁ। ଏଭଳି ଏକ ସଫଳତା ଆମର ଗ୍ରାହକମାନଙ୍କୁ ପାଇଁ ଏକ ଦୃଢ଼ ଆତ୍ମ ବିଶ୍ୱାସ ଆଣିବା ସହିତ ସେମାନଙ୍କୁ କ୍ରୟ କରିବା ସମୟରେ ନିଷ୍ପତିକୁ ସଠିକ୍ ଭାବରେ ଗ୍ରହଣ କରିବା ଦିଗରେ ସକ୍ଷମ କରିପାରିବ।





# ଭାରତରେ ଖୋଲିବ ଆପଲର ୩ୟ ଷ୍ଟୋର

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ଟେକ୍ କମ୍ପାନୀ ଆପଲ ବେଙ୍ଗାଲୁରୁରେ ଏହାର ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଏହି ଷ୍ଟୋରର ନାମ 'ଆପଲ ହେବ୍ବଲ' ଷ୍ଟୋର। ସେପ୍ଟେମ୍ବର ୨ରେ ଏହାର ଶୁଭାରମ୍ଭ ହେବାକୁ ଯାଉଥିବାବେଳେ ଏହି ଷ୍ଟୋର ଦେଶରେ କମ୍ପାନୀର ତୃତୀୟ ରିଟେଲ ଷ୍ଟୋର ହେବ। ଆପଲ ହେବ୍ବଲ ଷ୍ଟୋରର ଲୁକ୍ ଏବଂ ଡିଜାଇନ ଭାରତୀୟ ସଂସ୍କୃତିକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୂଚନାଥାଉକି, ପୂର୍ବରୁ ୨୦୨୩ ଏପ୍ରିଲ ୧୮ରେ ମୁମ୍ବାଇର ଆପଲ ବିକେସି ଷ୍ଟୋରର ଓପନିଂ ହୋଇଥିଲା। ସେହିଭଳି ଏପ୍ରିଲ ୨୦ରେ ଦିଲ୍ଲୀରେ ଆପଲ ସାକେତ ଷ୍ଟୋରର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏହି ଦୁଇଟିଯାକ ଷ୍ଟୋରକୁ ଆପଲ ସିଇଓ ଟିମ୍ କୁକ ଉଦ୍‌ଘାଟନ କରିଥିଲେ। ଆଉ ଏବେ କମ୍ପାନୀର ତୃତୀୟ ଷ୍ଟୋର ୨୦୨୫ ସେପ୍ଟେମ୍ବର ୨ରେ ବେଙ୍ଗାଲୁରୁର ଫିନିକ୍ସ ମଲ୍ ଅଫ୍ ଏସିଆରେ ଖୋଲିବ। ଷ୍ଟୋରରେ ଗ୍ରାହକଙ୍କୁ ଆପଲର ସବୁ ପ୍ରଡକ୍ଟ ଯେପରିକି ଆଇଫୋନ, ଆଇପ୍ୟାଡ୍, ମ୍ୟାକ୍‌ବୁକ୍, ଆପଲ ୱାଚ୍ ଏବଂ ଏୟାରପଡ୍ସ କିଣିବା ତଥା ଦେଖିବାକୁ ମିଳିବ। ଏହା ସହ ଆପଲର ବିଶେଷଜ୍ଞ ଟିମ୍ ଗ୍ରାହକଙ୍କୁ ପ୍ରଡକ୍ଟ ବିଷୟରେ ପୂରା ସୂଚନା ଦେବେ। ଷ୍ଟୋରରେ ଗ୍ରାହକଙ୍କୁ କେବଳ ପ୍ରଡକ୍ଟ କିଣିପାରିବେ ତାହା ନୁହେଁ। ଆପଲର ପିକଅପ୍ ସର୍ଭିସ ମଧ୍ୟ ଫାଇଦା ନେଇପାରିବେ। ଅର୍ଥାତ ଅନଲାଇନ ଅର୍ଡର କରି ଷ୍ଟୋରରୁ ପ୍ରଡକ୍ଟ କିଣିପାରିବେ ଗ୍ରାହକ।

# ବିଶ୍ୱସ୍ତରୀୟ ହେବ ଓଡ଼ିଶାର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତା

ଭୁବନେଶ୍ୱର,୨୧।୮ (ସମିସ)




**ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ**

ଆଜି ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏହି ତିନୋଟି ବୁଝାମଣାପତ୍ର ଓଡ଼ିଶାର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତା ବିଶ୍ୱସ୍ତରରେ ଏହାର ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ ବୋଲି କହିବା ସହ ଏହି ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, (ଆଇଆଇଟି) ମାଡ୍ରାସ ସହିତ ହୋଇଥିବା ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ଐତିହ୍ୟ ସ୍ମାରକୀଗୁଡ଼ିକର ସାଇଣ୍ଟିଫିକ୍ ଷ୍ଟ୍ରକ୍‌ଚରାଲ୍ ଅଡିଟ୍ ଓ ସଂରକ୍ଷଣ ନିମନ୍ତେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯିବ। ଏହାଦ୍ୱାରା ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାମଗ୍ରୀ ପରୀକ୍ଷଣ, ଭୂ-ବୈଷୟିକ ତଦନ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବା ସହ ଓଡ଼ିଶାର ଅମୂଲ୍ୟ ଐତିହ୍ୟ ସମ୍ପତ୍ତିଗୁଡ଼ିକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବା ଉପରେ ଧ୍ୟାନ ଦେବ। ଦ୍ୱିତୀୟରେ ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ (ଏନଆଇଡବ୍ଲ୍ୟୁଏସ୍), ଗୋଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ପର୍ଯ୍ୟଟନ ବିଭାଗ। ଏହି ବୁଝାମଣାପତ୍ର ଅଧୀନରେ ଏନଆଇଡବ୍ଲ୍ୟୁଏସ୍ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ବୈଷୟିକ ବିଶେଷଜ୍ଞତା ପ୍ରଦାନ ଓ ସୁରକ୍ଷା ଅଡିଟ୍, ଅପରେଟର, ଲାଇଫଗାର୍ଡ ଓ ଦୁଃସାହସିକ ଖେଳାଳୀମାନଙ୍କୁ ପ୍ରଶିକ୍ଷଣ ଦେବ।

ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡିଥିବା ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସେହିପରି ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ (ଏଲବିଡିଏଫଆଇ) ମଧ୍ୟରେ ଚୁକ୍ତିନାମା ଅନୁସାରେ, ଏଲବିଡିଏଫଆଇ ମିଳିତ ଭାବେ ବୌଦ୍ଧ ତୀର୍ଥ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବେ। ଏହି ସହଭାଗିତା ଦ୍ୱାରା ବାର୍ଷିକ ବୌଦ୍ଧ ପ୍ରାର୍ଥନା ସମାରୋହ ଆୟୋଜନ, ପରିଦର୍ଶକଙ୍କ ସୁବିଧାର ବିକାଶ, ପବିତ୍ର ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟୀକରଣ, ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ ଓ ଆଦର୍ଶର ସଂରକ୍ଷଣ ଉପରେ ଧ୍ୟାନ ଦିଆଯିବ। ଏହି ବୁଝାମଣାପତ୍ର ଦ୍ୱାରା ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ଗ୍ଲୋବାଲ ପିଲଗ୍ରୀମେଜ୍ ସର୍କ୍ୟୁଟସ୍ ସହିତ ସଂଯୋଗ କରିବା ଏବଂ ଆଧ୍ୟାତ୍ମିକ, ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ର ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଆଶା ରଖିଥିବା ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ବିଭିନ୍ନ ସଂଗଠନର ୨୦ରୁ ଅଧିକ ଅଂଶଗ୍ରହଣ କରିଥିଲେ।

# କେୟାର ହସ୍ପିଟାଲ୍ସ ଭୁବନେଶ୍ୱରରେ ରୋବୋଟିକ୍ ୩ଡି-ଗାଇଡେଡ୍ ଆଣ୍ଠୁ ପ୍ରତିରୋପଣ

ଭୁବନେଶ୍ୱର, ୨୧।୮ (ସମିସ): କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ଚିକିତ୍ସାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ପ୍ରସିଦ୍ଧ ଅସ୍ଥିଶଲ୍ୟ ସର୍ଜନ ଏବଂ ଲଣ୍ଡନ-ପ୍ରଶିକ୍ଷିତ ବିଶେଷଜ୍ଞ ଡକ୍ଟର ସନ୍ଦୀପ ସିଂହ ସିମେଣ୍ଟ-ବିହୀନ ଇମ୍ପ୍ଲାଣ୍ଟ ବ୍ୟବହାର କରି ପୂର୍ବ ଭାରତର ପ୍ରଥମ ରୋବୋଟିକ୍, ୩ଡି-ଗାଇଡେଡ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରିଛନ୍ତି। ପାରମ୍ପରିକ ଆଣ୍ଠୁ ପ୍ରତିରୋପଣ ପରିବର୍ତ୍ତେ ସିମେଣ୍ଟ-ବିହୀନ ଇମ୍ପ୍ଲାଣ୍ଟ ସିଷ୍ଟମ୍ ଉତ୍ତମ ଦୀର୍ଘାୟୁତା, ଅଧିକ ପ୍ରାକୃତିକ ଗତିବିଧି ଏବଂ ଅନୁକୂଳନଶୀଳତା ପ୍ରଦାନ କରେ, ଯାହା ଯୁବ ଏବଂ ଅଧିକ ସକ୍ରିୟ ରୋଗୀଙ୍କ ପାଇଁ ଲାଭଦାୟକ। ୩ଡି ଇମେଜିଂ ଏବଂ ରୋବୋଟିକ୍ ସଠିକତା ସହିତ, ଏହି ପ୍ରକ୍ରିୟା ଇମ୍ପ୍ଲାଣ୍ଟ ସ୍ଥାପନରେ ଅତୁଳନୀୟ ସଠିକତା, କମ୍ ଜଟିଳତା ଏବଂ ଦ୍ରୁତ ଆରୋଗ୍ୟ ନିଶ୍ଚିତ କରେ। ଗମ୍ଭୀର ଆଣ୍ଠୁ ଗଣ୍ଠିବାତରେ ପୀଡିତ ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକଙ୍କଠାରେ ଏହି ଆଣ୍ଠୁ ପ୍ରତିରୋପଣ କରାଯାଇଛି। ସଫଳତା ବିଷୟରେ ଡାଃ ସନ୍ଦୀପ ସିଂହ କହିଛନ୍ତି, କେୟାର ହସ୍ପିଟାଲରେ ଆମର ଅର୍ଥୋପେଡିକ୍ସ ବିଭାଗ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଆଗରେ ରହିଛି। ରୋବୋଟିକ୍ସ ଏବଂ ୩ଡି-ଗାଇଡେଡ୍ ସର୍ଜରୀ ସହିତ ଆମେ ଅଧିକ ସଠିକ, ଉତ୍ତମ ଫଳାଫଳ ଏବଂ ରୋଗୀଙ୍କ ଜୀବନର ଗୁଣବତ୍ତାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିପାରିବା।





## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଦିନରେ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା।
- ୨୦୧୨- କେନିଆରେ ହୋଇଥିବା ହିଂସାରେ ୫୨ ଜଣଙ୍କ ମୃତ୍ୟୁ।

# ସୁଖୀ ଦାମ୍ପତ୍ୟ ପାଇଁ

## ବରର ତଳିପାଦରେ ମାଡ଼ ମାରନ୍ତି ସମ୍ପର୍କୀୟ



ବିବାହକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ଅନେକ ରୀତନୀତି ରହିଛି। କେଉଁଠି ବରର ଜୋତାକୁ କନିଆର ଭଉଣୀମାନେ ଲୁଚାଇ ରଖି ଟଙ୍କା ମାଗନ୍ତି ତ ଆଉ କେଉଁଠି କନିଆ ପିତା ବରକନିଆଙ୍କୁ ଛେପ ପକାଇ ଆଶୀର୍ବାଦ ଦିଅନ୍ତି। ହେଲେ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବିବାହ ପାଇଁ ବରକୁ ମାଡ଼ ଖାଇବାକୁ ପଡ଼ିଥାଏ। ଦକ୍ଷିଣ କୋରିଆରେ ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ରିସେପସନ୍ ଦିନ ବରକୁ ମାଡ଼ ସହିବାକୁ ହୁଏ। ଏଥିପାଇଁ ସାଙ୍ଗସାଥୀ ତଥା ବନ୍ଧୁ ପରିଜନ ବରର ଦୁଇ ପାଦକୁ ରଶିଦ୍ୱାରା ଏକ କାଠରେ ବାନ୍ଧି ଦିଅନ୍ତି। ବରକୁ ଓଲଟା ଲଟକାଇ ସାଙ୍ଗମାନେ ବାଡ଼ିରେ କିମ୍ବା ଜୋତାରେ ପିଟିବା ଆରମ୍ଭ କରିଦିଅନ୍ତି। ପରମ୍ପରା ଅନୁଯାୟୀ, ବରର ତଳିପାଦରେ ହିଁ ପିଟାଯାଇଥାଏ। ଏହି ପରମ୍ପରାରେ କନିଆଘର ପକ୍ଷରୁ କେହି ସାମିଲ ରୁହନ୍ତିନି। ମାନ୍ୟତା ରହିଛି ଯେ, ଯଦି ବର ଏହି ମାଡ଼ ଖାଇବା ପରମ୍ପରାରେ ପାସ୍ ହୋଇଯାଏ, ତେବେ ତାର ବୈବାହିକ ଜୀବନ ସୁଖମୟ ହୋଇଥାଏ। ତେଣୁ ଏହି ଦୃଷ୍ଟିରୁ ଏହି ପରମ୍ପରାକୁ ଆଜି ବି ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳନ କରିଆସୁଛନ୍ତି।



# ଆସିଲା 'ଥାମା'ର ଟିଜର୍

ମ୍ୟାଡକ୍ ଫିଲ୍ମସ୍ ତା'ର ହରର୍ କମେଡି ଫିଲ୍ମ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। 'ସ୍ତ୍ରୀ', 'ସ୍ତ୍ରୀ ୨', 'ଭେଡିୟା' ପରେ ଏବେ ଏହା 'ଥାମା' ଫିଲ୍ମ ନେଇ ଆସୁଛି। ଏଥିରେ ଲିଡ୍ ରୋଲରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନା ଦେଖାଯିବେ। ଇତିମଧ୍ୟରେ ଏହାର ଟିଜର୍ ଜାରି ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏକ ରକ୍ତାକ୍ତ ପ୍ରେମ କାହାଣୀକୁ ଏଥର ଦେଖିବାକୁ ମିଳିବ ବୋଲି ଟିଜର୍‌ରେ କୁହାଯାଇଛି। ୧.୪୯ ସେକେଣ୍ଡର ଏହି ଟିଜର୍‌ରେ ଆୟୁଷ୍ମାନ ଏବଂ ରଶ୍ମିକା ଭୂତପ୍ରେତ ଜାଲରେ ଫସି ରହିଥିବାର ଦେଖାଯାଇଛନ୍ତି। ଏଥିରେ ମଲାଇକା ଅରୋରାଙ୍କର ଏକ ଡ୍ୟାନ୍ସ ଆଇଟମ୍‌ର ମଧ୍ୟ ଝଲକ ଦେଖିବାକୁ ମିଳିଛି। ସେହିଭଳି ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ଏଥିରେ ବାଦୁଡ଼ି ଭଳି ଲୁକ୍‌ରେ ଦେଖିବାକୁ ମିଳିଛି। ଫୈଜଲ ମଲିକ ଓ ପରେଶ ରାୱଲଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟିଜର୍‌ରୁ ଫିଲ୍ମରେ ରୋମାନ୍ସ ସହ ହରର୍, ଆକ୍ସନ୍ ଓ ଥ୍ରିଲର୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ସ୍ପଷ୍ଟ ହୋଇଛି। ଆଦିତ୍ୟ ସରୋପତଦାର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ତେବେ ଏହା ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ।

# ମଣିଷଙ୍କ ପାଇଁ ୱାଶିଂ ମେସିନ୍

ଆଗକୁ ଗାଧୋଇବା କାମ ପୁରୁଣା ହେବାକୁ ଯାଉଛି। ଏହାର ଅର୍ଥ ହେଉଛି ଲୋକେ ଆଉ ଗାଧୋଇବେ ନାହିଁ, ବରଂ ନିଜକୁ ମେସିନ୍‌ରେ ସଫା କରିବେ। ଜାପାନ ଏମିତି ଏକ ନିଆରା ଓ ଉନ୍ନତମାନର ମେସିନ୍‌କୁ ପରିଚିତ କରାଇବାକୁ ଯାଉଛି। ଏଠାକାର ସାଇନ୍ସ କୋ କମ୍ପାନି ମିରାଇ ନିନ୍‌ଜେନ ସେଣ୍ଟାକୁକି ବା ହ୍ୟୁମାନ ୱାଶିଂ ମେସିନ୍‌କୁ ଲଞ୍ଚ କରିଛି। ୱାଶିଂ ମେସିନ୍ ଯେମିତି ଲୁଗାପଟା ସଫା କରିଥାଏ, ଠିକ୍‌ସେମିତି ହ୍ୟୁମାନ ୱାଶିଂ ମେସିନ୍ ମଣିଷକୁ ସଫା କରିବ। ତେବେ ଏହି ମେସିନ୍ ଏଆଇ ଦ୍ୱାରା ପରିଚାଳିତ ଏକ ସାୱାର କ୍ୟାପସୁଲ। ଏଥିରେ ଜଣେ ବ୍ୟକ୍ତି ମାତ୍ର ୧୫ ମିନିଟ୍‌ରେ ଗାଧୋଇବା ସହ ପୂରା ଶୁଖି ଯାଇ ଫ୍ରେସ୍ ହୋଇ ବାହାରକୁ ବାହାରିବେ। ତେବେ ଗାଧୋଇବା ପାଇଁ ଯେଉଁମାନଙ୍କ ପାଖରେ ଖୁବ୍ କମ୍ ସମୟ ଥାଏ, ଏହା ସେମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି। ସେହିପରି ଏହାକୁ ବ୍ୟବହାର କରୁଥିବା ଲୋକଙ୍କୁ ଏହି କ୍ୟାପସୁଲ ଭିତରେ ଥିବା ଏକ ଆରାମଦାୟକ ସିଟ୍ ଉପରେ ବସିବାକୁ ହେବ। ଏହାପରେ ୧୫ ମିନିଟ୍‌ର ହାଇଟେକ୍ ସଫେଇ ପ୍ରକ୍ରିୟା ଆରମ୍ଭ ହୁଏ। ଅବଶ୍ୟ କ୍ୟାପସୁଲ୍‌ର ଅଧା ଗରମ ପାଣିରେ ଭର୍ତ୍ତି ହୋଇଥାଏ। ଏହାପରେ ବିଶେଷ ପ୍ରକାର ମାଇକ୍ରୋ ଏୟାର ବବଲସ୍ ଯୁକ୍ତ ୱାଟର ଜେଟ୍ ଦ୍ୱାରା ମଇଳା ସଫା




କରିଥାଏ। ଏହା କେବଳ ଶାରୀରିକ ସଫେଇ ପର୍ଯ୍ୟନ୍ତ ସୀମିତ ନୁହେଁ, ଏଥିରେ ଲାଗିଥିବା ସେନସର୍ ବ୍ୟବହାରକାରୀଙ୍କ ହୃଦ୍ ସ୍ପନ୍ଦନର ଗତି, ତାପମାତ୍ରା ଏବଂ ଅନ୍ୟ ଜୈବିକ ସଙ୍କେତ ଉପରେ ଦୃଷ୍ଟି ଦିଏ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହି ତଥ୍ୟକୁ ବିଶ୍ଳେଷଣ କରି ପାଣିର ତାପମାତ୍ରାକୁ ସ୍ଥିର କରେ। କେବଳ ସେତିକି ନୁହେଁ, ବ୍ୟବହାରକାରୀଙ୍କ ଭାବନାତ୍ମକ ସ୍ଥିତି ଆଧାରରେ କ୍ୟାପ୍‌ସୁଲ ଭିତରେ ମନକୁ ଶାନ୍ତି ପ୍ରଦାନ କରୁଥିବା ଭିଡିଓ ଓ ଅଡିଓର ବ୍ୟବସ୍ଥା ହୋଇଛି। ସେହିପରି ଏହି ଉପକରଣ କେବଳ ଶରୀରକୁ ନୁହେଁ, ମନକୁ ମଧ୍ୟ ସତେଜ କରିଥାଏ ବୋଲି ଉକ୍ତ କମ୍ପାନି ଦାବି କରିଛି। ଅନ୍ୟପଟେ ଏହି ମେସିନ୍‌ର ପ୍ରେରଣା ୧୯୭୦ ମସିହା ଜାପାନ ୱାର୍ଲ୍ଡ ଏକ୍ସପୋରୁ ମିଳିଛି। ଅବଶ୍ୟ ଏବେ ସୁଦ୍ଧା ଏହାର ଦାମ୍ ଏବଂ ବ୍ୟାପକ ବ୍ୟବହାର ବାବଦରେ କିଛି ସୂଚନା ମିଳିନାହିଁ। ତେବେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।




# ପୁରୁଷଙ୍କ ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା

**ପୁରୁଷମାନେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତିନି। ସେଥିପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ତନ୍ମଧ୍ୟରୁ ପ୍ରୋଷ୍ଟେଟ କ୍ୟାନ୍‌ସର ସାଧାରଣ କର୍କଟ ଭାବେ ବିବେଚନା କରାଯାଏ। ତେଣୁ ସୁସ୍ଥ ଜୀବନଯାପନ ପାଇଁ ପୁରୁଷ ନିୟମିତ କିଛି ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ୪୦ ବର୍ଷ ପରେ ପୁରୁଷମାନେ ନିୟମିତ ବର୍ଷକୁ ଥରେ ପ୍ରୋଷ୍ଟେଟ୍ ସ୍ପେସିଫିକ୍ ଆଣ୍ଟିଜେନ୍ ଟେଷ୍ଟ (ପିଏସ୍ଏ) ରକ୍ତ ପରୀକ୍ଷା କରାଇବା ଆବଶ୍ୟକ। ଏହି ପରୀକ୍ଷାରୁ ପ୍ରୋଷ୍ଟେଟ କ୍ୟାନ୍‌ସରର ପ୍ରାରମ୍ଭିକ ଅବସ୍ଥା ବିଷୟରେ ଜଣାପଡ଼ିଥାଏ। ଅଧୁନା ଉଚ୍ଚ ରକ୍ତଚାପ ନୀରବ ଘାତକ ସାଜି ହୃଦଜନିତ ସମସ୍ୟା, ଷ୍ଟ୍ରୋକ୍, ବୃକ୍କ ଅଚଳର କାରଣ ସାଜୁଛି। ତେଣୁ ପ୍ରତି ଛଅମାସରେ ଥରେ ନିୟମିତ ରକ୍ତଚାପ ପରୀକ୍ଷା କରିବା ଆବଶ୍ୟକ।

ବୟସ ବଢ଼ିବା ସହ କୋଲେଷ୍ଟ୍ରଲ ଏବଂ ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ଲିପିଡ୍ ପ୍ରୋଫାଇଲ୍ ଓ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ। ଲିପିଡ୍ ପ୍ରୋଫାଇଲ୍‌ରୁ କୋଲେଷ୍ଟ୍ରଲ, ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍‌ସସ୍ତରର ସୂଚନା ମିଳିଥାଏ। ସେହିପରି ରକ୍ତ ଶର୍କରା, ମଧୁମେହ କିମ୍ବା ପ୍ରାକ୍-ମଧୁମେହ ଚିହ୍ନଟ କରିବାରେ ଏଚ୍‌ବିଏ୧ସି ପରୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପରୀକ୍ଷା କରାଇବା ଆବଶ୍ୟକ। ବର୍ଷକୁ ଥରେ ଯକୃତ ଏବଂ ବୃକ୍କ ଫଙ୍କସନ୍ ଟେଷ୍ଟ କରିପାରିବେ। ବିଶେଷ କରି ମଦ୍ୟପାନ କରୁଥିବା ବ୍ୟକ୍ତି, ରକ୍ତଚାପ, ମଧୁମେହପୀଡ଼ିତ କିମ୍ବା ଦୀର୍ଘ ସମୟ ଧରି ଔଷଧ ସେବନ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ପରୀକ୍ଷା କରାଇନେବା ଆବଶ୍ୟକ।

**କୋଲୋନ କ୍ୟାନ୍‌ସର ଯାଞ୍ଚ:** ୫୦ ବର୍ଷ ପରେ କୋଲନ କ୍ୟାନ୍‌ସର ଚିହ୍ନଟ କରିବାର ଆବଶ୍ୟକତା ଥାଏ। ପେଟର ଅଲଟ୍ରାସାଉଣ୍ଡ ବର୍ଷକୁ ଥରେ କରିବା ଦ୍ୱାରା ଯକୃତ, ଗଲ୍‌ବ୍ଲାଡର, ବୃକ୍କ ଏବଂ ପ୍ରୋଷ୍ଟେଟ ସ୍ଥିତି ଜଣାପଡ଼ିଥାଏ।

**ଡେକ୍ସା ସ୍କାନ:** ଅସ୍ଥି ଶକ୍ତ ବା ଏହାର ଘନତ୍ୱ ଜାଣିବାକୁ ବୋନ୍ ଡେନ୍‌ସିଟି ଟେଷ୍ଟ (ଡେକ୍ସା ସ୍କାନ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ୪୦ ବର୍ଷ ପରେ ପୁରୁଷଙ୍କ ଅସ୍ଥି ଦୁର୍ବଳ ହୋଇଥାଏ। ତେଣୁ ଷ୍ଟେରଏଡ ନେଉଥିବା ବ୍ୟକ୍ତି, କମ୍ ଓଜନର ଲୋକ ଏହି ପରୀକ୍ଷା କରିବା ଆବଶ୍ୟକ। ଅନ୍ୟପଟେ କିଛି ଜଣଙ୍କଠାରେ ବୟସ ବଢ଼ିବା ସହ ଟେଷ୍ଟୋଷ୍ଟେରୋନସ୍ତର ହ୍ରାସ ପାଇଥାଏ। ତେଣୁ ଟେଷ୍ଟୋଷ୍ଟେରୋନ ପରୀକ୍ଷା କରିପାରିବେ।

# ରୋଗକୁ ଡାକୁଛି ଆଧୁନିକ ଜୀବନଶୈଳୀ



**ଅନିୟନ୍ତ୍ରିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ, କାର୍ଯ୍ୟଚାପ, ନିଶା ସେବନ ଆଦି କାରଣରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ଏହାକୁ ସାଧାରଣତଃ ଜୀବନଶୈଳୀଜନିତ ବିକାର ବୋଲି କୁହାଯାଇଥାଏ। ବର୍ତ୍ତମାନ ସମୟରେ ଏହା ଶରୀର ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ତେଣୁ ଜୀବନଶୈଳୀ ଜନିତ ବିକାରର ପ୍ରମୁଖ କାରଣ, ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**

ଜୀବନଶୈଳୀଜନିତ ବିକାର ହୃଦ୍‌ରୋଗ, କର୍କଟ, ମଧୁମେହ, ଉଚ୍ଚ ରକ୍ତଚାପ, ମାନସିକ ଅବସାଦ, ମୋଟାପା, ନିଦ ସମସ୍ୟା, ହରମୋନ ଅସନ୍ତୁଳନ ପରି ଗମ୍ଭୀର ରୋଗ ଆଶଙ୍କାକୁ ଅଧିକ ବଢ଼ାଇଥାଏ। ଏହି ରୋଗଗୁଡିକ ଅଧିକ ସମୟ ଧରି ଓ ଧୀରେ ଧୀରେ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି। ଶରୀରରେ ଏହି ରୋଗ ସୃଷ୍ଟିହେଲେ ସାଧାରଣତଃ ଅତ୍ୟଧିକ ଥକ୍କାପଣ, ମୁଣ୍ଡବ୍ୟଥା, ଓଜନ ବୃଦ୍ଧି ଓ ହ୍ରାସ, ହୃଦସ୍ପନ୍ଦନ ଅସମାନତା, ଚିଡ଼ିଚିଡ଼ାପଣ, ଅନିଦ୍ରା ବା ଅତ୍ୟଧିକ ଶୋଇବା ଆଦି ଲକ୍ଷଣଗୁଡ଼ିକ ଦେଖିବାକୁ ମିଳିଥାଏ।



ଡା. ତନୁଜା ମାଝୀ

**କାହିଁକି ବଢ଼ୁଛି:** ଅନିୟମିତ ଓ ବ୍ୟସ୍ତ ଜୀବନଶୈଳୀ, ଖାଦ୍ୟାଭ୍ୟାସ, ଫାଷ୍ଟଫୁଡ, ଅତ୍ୟଧିକ ଚିନି, ତେଲ, ରାଗ ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା ଆଦି ମୁଖ୍ୟ କାରଣ। ସେହିପରି ଶାରୀରିକ କ୍ରିୟାକଳାପର ଅଭାବ, ନିଦ ପୂରା ନ ହେବା, ଘଣ୍ଟା ଘଣ୍ଟା ଧରି ମୋବାଇଲ୍ ଓ ସ୍କ୍ରିନ୍ ଦେଖିବା ଅଭ୍ୟାସ ଦ୍ୱାରା ନିଦ ଓ ମାନସିକ ଅସ୍ଥୁଳନ ସୃଷ୍ଟି ହୋଇଥାଏ। ସେହିପରି ବର୍ତ୍ତମାନ ସମୟରେ ଯୁବପିଢ଼ି ନିଶା କବଳରେ ଛନ୍ଦି ହୋଇପଡ଼ିଛନ୍ତି। ମଦ୍ୟପାନ ଓ ଧୂମପାନ ଏହି ଦୁଇଟି ବାସ୍ତବରେ ହୃଦ୍‌ରୋଗ, କର୍କଟ ଓ ଅନେକ ଗମ୍ଭୀର ରୋଗ ସୃଷ୍ଟି ହେବାର ମୂଳ କାରଣ।

**ପ୍ରତିକାର:** ଆଧୁନିକ ଜୀବନଶୈଳୀରୁ ସୃଷ୍ଟି ରୋଗ ସମସ୍ୟାକୁ ହ୍ରାସ କରିବା ନିମନ୍ତେ ପ୍ରତିଦିନ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ଖାଇବା ଅଭ୍ୟାସ ସହ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଦିନକୁ ୩୦ ମିନିଟ୍ ବ୍ୟାୟାମ, ଯୋଗ ଓ ପ୍ରାଣାୟମ କରିବା, ମାନସିକ ଶାନ୍ତି ପାଇଁ ଧ୍ୟାନ, ମନ୍ତ୍ର ଉଚ୍ଚାରଣ ଓ ପରିବାର ଓ ବନ୍ଧୁଙ୍କ ସହିତ ସମୟ ବିତାଇବା ନିହାତି ଆବଶ୍ୟକ। ନିଶା ସେବନଠାରୁ ଦୂରେଇବା ଭଲ। ପ୍ରଦୂଷଣମୁକ୍ତ ସୁସ୍ଥ ବାୟୁ ଗ୍ରହଣ କରିବା, ଦୈନିକ ୭ରୁ ୮ ଘଣ୍ଟା ଶୋଇବା, ଚାପମୁକ୍ତ ଆଦି ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ରୋଗମୁକ୍ତ ହୋଇପାରିବା।

ହୋମିଓପାଥି ଚିକିତ୍ସକ, ଝାରବନ୍ଧ, ବରଗଡ଼

# ବ୍ରାଜିଲ୍ ନଟ୍

**ଡ୍ରାଏଫ୍ରୁଟ୍ସ କହିଲେ କାଜୁ, ବାଦାମ, କିସ୍‌ମିସ୍, ଅଖରୋଟ, ପିସ୍ତା ବୋଲି ସମସ୍ତେ ଭାବନ୍ତି। ହେଲେ ପୋଷକତତ୍ତ୍ୱରେ ଭରପୁର ବ୍ରାଜିଲ୍ ନଟ୍ ଏବେ ଡାଏଟରେ ଅଂଶବିଶେଷ ହୋଇଛି। ଦୈନିକ ଏହାକୁ ଖାଇବା ଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ।**

ବ୍ରାଜିଲ୍ ନଟ୍‌ରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ସେଲେନିୟମ ଭରପୁର ମାତ୍ରା ଥାଏ। ତେଣୁ ଏହା ଥାଇରଏଡ୍ ହରମୋନ୍‌ସ୍ତରର ଉନ୍ନତି ପାଇଁ କାର୍ଯ୍ୟ କରେ। ବ୍ରାଜିଲ୍ ନଟ୍ ଖାଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ।



**ସ୍ୱାସ୍ଥ୍ୟ ଉପକାରୀ**

ଖାଦ୍ୟ ହଜମ କରିବାରେ ଏହା ବେଶ୍ ସହାୟକ। ଏହାକୁ ଖାଇବା ଦ୍ୱାରା ଭୋକ କମ୍ କରୁଥିବାରୁ ଓଜନ ହ୍ରାସ ହୁଏ। ତେଣୁ ଦୈନିକ ନିର୍ଦ୍ଦିଷ୍ଟମାତ୍ରାରେ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ବ୍ରାଜିଲ୍ ନଟ୍‌ରେ ଏଲାଜିକ୍ ଏସିଡ୍ ଏବଂ ସେଲେନିୟମ୍ ଥାଏ, ଏହା ମସ୍ତିଷ୍କକୁ ସକ୍ରିୟ ରଖେ। ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ। ଶରୀରକୁ ଶକ୍ତି ଯୋଗାଏ।

# ବର୍ଷାଦିନିଆ ଆଖି ସଂକ୍ରମଣ

**ବର୍ଷାଦିନେ ବାତାବରଣ ଆର୍ଦ୍ରତା ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଦିନେ ଆଖି ସଂକ୍ରମଣ, ଆଖି ଧରିବା, ଆଖି ଲାଲ୍ ହେବା, କୁଣ୍ଡାଇ ହେବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଅଧିକ ଦେଖିବାକୁ ମିଳେ। ତେଣୁ ବର୍ଷାଦିନେ କିପରି ଆଖିର ଯତ୍ନ ନେବେ ଜାଣନ୍ତୁ।**

ବର୍ଷାଦିନେ ସବୁଠୁ ଅଧିକ ଆଖିଧରା ସମସ୍ୟା, ଆଲୁଅ ହେବା, ଆଲର୍ଜି କିମ୍ବା ଆଖି ଶୁଷ୍କ ସମସ୍ୟା ଦେଖାଯାଏ। ଆଖିଧରାର ପ୍ରାଥମିକ ଲକ୍ଷଣରେ ଆଖି କୁଣ୍ଡାଇ ହୁଏ। ପରେ ଆଖି ଧଳା ଅଂଶ ଲାଲ୍ ଦେଖାଯିବା, ଆଖିରୁ ପାଣି ବୋହିବା, ଲେଞ୍ଚରା ବାହାରିବା, ଆଖି ଯନ୍ତ୍ରଣା ହୋଇ ଆଖି ଫୁଲିଯାଏ। ଆଖିରୋଗ ସଂକ୍ରାମକ ହୋଇଥିବାରୁ ଅନ୍ୟମାନଙ୍କୁ ସହଜରେ ବ୍ୟାପିଥାଏ। ତେଣୁ ଏହି ଦିନେ ମଇଳା ପାଣିକୁ ଆଖି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି। ଓଦା ତଉଲିଆରେ ଆଖି ପୋଛିଲେ ସଂକ୍ରମଣ ଆଶଙ୍କା ଅଧିକ ଥାଏ। ତେଣୁ ସଫା ଓ ଶୁଖିଲା ରୁମାଲ କିମ୍ବା ଟିସୁ ବ୍ୟବହାର କରିବା ଆବଶ୍ୟକ। ଆଖିକୁ ବାରମ୍ବାର ହାତ ନ ଲଗାଇ ହାତର ସ୍ୱଚ୍ଛତାକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଗୋଟିଏ ରୁମାଲ କେବଳ ଜଣେ ବ୍ୟବହାର କରିବା ଉଚିତ। ବର୍ଷାରେ ଭିଜିଗଲେ ଆଖିକୁ ସଫା ପାଣିରେ ଧୁଅନ୍ତୁ। କଣ୍ଟାକ୍ଟ ଲେନ୍ସ ପିନ୍ଧିବା ପୂର୍ବରୁ ହାତକୁ ଭଲ ଭାବେ ସଫା କରିବା ଜରୁରି। ଆଖି ସଂକ୍ରମଣ ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କୁ ସମ୍ପର୍କ କରିବା ନିହାତି ଆବଶ୍ୟକ।

# ବର୍ଷେ ବଢ଼ିବ ଅଗରକରଙ୍କ କାର୍ଯ୍ୟକାଳ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଏସିଆ କପ୍ ଦଳ ଚୟନକୁ ନେଇ ବିବାଦରେ ଥିବା ବିସିସିଆଇ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ୧ ବର୍ଷ ବଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୁନ ୨୦୨୩ରେ ଅଧ୍ୟକ୍ଷ ପଦ ସମ୍ଭାଳିଥିବା ଅଗରକର ଦୁଇ ବର୍ଷ ମଧ୍ୟରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ ଭାରତୀୟ ଦଳର ପିଢ଼ିଗତ ପରିବର୍ତ୍ତନ ମଧ୍ୟ ହୋଇଥିଲା। ବିରାଟ କୋହଲି, ରୋହିତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ପ୍ରମୁଖ ଅବସର ନେଇଥିଲେ। ସେହିଭଳି ଶୁବମନ ଗିଲ୍‌ଙ୍କୁ ଟେଷ୍ଟ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଦଳର ନେତୃତ୍ୱ ପ୍ରଦାନ ଭଳି ଏକାଧିକ ଚ୍ୟାଲେଞ୍ଜକୁ ଅଗରକର ସଫଳତାର ସହ ସାମ୍ନା କରିଥିଲେ। ତାଙ୍କରି କାର୍ଯ୍ୟକାଳରେ ଭାରତ ଟି-୨୦ ବିଶ୍ୱକପ୍ ଓ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଥିଲା। ଏହି ସମସ୍ତ ସଫଳତା ଲାଗି ବିସିସିଆଇ ୪୭ ବର୍ଷୀୟ ଅଗରକରଙ୍କ କାର୍ଯ୍ୟକାଳକୁ ୧ ବର୍ଷ ବୃଦ୍ଧି ଲାଗି ଅଫର ଦେଇଥିଲା। ସେ ମଧ୍ୟ ଏହାକୁ ଗ୍ରହଣ କରିଥିବା ଜଣାପଡ଼ିଛି। ସେହିଭଳି ଚୟନ କମିଟିରେ ଥିବା ଓଡ଼ିଶାର ଶିବ ସୁନ୍ଦର ଦାସ, ଅଜୟ ରାତ୍ରା, ସୁବ୍ରତ ବାନାର୍ଜୀ ସେମାନଙ୍କ ପଦ ବଜାୟ ରଖିବାର ସମ୍ଭାବନା ରହିଛି। କିନ୍ତୁ ଏସ୍. ଶରତ କୁଲିଂ ଅଫ୍ ପିରିୟଡ ଲାଗି ଚୟନ କମିଟିରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

# ୩ୟଥର ଲାଗି ବିଏଫ୍ଆଇ ସଭାପତି ହେଲେ ଅଜୟ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଅଜୟ ସିଂ ୩ୟଥର ଲାଗି ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ସଭାପତି ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବହୁପ୍ରତୀକ୍ଷିତ ନିର୍ବାଚନରେ ଅଜୟ ୪୦-୨୬ ଭୋଟରେ ଅଲିମ୍ପିଆନ ଯଶଲାଲ୍ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ସ୍ପାଇସଜେଟ୍ ଏୟାରଲାଇନ୍ସର ନିର୍ଦ୍ଦେଶକ ଥିବା ୫୯ ବର୍ଷୀୟ ଅଜୟ ଏଥିପୂର୍ବରୁ ୨୦୧୬ ଓ ୨୦୨୧ରେ ସଭାପତି ନିର୍ବାଚିତ ହୋଇଥିଲେ। ସେହିଭଳି ଉତ୍ତର ପ୍ରଦେଶର ପ୍ରମୋଦ କୁମାର ସାଧାରଣ ସମ୍ପାଦକ ଓ ତାମିଲନାଡୁର ପୋନ୍ ଭାସ୍କରନ କୋଷାଧ୍ୟକ୍ଷ ଭାବେ ବିଜୟ ହୋଇଛନ୍ତି। ଆଇନଗତ ବିବାଦ ମଧ୍ୟରେ ଛନ୍ଦି ହୋଇଥିବା ବିଏଫ୍ଆଇ ନିର୍ବାଚନ ଗତ ୬ ମାସ ହେବ ସ୍ଥଗିତ ରହିଥିଲା। ଏହି ନିର୍ବାଚନ ପ୍ରଥମେ ମାର୍ଚ୍ଚ ୨୮ରେ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏହାକୁ ନେଇ କୋର୍ଟରେ ଏକାଧିକ ପିଟିଶନ ଦାଖଲ ହେବାରୁ ଶେଷରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ତଥାପି ଆଜିର ନିର୍ବାଚନ ଫଳାଫଳ ଦିଲ୍ଲୀ ହାଇକୋର୍ଟରେ ଚାଲିଥିବା ଏକ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରେ। ବିଏଫ୍ଆଇର ଏକାଧିକ ରାଜ୍ୟ ସଂଘ ହାଇକୋର୍ଟରେ ଏକ କେସ୍ କରିଛନ୍ତି। ଯେଉଁଥିରେ ବିଏଫ୍ଆଇର ଦୈନନ୍ଦିକ କାର୍ଯ୍ୟ ତଦାରଖ କରୁଥିବା ମଧ୍ୟବର୍ତ୍ତୀକାଳୀନ କମିଟି ଦ୍ୱାରା ଆଗତ ସମ୍ବିଧାନ ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି।

## ଏସିଆ କପ୍ ମହିଳା ହକି

# ଭାରତୀୟ ଦଳରେ ସୁନେଲିତା ଏକମାତ୍ର ଓଡ଼ିଆ

ବେଙ୍ଗାଲୁରୁ, ୨୧।୮ (ଏଜେନ୍ସି):



ଏସିଆ କପ୍ ମହିଳା ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ଚାଇନାର ହାଙ୍ଗଝୋଉରେ ଆରମ୍ଭ ହେବ। ଏଥିଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଝାଡ଼ଖଣ୍ଡର ସାଲିମା ଟେଟେଙ୍କୁ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଯୁବ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଗତକାଲି ପୁରୁଷ ଦଳ ଘୋଷଣା ହୋଇଥିବାବେଳେ ଅମିତ୍ ରୋହିଦାସ ଓ ଶିଳାନନ୍ଦ ଲାକ୍ରାଙ୍କୁ ମିଶାଇ ରିଜର୍ଭ ତାଲିକାରେ ନୀଲମ ସଞ୍ଜୀପ ଖେସ୍ ସ୍ଥାନ ପାଇଥିଲେ। କିନ୍ତୁ ମହିଳା ଦଳରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇବା ରାଜ୍ୟ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି।

ଚାଇନାରେ ଖେଳାଯିବାକୁ ଥିବା ଏହି ମେଗା ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ପୁଲ୍-ବି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ରହିଛନ୍ତି। ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ୍-ଏ'ରେ ଆୟୋଜକ ଚାଇନା ସହ ୩ଥରର ବିଜେତା ଦକ୍ଷିଣ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ସ୍ଥାନ ପାଇଛି। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୦ରୁ ସୁପର୍-୪ ଆରମ୍ଭ ହେବ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୪ରେ ଫାଇନାଲ ଅନୁଷ୍ଠିତ ହେବ। ଏସିଆ କପ୍‌ରେ ଯେଉଁ ଦଳ ଚାମ୍ପିଅନ ହେବ ୨୦୨୬ରେ ହେବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଟିକଟ୍ ହାସଲ କରିବ।

**ଭାରତର କାର୍ଯ୍ୟସୂଚୀ**

| ସେପ୍ଟେମ୍ବର ୫ | ସେପ୍ଟେମ୍ବର ୬ | ସେପ୍ଟେମ୍ବର ୮ |
|---|---|---|
| ଭାରତ ବନାମ ଥାଇଲାଣ୍ଡ, ଅପରାହ୍ଣ ୨ଟା ୩୦ | ଭାରତ ବନାମ ଜାପାନ, ରାତି ୬ଟା | ଭାରତ ବନାମ ସିଙ୍ଗାପୁର, ଅପରାହ୍ଣ ୨ଟା ୩୦ |

ଏସିଆ କପ୍ ଇତିହାସରେ ଭାରତୀୟ ମହିଳା ଦଳ ୨ଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ୨୦୦୪ରେ ଦଳ ପ୍ରଥମଥର ଟ୍ରଫି ଜିତିଥିଲା। ଏହାର ୧୩ ବର୍ଷ ପରେ ଶେଷ ଓ ଦ୍ୱିତୀୟଥର ଲାଗି ଚାମ୍ପିଅନ ହୋଇଥିଲା। ତେଣୁ ୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ଟ୍ରଫି ଜିତିବ ବୋଲି ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ଆଶାବାଦୀ ରହିଛନ୍ତି। 'ଏହା କେବଳ ଏକ ସମ୍ମାନଜନକ ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ନୁହେଁ ବରଂ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ସୁବିଧା ରହିଛି। ତେଣୁ ପ୍ରତ୍ୟେକ ମ୍ୟାଚ୍ ଆମ ପାଇଁ ପରୀକ୍ଷା ସଦୃଶ ହେବ' ବୋଲି ହରେନ୍ଦ୍ର କହିଛନ୍ତି।

**ଘୋଷିତ ଭାରତୀୟ ଦଳ**

**ଗୋଲ୍‌ରକ୍ଷକ:** ବନସାରୀ ସୋଲାଙ୍କି, ବିଚ୍ଛୁ ଦେବୀ ଖାରିବାମ୍

**ଡିଫେଣ୍ଡର:** ମନିଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୌଦାମ, ନିକ୍କି ପ୍ରଧାନ, ଇଶିକା ଚୌଧୁରୀ

**ମିଡ୍‌ଫିଲ୍ଡର:** ନେହା, ବୈଷ୍ଣବୀ ଭିଟ୍ଠଲ ଫାଲକେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲରେମସିଆମି, ସୁନେଲିତା ଟପ୍ପୋ

**ଫରୱାର୍ଡ:** ନବନୀତ୍ କୌର, ଋତୁଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ମୁମତାଜ ଖାନ, ଦୀପିକା, ସଙ୍ଗୀତା କୁମାରୀ।

# ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବ ଭାରତ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। 'ନିରପେକ୍ଷ ଭେନ୍ୟୁରେ ମଧ୍ୟ ପାକିସ୍ତାନ ସହ ଆମେ ଦ୍ୱିପାକ୍ଷିକ ସିରିଜ ଖେଳିବୁ ନାହିଁ। ଏହି ନୀତି ଭାରତକୁ ଅଧିକ ଆକ୍ରମଣାତ୍ମକ କରିବ। ଆମକୁ ଉଭୟ ସୀମା ଓ କ୍ରୀଡ଼ାରେ ପାକିସ୍ତାନକୁ ପରାସ୍ତ କରିବାକୁ ପଡ଼ିବ। କିନ୍ତୁ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ରହିଥିବେ ସେଥିରେ ଭାରତୀୟ ଆଥଲେଟଙ୍କୁ ଖେଳିବାକୁ ଅନୁମତି ଦିଆଯିବ। ତେବେ ପୂର୍ବଭଳି ପାକିସ୍ତାନରେ କୌଣସି ମ୍ୟାଚ୍ ଖେଳିବ ନାହିଁ କି ଦ୍ୱିପାକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ ବୋଲି କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ କୁହାଯାଇଛି। ଏହା ସହିତ ଭିସା ନୀତିକୁ ଖେଳାଳି, ଦଳର ଅଧିକାରୀ, ବୈଷୟିକ ଅଧିକାରୀ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଶାସକ ସଂସ୍ଥାର ପଦାଧିକାରୀଙ୍କ ପାଇଁ ସର୍ବାଧିକ ୫ ବର୍ଷ ପାଇଁ ସରଳୀକୃତ କରାଯିବ ବୋଲି ଜଣାପଡ଼ିଛି। କ୍ରୀଡ଼ା ବିଭାଗର ଏହି ନିଷ୍ପତ୍ତି ଫଳରେ ଆଗାମୀ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବା ନେଇ ରାସ୍ତା ଫିଟିଯାଇଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଓ ଏହାପରେ ଭାରତର 'ଅପରେସନ ସିନ୍ଦୁର'କୁ ନେଇ ଦୁଇ ପଡ଼ୋଶୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଥିଲା। ଯେଉଁଥି ପାଇଁ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଖେଳିବ ନାହିଁ ବୋଲି ଆଲୋଚନା ହେଉଥିଲା। ଯାହାର ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ମୁମ୍ବାଇ ରଣଜୀ ଦଳର ନେତୃତ୍ୱ ଛାଡ଼ିଲେ ରାହାଣେ

ମୁମ୍ବାଇ, ୨୧।୮ (ଏଜେନ୍ସି): ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବା ପୂର୍ବରୁ ସେ ମୁମ୍ବାଇ ରଣଜୀ ଟ୍ରଫି ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ରାହାଣେ ଏହି ସୂଚନା ଦେଇଛନ୍ତି। ରାହାଣେ ଏଥିରେ ଉଲ୍ଲେଖ କରିଛନ୍ତି, 'ମୁମ୍ବାଇ ଦଳର ନେତୃତ୍ୱ ନେବା ଓ ଟ୍ରଫି ଜିତିବା ସମ୍ପୂର୍ଣ୍ଣ ଭାବେ ସମ୍ମାନର ବିଷୟ। ଆଗକୁ ନୂଆ ଘରୋଇ ସିଜନ ଆସୁଛି। ମୁଁ ଭାବୁଛି ଜଣେ ଯୁବ ନେତୃତ୍ୱଙ୍କୁ ସୁଯୋଗ ଦେବାର ଏହା ଉପଯୁକ୍ତ ସମୟ। ତେଣୁ ମୁଁ ଅଧିନାୟକ ପଦ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଏବେ ଜଣେ ଖେଳାଳି ଭାବେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଓ ଟ୍ରଫି ଜିତିବାକୁ ଦଳ ସହ ଯାତ୍ରା ଜାରି ରଖିବି।'



ରାହାଣେଙ୍କ ନେତୃତ୍ୱରେ ମୁମ୍ବାଇ ୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ୨୦୨୩-୨୪ ସିଜନରେ ରଣଜୀ ଟ୍ରଫି ଚାମ୍ପିଅନ ହୋଇଥିଲା। ଯାହାକି ମୁମ୍ବାଇର ୪୨ତମ ରଣଜୀ ଟାଇଟଲ୍ ଥିଲା। ରାହାଣେଙ୍କ ପରେ ଏବେ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ଦଳର ନେତୃତ୍ୱ ନେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

# ଇଂଲଣ୍ଡ ବିଶ୍ୱକପ୍ ଦଳରେ ସ୍ଥାନ ପାଇଲେନି କେଟୀ

ଲଣ୍ଡନ, ୨୧।୮ (ଏଜେନ୍ସି): ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ଲାଗି ଗୁରୁବାର ୪ଥରର ବିଜେତା ଇଂଲଣ୍ଡ ପକ୍ଷରୁ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ନାତାଲୀ ସ୍କିଭର-ବ୍ରଣ୍ଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଇଂଲଣ୍ଡର ସବୁଠୁ ଅଭିଜ୍ଞ ଦ୍ରୁତ ବୋଲର୍ କେଟୀ କ୍ରସ୍ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା କେଟୀ ୭୬ ଏକଦିବସୀୟ ମ୍ୟାଚ୍ ଖେଳି ୪.୪୫ ଇକୋନୋମୀରେ ୧୦୧ଟି ୱିକେଟ୍ ନେଇଛନ୍ତି। ଅପରପକ୍ଷରେ ପୂର୍ବତନ ଅଧିନାୟିକା ହେଥର ନାଇଟ୍, ସାରା ଗ୍ଲେନ ଓ ଡାନି ୱାଟ-ହୋଡଗେଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ମାଂଶପେଶୀରେ ଆଘାତ ଲାଗି ହେଥର ଗତ ମେ'ରୁ ଦଳରୁ ଦୂରେଇ ରହିଥିଲେ। ସେହିଭଳି ଗତ ଭାରତ ବିପକ୍ଷ ସିରିଜରେ ଗ୍ଲେନ ଓ ଡାନିଙ୍କୁ ସୁଯୋଗ ମିଳି ନ ଥିଲା। ଅକ୍ଟୋବର ୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଇଂଲଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ୨୦୨୨ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠୁ ହାରି ଇଂଲଣ୍ଡ ଉପବିଜେତା ରହିଥିଲା।

**ଇଂଲଣ୍ଡ ଦଳ:** ନାତାଲୀ ସ୍କିଭର-ବ୍ରଣ୍ଟ (ଅଧିନାୟିକା), ଇମା ଆର୍ଲୋଟ, ତାମି ବିଉମଣ୍ଟ, ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ, ସୋଫିଆ ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ସାରା ଗ୍ଲେନ, ଆମି ଜୋନ୍ସ, ହେଥର ନାଇଟ୍, ଇମା ଲାମ୍ବା, ଲିନସୀ ସ୍ମିଥ ଓ ଡାନି ୱେଟ-ହୋଡଗେ।

## ■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ


# ରଶ୍ମୀତାଙ୍କୁ ସ୍ୱର୍ଣ୍ଣ, ନରିମ୍‌ଙ୍କୁ ରୌପ୍ୟ





କଟକ,୨୧।୮ (ସମିସ): ଶ୍ରୀନଗରରେ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ପୁରୁଷ ବର୍ଗର କାୟାକିଂ-୧ ଏକ ହଜାର ମିଟର ଇଭେଣ୍ଟରେ ନରିମ ଯମେଶ ସିଂହ ରୌପ୍ୟ ଜିତିଥିଛନ୍ତି। ସେହିଭଳି କାନୋଇଂ-୧ ମହିଳା ୨୦୦ ମିଟର ଇଭେଣ୍ଟରେ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ଜଣ ଖେଳାଳି ଭାଗ ନେଇଛନ୍ତି। ମୋଟ ୧୨ଟି ଯାକ ଇଭେଣ୍ଟରେ ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବେ। ଦଳର ପଦକ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

# ଜାତୀୟ ଅଶୀଚାଳନା ମହାସଂଘ କୋଷାଧ୍ୟକ୍ଷ ହେଲେ ଦେବେନ୍ଦ୍ର



କଟକ,୨୧।୮ (ସମିସ): ଜାତୀୟ ଅଶୀଚାଳନା ମହାସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ନୈନିତାଲରେ ଜାତୀୟ ମହାସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଦେବେନ୍ଦ୍ରଙ୍କୁ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ, କାର୍ଯ୍ୟକାରୀ ସଭାପତି ଡଃ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ, ଶଶୀକାନ୍ତ ନାୟକ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉକି, ସତ୍ୟେଜ ଦ୍ୟାନଦେଓ ପାଟିଲ ସଭାପତି ଓ ରାଜୀବ ମେହଟା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଆନ୍ତଃସ୍କୁଲ ଟିଟି: ଗୁରୁ ନାନକ, କେଭି ନଂ-୧ ଚାମ୍ପିଅନ



କଟକ,୨୧।୮ (ସମିସ): ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ଖେଳାଯାଉଥିବା ୬ଷ୍ଠ ଆନ୍ତଃସ୍କୁଲ ଟେବଲ ଟେନିସ ଚାମ୍ପିଅନସିପ ଶେଷ ହୋଇଛି। ସିନିଅର ବାଳିକା ବର୍ଗରେ କଟକର ଗୁରୁ ନାନକ ପବ୍ଲିକ ସ୍କୁଲ, ବାଳକ ବର୍ଗରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ସ୍କୁଲ, ଜୁନିଅର ବାଳକ ବର୍ଗରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ବାଳିକା ବର୍ଗରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ଚାମ୍ପିଅନ ହୋଇଛି। ଏଠାରେ ୩୦ତମ ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଂ ଟେବଲ ଟେନିସ୍ ଚାମ୍ପିଅନସିପ ଶୁକ୍ରବାରଠାରୁ ଆରମ୍ଭ ହେବ।

ସିନିୟର ବାଳିକା ବର୍ଗର ଫାଇନାଲରେ ଗୁରୁ ନାନକ ପବ୍ଲିକ ସ୍କୁଲ ୩-୦ ଗେମରେ ଷ୍ଟିୱାର୍ଟ ସ୍କୁଲକୁ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଶ୍ୱେତା ବର୍ମା, ଉର୍ଜ୍ଜା ବର୍ମା ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ଇଭେଣ୍ଟରେ ଏକତରଫା ଭାବେ ଜିତି ନିଜ ସ୍କୁଲକୁ ଚାମ୍ପିଅନ କରାଇଥିଲେ। ସେହିପରି ସିନିୟର ବାଳକ ବର୍ଗର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ୩-୦ ଗେମ୍‌ରେ ଖ୍ରୀଷ୍ଟ କଲିଜିଏଟ ସ୍କୁଲକୁ ହରାଇଥିଲା। ରୁଦ୍ର ଗୌଡ ଓ ରତିକାନ୍ତ ଗୌଡ ଦଳ ପାଇଁ ବିଜୟୀ ପଏଣ୍ଟ ହାସଲ କରିଥିଲେ। ଜୁନିୟର ବାଳକ ବର୍ଗର ଫାଇନାଲରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ୩-୧ ଗେମ୍‌ରେ ଡିପିଏସ୍ କଳିଙ୍ଗକୁ ହରାଇଥିଲା। ଡିପିଏସ୍ କଳିଙ୍ଗ ପକ୍ଷରୁ ହିତେଶ ଅଗ୍ରୱାଲ ଏକମାତ୍ର ଗେମ୍ ପଏଣ୍ଟ ହାସଲ କରିଥିବା ବେଳେ ବିଜୟୀ ନ୍ୟୁ ଷ୍ଟିୱାର୍ଟର ସୟଦ ଅର୍ଶ ଅଲ୍ଲୀ ଏକୁଟିଆ ୩ ଗେମ୍ ପଏଣ୍ଟ ଜିତିଥିଲେ। ଜୁନିୟର ବାଳିକା ବର୍ଗର ଫାଇନାଲରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ୩-୧ ଗେମ୍‌ରେ ପୁରୀ ଜିଲ୍ଲା ସ୍କୁଲକୁ ପରାସ୍ତ କରିଥିଲା। ପୁରୀର ଶ୍ରୀତିଜା ଚୌଧୁରୀ ଗୋଟିଏ ଗେମ୍‌ରେ ବିଜୟୀ ହୋଇଥିବା ବେଳେ ଅନ୍ୟ ୩ଟି ଗେମ୍‌ରେ ଡିଏଭିର ନିଳାକ୍ଷୀ ବସ୍ତିଆ ଓ ଆରାଧ୍ୟା ସାହୁ ବିଜୟୀ ହୋଇଥିଲେ।

## ଜାତୀୟ ଜୁନିଅର ପୁରୁଷ ହକି

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୨୧।୮ (ସମିସ):

ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଓଡ଼ିଶା ଦଳ ୩-୨ ଗୋଲ୍‌ରେ ଘରୋଇ ପଞ୍ଜାବକୁ ମାତ୍ ଦେଇ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି। ପ୍ରତାପ ଟପ୍ପୋ ୨ଟି ଗୋଲ୍ ଦେଇ ବିଜୟରେ ନାୟକ ସାଜିଥିଲେ। ଓଡ଼ିଶା ଏବେ ସ୍ୱର୍ଣ୍ଣ ପଦକ ଲାଗି ହରିୟାଣା ସହ ଶନିବାର ମୁକାବିଲା କରିବ। ଅନ୍ୟ ଏକ ସେମିଫାଇନାଲରେ ହରିୟାଣା ୩-୦ ଗୋଲରେ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ସେହିଭଳି ସେମିଫାଇନାଲର ଦୁଇ ପରାଜିତ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

ଗୁରୁବାର ଅପରାହ୍ଣରେ ଘରୋଇ ପଞ୍ଜାବ ଓ ଓଡ଼ିଶା ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମ ମିନିଟରେ ହିଁ ଓଡ଼ିଶାକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପ୍ରତାପ ଏହାର ଭରପୁର ଫାଇଦା ଉଠାଇ ବଲ୍‌କୁ ପଞ୍ଜାବ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ସେହି ପ୍ରଥମ କ୍ୱାର୍ଟରରେ ହିଁ ପଞ୍ଜାବ ଗୋଲଟି ଶୁଝାଇ ଦେଇଥିଲା। ୧୨ତମ ମିନିଟରେ ଗୁରଶେୱାକ ସିଂହ ଏହି ଗୋଲ୍‌ଟି ଦେଇଥିଲେ। ଏହାର ୩ ମିନିଟ୍ ପରେ ପ୍ରତାପଙ୍କ ଷ୍ଟିକ୍ସରୁ ଏକ ଫିଲ୍ଡ ଗୋଲ୍ ବାହାରିଥିଲା। ଯାହା ଫଳରେ ପ୍ରଥମ ୧୫ ମିନିଟ୍‌ରେ ଓଡ଼ିଶା ୨-୧ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ୩ୟ କ୍ୱାର୍ଟରରେ ପଞ୍ଜାବ କମବ୍ୟାକ୍ କରିଥିଲା। ୪୪ତମ ମିନିଟରେ ମନମିତ୍ ସିଂହ ରାଲ୍‌ଙ୍କ ଗୋଲ୍ ମ୍ୟାଚକୁ ୨-୨ର ବରାବର୍‌ସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ ଶେଷ ହେବାକୁ ୨ ମିନିଟ୍ ବାକି ଥିବାବେଳେ କରନ ଲାକ୍ରା ଓଡ଼ିଶା ପାଇଁ ବିଜୟ ସୂଚକ ୩ୟ ଗୋଲଟି ଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS